

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୪ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 OCTOBER 2020
Vol.No. 30 ■ No. 271 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj

2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


# ଓଡ଼ିଶାରେ କମୁଛି କରୋନା ସଂକ୍ରମଣ

## ୨୪ ଘଂଟାରେ ୧୭୯୩ ନୂଆ ଆକ୍ରାନ୍ତ, ୧୮ ମୃତ



ଭୁବନେଶ୍ୱର,୨୩।୧୦ (ନି.ପ୍ର): ଓଡ଼ିଶାରେ ଗତ କିଛି ଦିନ ହେଲା ଦୈନିକ କରୋନା ସଂକ୍ରମଣ କମିବାରେ ଲାଗିଛି । ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୧୭୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୭୭୮୮୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୫୭୦୪୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୯୫୭୯ରହିଛି । ଆଜି ଚିହ୍ନଟ ହୋଇଥିବା ୧୭୯୩ ଜଣଙ୍କ ମଧ୍ୟରୁ ୧୦୩୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୨୦୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୦୭ , ବାଲେଶ୍ୱର ଜିଲ୍ଲାରେ ୪୦ ଜଣ, ବରଗଡ ଜିଲ୍ଲାରେ ୬୧ , ଭଦ୍ରକ ଜିଲ୍ଲାରେ ୬୮, ବଲାଙ୍ଗିର ଜିଲ୍ଲାରେ ୭୬, ବୌଦ୍ଧ ଜିଲ୍ଲାରେ ୪ ,କଟକ ଜିଲ୍ଲାରେ ୧୬୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୮. ଢେଙ୍କାନାଳ ଜିଲ୍ଲାରେ ୨୨, ଗଜପତି ଜିଲ୍ଲାରେ ୧୧, ଗଂଜାମ ଜିଲ୍ଲାରେ ୧୬, ଜଗତସିଂହପୁର ଜିଲ୍ଲାରେ ୫୨, ଯାଜପୁର ଜିଲ୍ଲାରେ ୭୬ . ଝାରସୁଗୁଡା ଜିଲ୍ଲାରେ ୫୩, କଳାହାଣ୍ଡି ଜିଲ୍ଲାରେ ୪୫, କନ୍ଧମାଳ ଜିଲ୍ଲାରେ ୨୦, କେନ୍ଦ୍ରାପଡା ଜିଲ୍ଲାରେ ୬୧ ,କେନ୍ଦୁଝର ଜିଲ୍ଲାରେ ୬୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୩୪ ଜଣ, ମାଲକାନଗିରି ଜିଲ୍ଲାରେ ୩୪, ମୟୁରଭଂଜ ଜିଲ୍ଲାରେ ୧୦୪, ନବରଙ୍ଗପୁରରେ ୬୫, ନୟାଗଡ ଜିଲ୍ଲାରେ ୩୪, ନୂଆପଡା ଜିଲ୍ଲାରେ ୮୪, ପୁରୀ ଜିଲ୍ଲାରେ ୮୨,

▶▶ପୃଷ୍ଠା ୭

## ଉପ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା

ଭୁବନେଶ୍ୱର,୨୩।୧୦ (ନି.ପ୍ର): କୋଭିଡ -୧୯ ମହାମାରୀ ମଧ୍ୟରେ ହେଉଥିବା ଉପ ନିର୍ବାଚନ କାମରେ ନିୟୋଜିତ ହେଉଥିବା ପୋଲିଂଗ କର୍ମଚାରୀ ଓ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳର ଜବାନ ମାନେ ଯଦି କୋଭିଡରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି ତେବେ ସେମାନଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୩୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆ ଯିବ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ଏହା ବ୍ୟତୀତ ଉପ ନିର୍ବାଚନ କାମରେ ନିୟୋଜିତ ଥିବା ଭାରତ ଇଲେକ୍ଟ୍ରୋନିକ୍ସ

▶▶ପୃଷ୍ଠା ୭

## ଯୋଗାଣ ମନ୍ତ୍ରୀଙ୍କ ବିବେକହୀନ ମନ୍ତବ୍ୟକୁ ବିଜେପିର ନିନ୍ଦା



ବାଲେଶ୍ୱର,୨୩।୧୦ (ନି.ପ୍ର): ସଦର ବିଧାୟକ ମଦନ ମୋହନ ଦତ୍ତ(ମଣ୍ଟୁ)ଙ୍କ ମୃତ୍ୟୁ ବିଜେଡି ପାଇଁ ଭଗବାନଙ୍କ ଆଶୀର୍ବାଦ ବୋଲି ବାଲେଶ୍ୱରରେ ନିର୍ବାଚନ ପ୍ରଚାର ବେଳେ ରାଜ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମିଡିଆ ଆଗରେ କହିବା ଘଟଣାକୁ ଜିଲ୍ଲା ବିଜେପି ତୀବ୍ର ନିନ୍ଦା କରିଛି ।ଏନେଇ ଆଜି ସଂଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମାନସ ଦତ୍ତ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଟିପ୍ପଣୀକୁ ନେଇ ଉଦବେଗ ପ୍ରକାଶ ସହ ସାମ୍ପ୍ରତିକ ରାଜନୀତି ମାନବିକତାର ଉର୍ଦ୍ଧ୍ୱକୁ ଚାଲିଗଲା ବୋଲି କହି ଉଦବେଗ ପ୍ରକାଶ କରିଛନ୍ତି । ତାଙ୍କ ବାପା ଅର୍ଥାତ ସ୍ୱର୍ଗତ ମଦନ ମୋହନ ଦତ୍ତ ଜଣେ ଲୋକପ୍ରିୟ ନେତା ଥିଲେ । ସକାଳଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସେ କେବଳ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ଏମିତିକି ଘର ପରିବାର କଥା ସେ ଭୁଲି ଯାଉଥିଲେ ବୋଲି ପୁତ୍ର ମାନସ କହିଛନ୍ତି । ଭୋଟ ପାଇଁ ବିଜେଡି ପକ୍ଷରୁ ତାଙ୍କର ସ୍ୱର୍ଗବାସୀ ପିତାଙ୍କୁ ବାଲେଶ୍ୱର ବିକାଶରେ ବାଧକ ବୋଲି କହିବା ଓ ମନ୍ତ୍ରୀ ତାଙ୍କର ସ୍ୱର୍ଗବାସକୁ ଭଗବାନଙ୍କ ଆଶୀର୍ବାଦ

▶▶ପୃଷ୍ଠା ୭

## କଟକ ସହରରୁ ଆଜି ୭୪ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୩।୧୦ (ନି.ପ୍ର): ଗତ ୨୪ ଘଂଟାରେ କଟକ ସହରରୁ ମୋଟ ୭୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । କଟକ ମହାନଗର ନିଗମ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ଏଥିରେ କୁହା ଯାଇଛି ଯେ ଆଜି ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ସଂଗରୋଧରୁ ୩୩ ଜଣ ଓ ସ୍ଥାନୀୟ ଅଂଚଳରୁ ୪୧ ଜଣ ଅଛନ୍ତି । ସୂଚନାଯୋଗ୍ୟ, ଆଜି କଟକ ଜିଲ୍ଲାରୁ ମୋଟ ୧୬୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରେ କଟକ ସହରରୁ ୭୪ ଜଣ ଅଛନ୍ତି । ଏ ଯାଏ କଟକ ସହରରୁ ୧୪ ହଜାର ୪୨୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୩ ହଜାର ୪୮୩ ଜଣ ସୁସ୍ଥ ହୋଇସାରିଛନ୍ତି । କିନ୍ତୁ ୮୭୫ ଜଣ ଚିକିତ୍ସାଧୀନ ଥିବା ବେଳେ ୬୬ ଜଣଙ୍କର ମୃତ୍ୟୁ ହୋଇଛି ।

## ରାଜ୍ୟରେ ଆଉ ୨୩୭୭ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୨୩।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଆଉ ୨୩୭୭ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

## ୪ ଆଇଆଇସିଙ୍କୁ ମିଳିଲା କରୋନା ମହାଯୋଦ୍ଧା ସମ୍ମାନ

ଭୁବନେଶ୍ୱର,୨୩।୧୦ (ନି.ପ୍ର): ଶୁକ୍ରବାର ଉତ୍କଳୀୟମ ଫାଉଣ୍ଡେସନ ପକ୍ଷରୁ ୪ ଆଇଆଇସିଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ କରୋନା ମହାଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଛି । ବିପତି ସମୟରେନିଜ ଜୀବନକୁ ବାଜି ଲଗାଇ ସାଧାରଣ ଲୋକଙ୍କୁ ସାହାଯ୍ୟ, ସହଯୋଗ ପ୍ରଦାନ କରି ଏମାନେ ବେଶ୍ ପ୍ରଶଂସା ସାଉଟିଛନ୍ତି । ଏହି ଅବସରରେ ଖଣ୍ଡଗିରି ଥାନା ଆଇଗିଣିଆ କମ୍ୟୁନିଟି ସଭା ଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି । ଏଥିରେ ସଙ୍ଗଠନର ଅଧ୍ୟକ୍ଷ ରାଜିବ ଲୋଚନ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ସଭାପତି ପ୍ରଶନ୍ନ ସ୍ୱାଇଁ ସଂଯୋଜନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି ପ୍ରାଣକୃଷ୍ଣ ରାଉତ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ ସମ୍ମାନିତ ଅତିଥି ଭାବେ ସଙ୍ଗଠନର ରାଜ୍ୟ ସଂଯୋଜକ ସାଗରିକା ମହାନ୍ତି, ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ସାହୁ, ସାର ପବ୍ଲିକ ସ୍କୁଲର ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅତିରିକ୍ତ ଡିସିପି ପ୍ରାଣକୃଷ୍ଣ ରାଉତ, ତମାଣ୍ଡୋ ଥାନା ଅଧିକାରୀ ପ୍ରମୋଦ କୁମାର ପଟ୍ଟନାୟକ, ଜଟଣୀ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ, ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର କୁମାର ରାଉତ, ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ, ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ସାମ୍ବାଦିକ ଏସ୍ ରାଜିବ ଗୌରବ,ଡକ୍ଟର ଅନ୍ତର୍ଯ୍ୟାମୀ ବେହେରା, ବନିତା ଦାସ, ପ୍ରଜ୍ଞା ରାଉତ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନ ଭର୍ଚୁଆଲ ରାଲିରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

## ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସମ୍ବେଦନଶୀଳ ହୁଅନ୍ତୁ ରାଜ୍ୟ ସରକାର : ଧର୍ମେନ୍ଦ୍ର





ଭୁବନେଶ୍ୱର/ଜଗତସିଂହପୁର, ୨୩।୧୦ (ନି.ପ୍ର): ମୋଦି ସରକାର କରୋନା ସମୟରେ ଓଡ଼ିଶା ପାଇଁ ୨୨ ହଜାର ୨୬୭ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଦେଇ ସମ୍ବେଦନଶୀଳ ସରକାରର ପରିଚୟ ଦେଇଥିବା ବେଳେ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ଚରମ ସୀମାରେ ପହଞ୍ଚିଛି । ଏହା ରାଜ୍ୟ ସରକାରଙ୍କ ସମ୍ବେଦନହୀନତାର ପରାକାଷ୍ଠା ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତେବେ ଲୋକଙ୍କ ସ୍ୱାସ୍ଥ୍ୟସେବା ପ୍ରତି ରାଜ୍ୟ ସରକାର ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନ ପାଇଁ ଦଳ ପକ୍ଷରୁ ଆୟୋଜିତ ଭର୍ଚୁଆଲ ରାଲିରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱ ଏକ ଅଭାବନୀୟ ପରିସ୍ଥିତି

▶▶ପୃଷ୍ଠା ୭


DADLS-58

"ପବିତ୍ର ବିଜୟା ଦଶମୀ – ୨୦୨୦"
ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟର ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର କାର୍ଯ୍ୟ କରନ୍ତୁ ବୋଲି ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

OIPR 15001/13/0094/2021

DADLS-58

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପୂଜା ଅଭିନନ୍ଦନ

ମାତୃଶକ୍ତିର ଆରାଧନା ଆମ ସଂସ୍କୃତିର ଅନନ୍ୟ ବିଭବ । ଆଶ୍ୱିନରେ ମା'ଙ୍କର ଧରାବତରଣ ଚାରିଆଡେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି । ପବିତ୍ର ଦଶହରା ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷ କରୋନା ମହାମାରୀ ସାରା ବିଶ୍ୱରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି । ସମସ୍ତଙ୍କ ମିଳିତ ଉଦ୍ୟମରେ ରାଜ୍ୟରେ ସଂକ୍ରମଣ ନିମ୍ନଗାମୀ ହେଉଥିଲେ ମଧ୍ୟ ପାର୍ବଣ ଋତୁରେ ଆମକୁ ସଂପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାକୁ ହେବ ।

ତେଣୁ ଚଳିତ ବର୍ଷ ନିରାଡମ୍ବର ଭାବରେ ମା'ଙ୍କ ପୂଜା କରିବା ସହିତ ଭିଡ ନ କରିବା, ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଆଦି ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।

ସଂପୂର୍ଣ୍ଣ ସାବଧାନତା ସହିତ ନିରାଡମ୍ବର ପୂଜା ହିଁ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/13/0094/2021

DADLS-58

ଶାରଦୀୟ ଦୁର୍ଗାପୂଜା–୨୦୨୦ ଅବସରରେ ବାର୍ତ୍ତା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ରାଜ୍ୟବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସମ୍ପ୍ରତି କରୋନା ମହାମାରୀର ମୁକାବିଲା ପାଇଁ ଜାରି ହୋଇଥିବା କଟକଣା ମଧ୍ୟରେ ଚଳିତ ବର୍ଷର ଶାରଦୀୟ ଉତ୍ସବ ଓ ଜଗଜ୍ଜନନୀ ମା' ଦୁର୍ଗାଙ୍କର ପୂଜାର୍ଚ୍ଚନାର ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମା' ଦୁର୍ଗାଙ୍କର ଧରାବତରଣକୁ ଆପଣମାନେ କରୋନା କଟକଣା ମାନି ପାଳନ କରିବାକୁ ମୁଁ ଅନୁରୋଧ କରୁଛି ।

ସଂସାରରୁ କରୋନା ଭୂତାଣୁର ବିନାଶ ହୋଇ ସ୍ୱାଭାବିକ ଓ ପୂର୍ବବତ୍ ଚଳଚଂଚଳ ଜୀବନଯାପନ ଫେରାଇ ଆଣିବା ପାଇଁ ଦୁର୍ଗତିନାଶିନୀ, ଶକ୍ତି ପ୍ରଦାୟିନୀ ମା' ଦୁର୍ଗା ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ, ସହାୟ ହୁଅନ୍ତି, ଏହାହିଁ ମୋର କାମନା ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

OIPR 15001/13/0094/2021


## ଓଡ଼ିଶା କ୍ୟାଡରର ପୂର୍ବତନ ଆଇଏଏସ୍ ଡ. ବି. ଭେଙ୍କଟରମଣଙ୍କ ପରଲୋକ

ଭୁବନେଶ୍ୱର,୨୩।୧୦ (ନି.ପ୍ର): ଓଡ଼ିଶା କ୍ୟାଡରର ପୂର୍ବତନ ଆଇଏଏସ୍ ଅଧିକାରୀ ଡ. ବି. ଭେଙ୍କଟରମଣଙ୍କ ଦିଲ୍ଲୀସ୍ଥିତ ଆପୋଲୋ ହସ୍‌ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା । ୧୯୫୦ ବ୍ୟାଚ୍‌ର ଏହି ପୂର୍ବତନ ପ୍ରଶାସକ ଓଡ଼ିଶାର ବୌଦ୍ଧ, କେଉଁଝର ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ସହ ଓଡ଼ିଶାର ପର୍ଯ୍ୟଟନ ଓ ସଂସ୍କୃତି ଏବଂ ଗୃହ ବିଭାଗର ସଚିବ ଭାବେ କାର୍ଯ୍ୟ କରିଥିଲେ । ସେ ମଧ୍ୟ ୧୯୮୦ ମସିହା ଫେବୃଆରୀ ମାସରେ ଏକ ମାସ ପାଇଁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ଭାବେ ଡ. ଭେଙ୍କଟରମଣ କାର୍ଯ୍ୟ କରିଥିଲେ । ଓଡ଼ିଶାରେ ତାଙ୍କର କାର୍ଯ୍ୟକାଳ ସମୟରେ ଭୁବନେଶ୍ୱରସ୍ଥିତ ମ୍ୟୁଜିୟମ୍‌ରେ ତାଳପତ୍ର ପୋଥିର ସଂରକ୍ଷଣ, ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର ଏବଂ ଭରତେଶ୍ୱର ଭଳି ପୁରାତନ ମନ୍ଦିରଗୁଡ଼ିକର ପୁନରୁଦ୍ଧାର ପାଇଁ ସେ ପଦକ୍ଷେପ ନେଇଥିଲେ । ଫୁଲବାଣୀ ସହରକୁ ପାନୀୟ ଜଳ ଯୋଗାଣ ଓ କେନ୍ଦୁଝର କଲେଜ ସ୍ଥାପନ ପାଇଁ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ।

# ମୋବାଇଲ୍ ଆପ୍ ମାଧ୍ୟମରେ ରେଳବାଇ କର୍ମଚାରୀ ଓ ରେଳ ପ୍ରଶାସନ ମଧ୍ୟରେ ସିଙ୍ଗଲ୍ ୱିଣ୍ଡୋ ଯୋଗାଯୋଗ

ଭୁବନେଶ୍ୱର,୨୩।୧୦ (ନି.ପ୍ର): ପୂର୍ବତଟ ରେଳପଥର କର୍ମଚାରୀମାନେ ବର୍ତ୍ତମାନ ମୋବାଇଲ୍ ଆପ୍ ମାଧ୍ୟମରେ ସେମାନଙ୍କ ସେବା ସହ ଜଡ଼ିତ ତଥ୍ୟ ଏବଂ ନଥିପତ୍ର ଗୁଡ଼ିକ ଦେଖିପାରିବେ ଏବଂ ଆବଶ୍ୟକ ହେଲେ କୌଣସି ପରିବର୍ତ୍ତନ ପାଇଁ ପ୍ରଶାସନ ସହିତ ଏହା ଦ୍ୱାରା ଯୋଗାଯୋଗ କରିପାରିବେ । ଏହି ମୋବାଇଲ୍ ଆପ୍ଲିକେସନ ମାଧ୍ୟମରେ ରେଳବାଇ କର୍ମଚାରୀମାନେ ରେଳବାଇରେ ଯୋଗଦେବା ତାରିଖରୁ ସେମାନଙ୍କର ସେବା ଇତିହାସ ତଥ୍ୟ ଦେଖିପାରିବା ସହ ତାଙ୍କର ବେତନ ବୃଦ୍ଧି, ପଦୋନ୍ନତି, ପୁରସ୍କାର, ସ୍ଥାନାନ୍ତର, ନୂତନ ପଦବୀରେ ଯୋଗଦେବା, ଛୁଟି, ତାଲିମ ଏବଂ ରେକର୍ଡ଼ ଅନୁଯାୟୀ ପରିବାରର ଗଠନ ଏବଂ ଅବସରକାଳୀନ ସୁବିଧା ପାଇଁ ପରିବାର ସଭ୍ୟ ଚୟନ ଇତ୍ୟାଦିକୁ ଦେଖିପାରିବା ସହିତ ଏହାର ସଂଶୋଧନ କରିବା ପାଇଁ ଯୋଗାଯୋଗ କରିପାରିବେ । ଏହି ପ୍ରୟୋଗ ରେଳ କର୍ମଚାରୀ ଏବଂ ପ୍ରଶାସନ ମଧ୍ୟରେ ଯୋଗାଯୋଗ ପାଇଁ ଏକକ ୱିଣ୍ଡୋ ବ୍ୟବସ୍ଥା ହୋଇପାରିବ । ପୂର୍ବତଟ ରେଳପଥର କର୍ମଚାରୀଙ୍କ ସେବା ରେକର୍ଡ଼ ସହିତ ଜଡ଼ିତ ତଥ୍ୟର ଅନ୍ତର୍ଭୁକ୍ତ କରାଇବା ଏବଂ ଏହାର ବୈଧତାର ଏକ ବିସ୍ତୃତ ବ୍ୟାଖ୍ୟାୟନ କରାଯାଇପାରିବ । ରେଳ କର୍ମଚାରୀ ମାନଙ୍କର ପ୍ରାୟ ୯୫ ଶତକଡ଼ା ସେବା ତଥ୍ୟ ଏବେ ସୁଦ୍ଧା ଏହି ମଡ୍ୟୁଲରେ ଅନ୍ତର୍ଭୁକ୍ତ କରାଯାଇ ପାରିଛି । କର୍ମଚାରୀ ମାନଙ୍କର ପ୍ରୋଫାଇଲ୍ ଏବଂ ସେମାନଙ୍କର ସେବା ରେକର୍ଡ଼ର ସ୍କାନ୍ ହୋଇଥିବା କପି ଗୁଡ଼ିକର ସୂଚନା ବ୍ୟତୀତ କର୍ମଚାରୀମାନେ ଇ-ଏପିଆର୍ (ବାର୍ଷିକ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟ) ମଧ୍ୟ ଦେଖିପାରିବେ ଯାହାକି ନିକଟରେ କାର୍ଯ୍ୟକାରୀ ହୋଇଛି ।ଏହି ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ଅଟେ ଏବଂ ଭାରତୀୟ ରେଳବାଇ କର୍ମଚାରୀ ମାନଙ୍କ ପାଇଁ ଉପଲବ୍ଧ ଏଚଆରଏମଏସ ମୋବାଇଲ୍ ଆପ୍ ଦ୍ୱାରା ବ୍ୟବହାର କରିହେବ । ରେକର୍ଡ଼ଗୁଡ଼ିକ ଅନ୍ତର୍ଭୁକ୍ତ କରାଇବାକୁ କର୍ମଚାରୀମାନେ ସେମାନଙ୍କର ଆଇପିଏଏସ୍ ନମ୍ବର କିମ୍ବା ପ୍ରୋଭିଡେଂଟ ଫଣ୍ଡ ନମ୍ବର ପଞ୍ଜିକରଣ କରିବା ଆବଶ୍ୟକ । ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ଏକ ଓଟିପି ନମ୍ବର ରେଳ ରେକର୍ଡ଼ରେ ଉପଲବ୍ଧ ଥିବା କର୍ମଚାରୀ ମାନଙ୍କ ମୋବାଇଲ୍ ନମ୍ବରକୁ ପଠାଯିବ । ପଂଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ କର୍ମଚାରୀ ନିଶ୍ଚିତ ଭାବରେ ଓଟିପି ନମ୍ବରକୁ ଅନ୍ତର୍ଭୁକ୍ତ କରାଇବେ । ଯଦି କର୍ମଚାରୀଙ୍କ ମୋବାଇଲ୍ ନମବର ଉପଲବ୍ଧ ନାହିଁ, ତେବେ କର୍ମଚାରୀମାନେ ପୂର୍ବତଟ ରେଳପଥର ସମ୍ପୃକ୍ତ କାର୍ମିକ ବିଭାଗ ସହିତ ଯୋଗାଯାଗ କରିପାରିବେ।

## ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା,୨୩।୧୦ (ନି.ପ୍ର): ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

# ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀମାନଙ୍କ ସମ୍ମିଳନୀ

## ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କ ନିମନ୍ତେ କରୋନା କାଳର ପଞ୍ଜିକା ଉନ୍ମୋଚିତ

ଭୁବନେଶ୍ୱର,୨୩।୧୦ (ନି.ପ୍ର): ନ୍ୟାୟାଳୟ ଓ ସରକାରଙ୍କ ଦ୍ୱାରା ଜାରି ଉପଦେଶାବଳୀର ଉପଯୁକ୍ତ ପାଳନ ଦ୍ୱାରା ଶିଶୁଯତ୍ନ ଅନୁଷ୍ଠାନର ଶିଶୁମାନେ କୋଭିଡ୍-୧୯କୁ ପ୍ରତିହତ କରିବାରେ ସକ୍ଷମ ହୋଇପାରିଛନ୍ତି ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀମାନଙ୍କ ସମ୍ମିଳନୀରେ ମତ ପ୍ରକାଶ ପାଇଛି । ଏହି ସମ୍ମିଳନୀରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଶିଶୁଯତ୍ନ ଅନୁଷ୍ଠାନର ଶିଶୁମାନଙ୍କ ନିମନ୍ତେ କରୋନା କାଳର ପଞ୍ଜିକା ଉନ୍ମୋଚନ କରିବା ସହିତ ସମଗ୍ର ଶିଶୁ ସୁରକ୍ଷା ବ୍ୟବସ୍ଥାର ଅଂଶୀଦାରମାନେ ଏପରି ପ୍ରଚେଷ୍ଟା ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ । କରୋନା କାଳରେ ସପ୍ତାହର ୭ ଦିନଯାକ ପ୍ରଦତ କାର୍ଯ୍ୟସୂଚୀ ଅନୁସାରେ ଶିଶୁଯତ୍ନ ଅନୁଷ୍ଠାନ ଗୁଡ଼ିକର ଶିଶୁମାନେ କିଭଳି ଶୃଙ୍ଖଳିତ ଜୀବନଚର୍ଯ୍ୟାର ଅନୁପାଳନ କରି ସଂକ୍ରମଣରୁ ନିଜକୁ ସୁରକ୍ଷିତ ରଖିପାରିବେ ତାହା ଏହି ଚିତ୍ରଭିତିକ ପଞ୍ଜିକାରେ ସୁନ୍ଦର ଭାବେ ପ୍ରଦର୍ଶିତ ହୋଇଛି । ଏଠାରେ ସୂଚନାଯୋଗ୍ୟ ରାଜ୍ୟର ୨୪୧ ଗୋଟି ପଞ୍ଜିକୃତ ଶିଶୁଯତ୍ନ ଅନୁଷ୍ଠାନରେ ୮୪୯୯ ଜଣ ଶିଶୁଙ୍କୁ ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଛି । ଉକ୍ତ ଅନୁଷ୍ଠାନ ଗୁଡ଼ିକରୁ ୩୧ ଜଣ ଶିଶୁ ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଛନ୍ତି । ସେହିପରି ଚଳିତ ବର୍ଷ ଦଶମ ବୋର୍ଡ଼ ପରୀକ୍ଷାରେ ୮୪ ପ୍ରତିଶତ ଶିଶୁ କୃତକାର୍ଯ୍ୟ ହୋଇଛନ୍ତି । ନିକଟରେ ଏହି ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ବିବିଧ ନିୟମାବଳୀର ପ୍ରଣୟନ କରିବା ସହିତ ଉକ୍ତ ଅନୁଷ୍ଠାନ ଗୁଡ଼ିକ ପାଇଁ ରିହାତି ଦରରେ ଚାଉଳ ଯୋଗାଣର ବ୍ୟବସ୍ଥା କରିଛନ୍ତି । ବିଭାଗର ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମର ସବିଶେଷ ସମୀକ୍ଷା କରିବା ସହିତ ଗ୍ରାମ ପଂଚାୟତ, ବ୍ଲକ୍ ଓ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟିଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ସହିତ ସମସ୍ତ କାର୍ଯ୍ୟର ବିବରଣୀ ପ୍ରଦାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ଅନ୍‌ଲାଇନ୍ ସମ୍ମିଳନୀରେ ବିଭାଗର ଯୁଗ୍ମ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ ଉପସ୍ଥିତ ଥିଲେ । ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜ କରାଟେ ଏସୋସିଏସନ ପକ୍ଷରୁ ବ୍ଲାକବେଲ୍ଟ ପ୍ରଦାନ



ବାରିପଦା,୨୩।୧୦ (ନି.ପ୍ର): ମୟୂରଭଞ୍ଜ କରାଟେ ଏସୋସିଏସନ ପକ୍ଷରୁ ଗତ ୨୦ ତାରିଖ ଦିନ ପରୀକ୍ଷା କରାଯାଇ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇଥିବା କୃତୀ ଦାସ, ସୁକନ୍ୟା ଭରଦ୍ୱାଜ, ସମର ହୁସେନ, ଅନନ୍ୟା ଭରଦ୍ୱାଜ, ରୂପଶ୍ରୀ ବାସ୍କେ, ସକେଫ ହୁସେନ, ସୁନୈନ୍ୟା ଭରଦ୍ୱାଜ, ଏସ.ଆର.ଶିବା ପ୍ରମୁଖ ୮ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ବ୍ଲାକବେଲ୍ଟ ପ୍ରଦାନ କରାଯାଇଥିବାର ଜଣାଯାଇଛି । ଏସୋସିଏସନର ମୁଖ୍ୟ ପ୍ରଶିକ୍ଷକ ଶ୍ରୀକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ସାମ୍ବାଦିକ ସୟ କୁମାର ଚୌଧୟରୀ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏସୋସିଏସନର ସମ୍ପାଦକ ଶୁଭ୍ରାଂଶୁ ଦେଓବାବୁ ଅନ୍ୟତମ ଅତିଥି ଦିଲ୍ଲିପ ଦାସ ପ୍ରମୁଖ ଯୋଗଦେଇ କରାଟେର ଉପକାରୀତା ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ରନକ ପଟ୍ଟନାୟକ, ମନିଷା ଦାସ, ଏସ.ଆର. କ୍ରିଷ୍ଣା, ଅର୍ପିତା ଶତପଥି ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

# ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା,୨୩।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି ।। ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି ।

# କାର୍ - ଟ୍ରକ୍ ମୁହାଁମୁହିଁ ଧକ୍କା : ୨ ମୃତ, ଜଣେ ଗୁରୁତର

କୋରେଇ,୨୩।୧୦ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମକୁନ୍ଦବିନ୍ଧା ଗ୍ରାମ ନିକଟରେ ଆଜି ସକାଳ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଟ୍ରକ୍ ଓ ୱାଗନର କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କର ମୃତ୍ୟୁ ହେବା ସହ ଗୁରୁତର ଅବସ୍ଥାରେ ଜଣଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରକାଶ ଯେ, ମକୁନ୍ଦବିନ୍ଧା ଠାରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଗାଡି ଗୁଡିକ ଗୋଟିଏ ପଟେ ଯାତାୟାତ କରୁଛି । ଆଜି ସକାଳେ ଭୁବନେଶ୍ୱରରୁ ଏକ ୱାଗନର କାର୍ ନଂ (ଓଡି୩୩ଏମ ୯୭୦୯) ଆସୁଥିବା ବେଳେ ମକୁନ୍ଦବିନ୍ଧା ନିକଟ ରାସ୍ତାରେ ଅନ୍ୟ ଏକ ଟ୍ରକକୁ ଓଭରଟେକ କରି ଆସିବାରୁ ସମ୍ନାରୁ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ ନଂ (ଓଆର୦୯ପି ୪୫୭୨) ସହ ମୁହାଁ ମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ପୁରୀ ଜିଲ୍ଲା ନିମାପଡା ଅଂଚଳର ଡ୍ରାଇଭର ଜୟୀରାମ ସାମନ୍ତ ସିଂହାର(୩୬)ଙ୍କ ମୃତ୍ୟୁ ହୋଇଥିଲା । ଘଟଣାସ୍ଥଳରେ ପୁଲିସ ପହଂଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସଙ୍କଟାପନ୍ନ ଅବସ୍ଥାରେ ଅନ୍ୟ ଦୁଇଜଣଙ୍କୁ ବାହାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ହେଲେ ସେଠାରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଂଚଳର ରଶ୍ମୀରଂଜନ ସେନାପତି (୪୨)ଙ୍କ ମୃତ୍ୟୁ ହୋଇଥିଲା । ଗାଡିର ମାଲିକ ନିମାପଡାର ସୁର୍ଯେନ୍ଦୁ କୁମାର ଦାଶଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି । ଏହି ଦୁର୍ଘଟଣା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇଥିଲା ।

# ପାହାଡ଼ ଖୋଲ ମାଟି ତଳୁ ଫୁଟି ବାହାରିଲେ ଶିବ ଲିବଲିଙ୍ଗ : ପୂଜାର୍ଚ୍ଚନା ଆରମ୍ଭ

କେନ୍ଦୁଝର,୨୩।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଛି ଏକ ଅଦ୍ଭୁତପୂର୍ବ ଘଟଣା, ଏକ ଆଲୌକିକ ଦୃଶ୍ୟ । ଯାହା ଲୋକଙ୍କ ମଧ୍ୟରେ ଭକ୍ତିକ ମାହୋଲ୍ ସୃଷ୍ଟି କରିଛି । କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଟଂପଡା ପଂଚାୟତର କନ୍ତଲେଇ ଗ୍ରାମର ଜାମୁନାଳିଆ ସାହି ନିକଟସ୍ଥ ପାହାଡ଼ର ମାଟି ତଳୁ ଏହି ଶିବ ଲିଙ୍ଗ ଠାବ କରାଯାଇଛି । ଗ୍ରାମର ମୁଲିଆ ପ୍ରାଧାନ ନାମକ ବ୍ୟକ୍ତି ନିତି ଦିନ ସେହି ପାହଡରେ ପଥର ଭାଙ୍ଗିବା ସହ ସେହି ଭଙ୍ଗା ପଥରକୁ ବିକ୍ରୀ କରି ପରିବାର ପ୍ରତିପୋଷଣ କରୁଥିଲେ । କହିବାକୁ ଗଲେ ସେହି ପାହାଡ ତାଙ୍କୁ ଏକ ପ୍ରକାର ଆହାର ଦେଉଥିଲା । ଅନ୍ୟ ଦିନ ଭଳି ଗତକାଲି ଅର୍ଥାତ ବୁଧବାର ଦିନ ସେ ପଥର ପିଟୁଥିବା ବେଳେ ତାଙ୍କର ଆଉ ଅଧିକ ପଥରର ଆବଶ୍ୟକ ପଡିଥିଲା । ଫଳରେ ପଥର ଆଣିବାକୁ ସେ ପାହାଡ ଉପରକୁ ଯାଇଥିଲେ । ଏବଂ ସେଠାରେ ସେ ଗୋଟିଏ ପଥର ଉଠାଇ ନେଲା ବେଳକୁ ସେହି ପଥର ଖୋଲ ଭିତରେ ମାଟି ତଳୁ ଫୁଟି ବାହାରିଥିବା ଏକ ଶିବଲିଙ୍ଗ ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ତୁରନ୍ତ ସେ ଗାଁକୁ ଯାଇ ସମସ୍ତଙ୍କୁ ଜଣାଇଥିଲେ । ଗ୍ରାମ ନିକଟରେ ଭଗବାନ ଶିବ ଲିଙ୍ଗ ଙ୍କର ଆବିର୍ଭାବ ଘଟଣା ଏକ ଶୁଭ ଖବର ମନେ କରି ଗ୍ରାମରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ସେଠାରେ ଭିଡ ଲାଗି ରହିଥିବା ସହ ପୂଜାର୍ଚ୍ଚନା ମଧ ଚାଲିଛି ।

# ଗ୍ଲୋବାଲ ସ୍କୁଲ ଆୱାର୍ଡ଼ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,୨୩।୧୦ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ -୨୦୨୦ ପାଇଥିବା ଜଣାପଡିଛି । ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର - ୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି । ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

# ୩୦ ହଜାର ଟଙ୍କାର କାଠ ପଟା ଓ ଯନ୍ତ୍ରପାତି ଜବତ

ମାଲକାନଗିରି,୨୩।୧୦ (ନି.ପ୍ର): ମାଲକାନଗିରି ବନାଂଚଳ ପକ୍ଷରୁ ଆଜି କୋରୁକୋଣ୍ଡା ସେକ୍ସନ ଅଧିନସ୍ଥ ଏମ ଭି ୫୦ ଗ୍ରାମରେ ବଢେଇ କାମକରୁଥିବା ମୋତିଲାଲ ହାଲଦାର ଏକ ଘରେ ବନ କର୍ମଚାରୀ ମାନେ ଚଢ଼ାଉ କରିଥିଲେ । ବନକର୍ମଚାରୀଙ୍କୁ ଦେଖି ମୋତିଲାଲ ସେଠାରୁ ଫେରାର ହୋଇଯାଇଥିଲେ !ଉକ୍ତ ଘରୁ ଶାଗୁଆନ ପଟା, ସାଇଜ କାଠ ଓ କାଠ କାମପାଇଁ ବ୍ୟବହାର ହେଉଥିବା ଯନ୍ତ୍ରପାତି ଜବତ କରିଥିଲେ । ଏହି ଚଢ଼ାଉ ରେ ରେଞ୍ଜର ବାସୁଦେବ ନାୟକ, ବନପାଳ ମୋହନ ଗୁଡ଼ିଆ, ମୁରଲୀଧର ଅନୁଗୁଳିଆ, ରାଜେଶ କୁମାର ସେଠି, ବନରକ୍ଷୀ ବାସନ୍ତୀ ମାଡକାମୀ, ସୁନିତା ଆଜମୀର, ସାରୁ କବାସୀ, ଅର୍ଜୁନ ବଟେ ପ୍ରମୁଖ ସାମିଲଥିଲେ । ଜବତ କାଠ ର ମୂଲ୍ୟ ୩୦ ଟଙ୍କା ହେବବୋଲି ରେଞ୍ଜର ଶ୍ରୀ ନାୟକ ପ୍ରକାଶ କରିଛନ୍ତି !

# ଡକାୟତି ଯୋଜନା ପଣ୍ଡ

ଗଞ୍ଜାମ,୨୩।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ପୋଲିସ ବିଳମ୍ବିତ ରାତିରେ ଏକ ସ୍ଥାନରେ ଚଢ଼ାଉ କରି ପାଂଚଜଣ ଡାକୟତ ଡକାୟତି କରିବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ପହଂଚି ଯୋଜନାକୁ ପଣ୍ଡ କରିବା ସହ ଘଟଣାସ୍ଥଳରୁ ପାଂଚଜଣ ଡକାୟତକୁ ଗିରଫ କରିଛି । ସେମାନଙ୍କ ନିକଟରୁ ୨ଟି ଜୀବନ୍ତ ବୋମା, ୨ଟି ଲୁହା ରଡ଼ ଓ ଏକ ଖଣ୍ଡା ଜବତ କରିଥିବା ଜଣାପଡିଛି । ଗିରଫ ଯୁବକମାନେ ହେଲେ ଭାବିନିପୁର ଅଂଚଳର କୋକୋ ଦାସ, ଲାଠି ଗ୍ରାମର କୁନା ଗୌଡ଼, ବେନ୍ଧାଳିଆର କାହ୍ନା ପଡ଼ିଆରୀ, ନରେନ୍ଦ୍ରପୁର ଗ୍ରାମର ଅନିଲ କୁମାର ବାଡାତ୍ୟା ଏବଂ ବ୍ରହ୍ମପୁର ଲାଂଜିପାଲ୍ଲୀ ଅଂଚଳର ସନ୍ତୋଷ କୁମାର ଦାଶ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ପୋଲିସ ସୂଚନା ଅନୁଯାୟୀ , ଗତକାଲି ରାତି ୨ଟା ବେଳେ କନିସି ତୁଲୁରୋଡ଼ରେ ଥିବା ବିଦେଶୀ ମଦ ଦୋକାନ ପଛପଟେ କିଛି ଯୁବକ ବସି ଯୋଜନା କରୁଥିବା କୌଣସି ସୂତ୍ରରୁ ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବାବୁଲି ନାୟକ ସଙ୍ଗେ ସାଙ୍ଗେ ସଦଳବଳେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ । ପୋଲିସକୁ ଦେଖି ଘଟଣା ସ୍ଥଳରୁ ଡକାୟତ ମାନେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ଏ ନେଇ ଗୋଳନ୍ଥରା ଥାନାରେ କେଶ ନମ୍ବର ୨୮୮/୨୦ରେ ଏକ ମାମଲା ରୁଜୁ ହେବା ସହ ପାଂଚଜଣ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ।

# ପଟ୍ଟଚିତ୍ରରେ ମା’ ଦୁର୍ଗାଙ୍କୁ ଅବାହାନ କଲେ ଚିତ୍ରଶିଳ୍ପୀ



ଭୁବନେଶ୍ୱର,୨୩।୧୦ (ନି.ପ୍ର): ଧରାପୃଷ୍ଠକୁ ଓହ୍ଲାଇଛନ୍ତି ମା’ ଜଗତ ଜନନୀ । ଏଥି ପାଇଁ ରାଜ୍ୟରେ ସବୁ ଆଡ଼େ ଉତ୍ସବ ମୁଖର । କରୋନା କଟକଣାରେ ଏବେ ମା’ ଦୂର୍ଗାଙ୍କ ପୂଜା ହେଉଥିବା ବେଳେ ପଟ୍ଟଚିତ୍ରରେ ମା’ଙ୍କୁ ଆବାହନ କରିଛନ୍ତି ଯୁବ ଚିତ୍ରକର । ଚିତ୍ରକଳାକୁ ନେଇ ଅଭିନବ ଉପାୟରେ ମା’ ଦୁର୍ଗାଙ୍କ ଚିତ୍ର ଆଙ୍କିଛନ୍ତନ୍ତି ରାଜିକିଶୋର ମହାରଣା । ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କର ପୂଜାକରୁ । ଏହି ମହାଶକ୍ତିଙ୍କୁ ନିଜର କଳା ନିପୁଣତାରେ ପୁରୁଣା ଭୁବନେଶ୍ୱର ଲିଙ୍ଗରାଜ ନଗରରେ ରହୁଥିବା ଶ୍ରୀ ମହାରଣା ମା ଦୁର୍ଗାଙ୍କ ଆବାହନ କରିଛନ୍ତି ।

## କର୍ତ୍ତବ୍ୟ ପାଇ ନିଜ ଜୀବନକୁ ବାଜି ଲଗାଇ ନଦୀପାର ହେଉଥିବା ୨ ଅଙ୍ଗନବାଡି କର୍ମୀଙ୍କୁ ସହାୟତା ଯୋଗେଇଦେବେ ଉଦ୍ୟଗପତି ଆନନ୍ଦ ମହେନ୍ଦ୍ରା

ମାଲକାନଗିରି,୨୩।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ରେ କର୍ତ୍ତବ୍ୟନିଷ୍ଠ ଅଙ୍ଗନୱାଡି କର୍ମୀଙ୍କ ସାହସ ଓ ବିପଦପୂର୍ଣ୍ଣ ଭାବେ ଉଛୁଳା ପାଣି ଭିତରେ ଯାଉଥିବା ଭିଡିଓକୁ ରିଟ୍ୟୁଟ କରି ଉଦ୍ୟଗପତି ଆନନ୍ଦମହେନ୍ଦ୍ରା ସହଯୋଗ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ଜୀବନକୁ ବାଜି ଲଗାଇ ଅଂଟାରେ ଲାଉ ତୁମ୍ବା ବାନ୍ଧି ଗଭୀର ନଦୀରେ ଭିତରେ ବୁଡି ରାଲେଗଡ଼ା ପଂଚାୟତ ଅଙ୍ଗନୱାଡି କର୍ମୀ ପାର ହେଉଛନ୍ତି ରାସ୍ତା ଏହି ଖବର ବିଭିନ୍ନ ଗଣମାଧ୍ୟମରେ ଗତ କିଛିଦିନ ତଳେ ପ୍ରକାଶ ପାଇଥିଲା ! ଏହି ଭିଡିଓ ପୋଷ୍ଟ ପରେ ଆନନ୍ଦ ମହିନ୍ଦ୍ରା ବଢାଇଛନ୍ତି ସହଯୋଗର ହାତ । ମହିନ୍ଦ୍ରା କମ୍ପାନୀର ସି ଏସ ଆର ପାଣ୍ଠିରୁ ମହିନ୍ଦ୍ରା ମେରାଇନ୍ ଦ୍ୱାରା ନିର୍ମିତ ପାର୍ଟୋଲ ବୋଟ ଯୋଗାଇବାକୁ ପ୍ରସ୍ତାବ ଦେଇଛନ୍ତି ଆନନ୍ଦ ମହିନ୍ଦ୍ରା । ସେ ଟ୍ୱିଟ କରି କହିଛନ୍ତି କି, “ ମହିନ୍ଦ୍ରା ମେରାଇନ ଏଭଳି ଏକ ସାଇକେଲ ଉପରେ କାମ କରୁଛି ଯାହା ପାଣିରେ ଚାଲିବ । ହେଲେ ଏହି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ । ଏଣୁ ଏଭଳି କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କ ସହାୟତା ପାଇଁ ମହିନ୍ଦ୍ରା କାମ କରୁଛି । ତେବେ କମ୍ପାନୀର କର୍ପୋରେଟ ସୋସିଆଲ ରେସପନସିବିଲିଟି (ସିଆରଏସ)ରୁ ସେମାନଙ୍କୁ ଏଥିରୁ ଏକ ପ୍ରଦାନ କରାଯିବ !

# କ୍ରିଟିକାଲ କେୟାର ଦିବସ ପାଳିତ

ଭୁବନେଶ୍ୱର ,୨୩।୧୦ (ନି.ପ୍ର): ଇଣ୍ଡିଆନ ସୋସାଇଟି ଅଫ କ୍ରିଟିକାଲ କେୟାର ମେଡ଼ିସିନ୍ ଭୁବନେଶ୍ୱର ଶାଖା ତରଫରୁ ରାଜ୍ୟସ୍ତରୀୟ କ୍ରିଟିକାଲ କେୟାର ଅନ୍‌ଲାଇନ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କରୋନା ମହାମାରୀରେ କ୍ରିଟିକାଲ କେୟାର ଚିକିତ୍ସକ ଓ ଦଳର ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ଡ଼ାକ୍ତର, ନର୍ସ, କ୍ରିଟିକାଲ କେୟାର ସହଯୋଗୀ ଯୋଗଦାନ କରିଥିଲେ । କରୋନା ମହାମାରୀରେ ଆମ ରାଜ୍ୟ ଓଡ଼ିଶାର ଅଗ୍ରୀମ ପ୍ରସ୍ତୁତି ଓ ଯୋଜନା ଉପରେ ଆଲୋକପାତ କରାଯାଇଥିଲା । କ୍ରିଟିକାଲ କେୟାର ଡ଼ାରକ୍ତମାନେ ସମଗ୍ର ବିଶ୍ୱ ଓ ଦେଶର ସ୍ୱାସ୍ଥ୍ୟ ପରିଚାଳନାର ସମ୍ମୁଖରେ ରହି ଏହି କରୋନା ମହାମାରୀରେ କର୍ତ୍ତବ୍ୟ ପରିଚାଳନା କରୁଛନ୍ତି ବୋଲି ଆଇ.ଏସ୍.ସି.ସି.ଏମ୍ ଭୁବନେଶ୍ୱରର ଅଧକ୍ଷା ତଥା ଆପୋଲୋ ହସ୍ପିଟାଲର କ୍ରିଟିକାଲ କେୟାର ବରିଷ୍ଠ ନିର୍ଦ୍ଦେଶିକା ଡା. ଶର୍ମିଳୀ ସିହ୍ନା ପ୍ରକାଶ କରିଥିଲେ । ପ୍ରମୁଖ ବିଶେଷଜ୍ଞ ଡା. ବାନାମ୍ବର ରାୟ, ଡା. ସମୀର ସାହୁ, ଡା. ନିବେଦିତା ପାଣି, ଡା. ସ୍ୱାଗତ ତ୍ରିପାଠୀ, ଡା. ପ୍ରଜ୍ଞା ରାଉରାୟ, ଡା. ପ୍ରଶାନ୍ତ ବେହେରା ଓ ଡା. ସୁଜିତ୍ ପ୍ରଧାନ ଉପସ୍ଥିତ ଥିଲେ ।

# ସାମନ୍ତଙ୍କ ଜନ୍ମ ଦିନରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି




ପାରାଦ୍ୱୀପ,୨୩।୧୦ (ନି.ପ୍ର): କୁଜଙ୍ଗ ଗାନ୍ଧୀ, ଅବିଭକ୍ତ ଏରସମା ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ତଥା ଓଡିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି, ଲବଣ ସତ୍ୟାଗ୍ରହର ଅତ୍ୟତମ ମୁଖ୍ୟ ସଂଗ୍ରାମୀ, କୁଜଙ୍ଗ ରାଜ ବଂଶର ଜାମାତା ନାରାୟଣ ବୀରବର ସାମନ୍ତଙ୍କ ଜନ୍ମଜୟନ୍ତୀ ଅବସରରେ କବି ପୀତାମ୍ବର ତରାଇ ଶ୍ରଦ୍ଧାଳୀ ଜଣାଇ କହିଛନ୍ତି ଯେ ସାମନ୍ତଙ୍କ ପରି ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ, ଗୋପବନ୍ଧୁ ଦାସଙ୍କ ସହଯୋଗୀ ସକଳତ୍ୟାଗୀ ପୁରୁଷଙ୍କ ଜନ୍ମ ଦିନକୁ ସରକାରୀ ସ୍ତରରେ ପାଳନ କରାଯାଉନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ରାଷ୍ଟ୍ରପିତାଙ୍କ ହରିଜନ ଆନ୍ଦୋଳନର ପ୍ରଥମ ସମର୍ଥକ ଭାବେ ହରିଜନ ମାନଙ୍କୁ ପାରାଦ୍ୱୀପଗଡ ସ୍ଥିତ ମନ୍ଦିର ମଧ୍ୟରେ ପ୍ରବେଶ କରାଇ ସାରା ଭାରତରେ ସୁନାମ ଅର୍ଜନ ଓ ଚର୍ଚ୍ଚିତ ହୋଇଥିବା ଶ୍ରୀ ସାମନ୍ତ ପାରାଦ୍ୱୀପ ବନ୍ଦର ନିର୍ମାଣର ପରିକଳ୍ପନା କରି ବିଜୁ ବାବୁଙ୍କୁ ପ୍ରଭାବିତ କରିଥିଲେ । ଯାହା ଆଜି ଆନ୍ତର୍ଜାତିକ ବନ୍ଦର ଭାବରେ ଓଡିଶା ତଥା ଭାରତର ଅର୍ଥନୈତିକ ମୁଖଶାଳା ଭାବରେ ପରିଚିତ ହୋଇ ଓଡିଆ ଜାତିର ଗୌରବକୁ ବିଶ୍ୱ ମାନଚିତ୍ରରେ ଯଥେଷ୍ଟ ଟେକ ରଖିଛି । ତେବେ ବନ୍ଦର ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ସହ ଏକ ରାସ୍ତାକୁ ସାମନ୍ତ ମାର୍ଗରେ ନାମିତ କରିବା ପାଇଁ କବି ତଥା ସମାଜସେବୀ ଶ୍ରୀ ତରାଇ ଦାବି କରିବା ସହ ଏହା ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଳୀ ହେବ ବୋଲି କହିଛନ୍ତି ।

# ଶରତ କରଙ୍କ ଏକାଦଶାହରେ ବୁଦ୍ଧମନ୍ଦିରରେ ଶ୍ରଦ୍ଧାଞ୍ଜଳିସଭା

ଭୁବନେଶ୍ୱର,୨୩।୧୦ (ନି.ପ୍ର): ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ ଓ ପୂର୍ବତନ ବାଚସ୍ପତି ତଥା ଶ୍ରୀଜଗନ୍ନାଥଙ୍କର ଜଣେ ଅନନ୍ୟ ଉପାସକ, ଆର୍ଯ୍ୟସମାଜ ବିଚାରଧାରାର ଜଣେ ଉତୁଙ୍ଗ ପ୍ରଶଂସକ ଡଃ ଶରତ କୁମାର କରଙ୍କ ଏକାଦଶାହ ଉପଲକ୍ଷେ ଭୁବନେଶ୍ୱର ବୁଦ୍ଧମନ୍ଦିରରେ ଏକ ଦୀପଦାନ ଓ ପୁଷ୍ପାର୍ଘ୍ୟ ପ୍ରଦାନ ଉତ୍ସବ ସ୍ୱର୍ଗତ କରଙ୍କ ପରିବାର ପକ୍ଷରୁ କୋଭିଡ୍ ନିୟମକୁ ଧ୍ୟାନରେ ରଖି କରାଯାଇଥିଲା । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରାଜ୍ୟ ପୂଜ୍ୟପ୍ରଣାମ ଟ୍ରଷ୍ଟର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଜନନେତା ଶରତ କର ଜଣେ ମାନବବାଦୀ ଜନନେତା ଥିଲେ । ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତିର ସେ ଥିଲେ ଅନନ୍ୟ ଉପାସକ । ନୂତନ ଯୁବପିଢ଼ୀଙ୍କ ପାଇଁ ଉଦାହରଣପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ ସେ । ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି କହିଲେ ଯେ, ସ୍ୱର୍ଗତ କର ବହୁମୁଖୀ ବ୍ୟକ୍ତିତ୍ୱ, ଆଗାମୀ ୧୦୦ ବର୍ଷ ଭିତରେ ଓଡିଶାରେ ଜନ୍ମ ହେବେ କି ନାହିଁ ସନ୍ଦେହ । ବିଜେପିନେତା ଭୃଗୁ ବକ୍ସିପାତ୍ର କହିଲେ ଯେ, ବନ୍ଦେ ଉତ୍କଳ ଜନନୀ ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶା ମାଟିରେ ବଂଚିବ, ଓଡ଼ିଆ ଜାତି ସେତେଦିନ ପର୍ଯ୍ୟନ୍ତ ସ୍ୱର୍ଗତ କରଙ୍କୁ ମନେ ରଖିଥିବେ । ରାଜ୍ୟ ସୂଚନା କମିଶନର ଦିଲ୍ଲୀପ ବିଶୋଇ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ୧୯୯୦ରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ହେବାରେ ସ୍ୱର୍ଗତ କରଙ୍କର ପ୍ରଚ୍ଛନ୍ନ ହାତ ଥିଲା । ଆଜିର କାର୍ଯ୍ୟକ୍ରମର ଆୟୋଜକ ଶୋଭନ କର, କର ପରିବାର ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ କରଙ୍କ ବଡ଼ପୁଅ ପ୍ରଭାତ କର, ବିଶିଷ୍ଟ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ଭାରତ ସରକାରଙ୍କ ଫିସ୍‌ଫେଡ୍ ଅଧକ୍ଷ ପ୍ରସାଦ ଦୋରା, ବୁଦ୍ଧମନ୍ଦିର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ୱର୍ଗତ କରଙ୍କ ରାଜନୀତି, ଧର୍ମ ଓ ସଂସ୍କୃତିକୁ ଅବଦାନ ବିଷୟରେ ଆଲୋକପାତ କରିଥିଲେ ।

# ଲମ୍ବାଜିଭ ଥିବା କୁକୁର



ଘରେ ଗୃହପାଳିତ ପଶୁ ଯେପରି କୁକୁର ବିଲେଇଙ୍କ ରଖିବା ଲୋକମାନଙ୍କର ସଉକ । କିନ୍ତୁ ବେଳେ ବେଳେ ଏମିତି କିଛି ଘରେ ଯେ, ଘରେ ରହୁଥିବା ଗୃହପାଳିତ ପଶୁ ବି ଚର୍ଚ୍ଚାରେ ପରିସରକୁ ଆସିଯାଆନ୍ତି । ଆମରିକାର ସାଉଥ ଡେକାନ୍ ଅଞ୍ଚଳରେ ରହୁଥିବା କାର୍ଲା, ସେଣ୍ଟ ବର୍ଣ୍ଣୋର୍ଡ ପ୍ରଜାତିର କୁକୁର ରଖିଥିଲେ, ଯାହାର ନାମ ହେଉଛି ମୋଚି । ଗତକିଛି ଦିନ ହେବ ମୋଚିର ନାମ ଗିନଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଛି । ଏହାର କାରଣ ହେଉଛି ତା'ର ଲମ୍ବା ଜିଭ । ତା' ଜିଭର ଲମ୍ବ ହେଉଛି ୧୮.୫୮ ସେଣ୍ଟିମିଟର ।

# ପ୍ରସାଧନ ସାମଗ୍ରୀ ବ୍ୟବହାରରେ ସତର୍କତା



ଯେକୌଣସି କଂପାନିର ପ୍ରସାଧନ ସାମଗ୍ରୀ ବ୍ୟବହାର ପୂର୍ବରୁ ସତର୍କ ରହନ୍ତୁ । ଏହା ଦ୍ୱାରା ଠକାମିରେ ପଡ଼ିବେ ନାହିଁ । ତ୍ୱଚା ପାଇଁ ମଧ୍ୟ ନିରାପଦ । ପ୍ରଥମେ ସାମଗ୍ରୀ ଉପରେ ଲେଖା ପଢ଼ନ୍ତୁ । ଧରାଯାଉ, ଆପଣ ବ୍ୟବହାର କରୁଥିବା ଫାଉଣ୍ଡେସନ କ୍ରିମର ବ୍ୟବହାର ସମାପ୍ତି ସମୟ ରହିଛି ୧୨ ମେ, ୨୦୧୮ । ଡବା ଉପରେ ଲେଖାଯାଇଛି । ଏହାର ଅର୍ଥ ଡବା ଖୋଲିବାର ଛଅ ମାସ ମଧ୍ୟରେ ବ୍ୟବହାର କରିବା ନିରାପଦ । ଏଣୁ, ଖୋଲିବା ତାରିଖ ଟିପି ରଖନ୍ତୁ । ସମୟ ସମାପ୍ତି ପରେ ଆଦୌ ବ୍ୟବହାର କରନ୍ତୁ ନାହିଁ । ଏହା ଦ୍ୱାରା ତ୍ୱଚା ସଂକ୍ରମଣ ବା ଦ୍ୱାରା ତ୍ୱଚା ସଂକ୍ରମଣ ବା ଖରାପ ହେବା ଆଶଙ୍କା ଥାଏ ।



## ମଦରଙ୍ଗା ଶାଗ ଚଟଣି

ପ୍ରସ୍ତୁତି ସାମଗ୍ରୀ- ୩୦୦ଗ୍ରାମ୍ ମଦରଙ୍ଗା ଶାଗ, ୧ଛୋଟ ଚାମଚ ଜିରା, ୧ବଡ଼ ଚାମଚ ସୋରିଷତେଲ, ୧ଟି ରସୁଣ, ୨ଟି ଶୁଖିଲା ଲଙ୍କା ।

ପ୍ରସ୍ତୁତି ପ୍ରଣାଳୀ- ଶାଗକୁ ବାଛି ଦେଇ ଧୋଇ ରଖନ୍ତୁ । କଡ଼େଇରେ ତେଲ ଗରମ କରି ଜୀରା ଓ ଲଙ୍କା ଫୁଟାନ୍ତୁ । ସେଥିରେ ଶାଗ ପକାଇ ଭାଜିଦିଅନ୍ତୁ । ରସୁଣରୁ ଚୋପା ଛଡ଼େଇ ତା' ସାଙ୍ଗରେ ଭଜା ଶାଗକୁ ଶିଳରେ ଚିକ୍କଣ କରି ବାଟି ଦିଅନ୍ତୁ । ଏବେ ପ୍ରସ୍ତୁତି ହୋଇଗଲା ମଦରଙ୍ଗା ଶାଗ ଚଟଣି ।

# ଦେଖିବା ଶୁଣିବା ଶକ୍ତି ହ୍ରାସ କରେ ଷ୍ଟ୍ରୋକ୍

ବିଶ୍ୱସ୍ତରରେ ବ୍ୟପିଥିବା ଅନେକ ପ୍ରାଣଘାତକ ରୋଗ ମଧ୍ୟରୁ ଗୋଟିଏ ହେଉଛି ବ୍ରେନ୍ ଷ୍ଟ୍ରେକ୍ । ଏହା ଏତେ ବିପଜ୍ଜନକ ଯେ, ଧୀରେ ଧୀରେ ଲୋକଙ୍କୁ ନିଜ କବ୍ଜାକୁ ନେଇଆସେ । ଆଜି ପରିସ୍ଥିତି ଏଭଳି ହୋଇଛି, ଯେଉଁଠି ପ୍ରତି ୬ଜଣଙ୍କ ମଧ୍ୟରେ ଜଣେ ଏହି ରୋଗର ଶିକାର ହେଉଛନ୍ତି । ୬୦ ବୟସରୁ ଉର୍ଦ୍ଧ୍ୱ କିଛି ଲୋକଙ୍କ ମୃତ୍ୟୁର କାରଣ ମଧ ସାଜିଥାଏ ବ୍ରେନ୍ ଷ୍ଟ୍ରୋକ୍ । ବିଶେଷଜ୍ଞ ଅନୁସାରେ, ଷ୍ଟ୍ରୋକ୍ ଆସିବା ପରେ ୭୦ ପ୍ରତିଶତ ରୋଗୀ ଶୁଣିବା ଏବଂ ଦେଖିବା ଶକ୍ତି ହରାଇବସାନ୍ତି । ଅନ୍ୟ ୩୦ ପ୍ରତିଶତ ରୋଗୀ ଅନ୍ୟ ଲୋକଙ୍କ ସାହାରାରେ ବଞ୍ଚିବାକୁ ମାଧ ହୁଅନ୍ତି । ସାଧାରଣ ଭାବେ ଯେଉଁ ଲୋକେ ହୃଦରୋଗରେ ପୀଡ଼ିତ ଥାନ୍ତି, ସେମାନଙ୍କ ମଧରେ ୨୦ ପ୍ରତିଶତଙ୍କୁ ଷ୍ଟ୍ରୋକ୍ ସମସ୍ୟା ଥାଏ । ଧର୍ମଶିଳା ନାରାୟଣ ସୁପରସ୍ପେଶାଲିଟି ହସ୍ପିଟାଲର ସିନିୟର କନସଲଟାଣ୍ଟ, ନ୍ୟୁରୋ-ସର୍ଜରୀ ଡ. ଆଶିଷ କୁମାର ଶ୍ରୀବାସ୍ତଙ୍କ ମତରେ, ମସ୍ତିଷ୍କରେ କୌଣସି କାରଣରୁ ଶକ୍ତିର ଅପୂର୍ତ୍ତ ତଥା ଗମ୍ଭୀର ରୂପେ କମ ହେବା ଦ୍ୱାରା ଷ୍ଟ୍ରେକ୍ ହୋଇଥାଏ । ଫଳରେ ଏଠାରେ ଅକ୍ସିଜେନ୍ ଏବଂ ପୋଷାକ ତତ୍ତ୍ୱର ଅଭାବ ଦେଖାଯାଏ । କିଛି ସମୟ ମଧରେ ମସ୍ତିଷ୍କର କୋଷିକା ମୃତପ୍ରାୟ ଅବସ୍ଥା ଚାଲିଯାନ୍ତି । ତେଣୁ ସମୟ ପୂର୍ବରୁ ରୋଗୀର ଉପଚାର କରାଇନେଲେ, ତାହା ସାମାନ୍ୟ ପରିସ୍ଥିତିକୁ ଚାଲିଆସେ । ନଚେତ୍ ମୃତ୍ୟୁ ଅଥବା ସ୍ଥାୟୀ ବିକଳାଙ୍ଗତା ଅବଶ୍ୟମ୍ଭାବୀ ।




# ଧନୁରାକର୍ଷଣ ଆସନ



ଏହି ଆସନଟି ଧନୁପରି ପ୍ରତୀୟମାନ ହେଉଥିବାର ଏହାର ନାମ ଧନୁରାକର୍ଷଣ ଆସନ ଦିଆଯାଇଛି । ଏଡି ଆସନକୁ କରିବା ବେଳେ ପ୍ରଥମେ କମ୍ବଳ ବିଛାଇ ପାଦକୁ ଲମ୍ବାଇ ବସନ୍ତୁ । ଡାହାଣ ପାଦର ଆଙ୍ଗୁଠିକୁ ବାମ ହାତରେ ଧଣି ବାମ ପାଦକୁ ଡାହାଣ କାନ୍ଧ ପର୍ଯ୍ୟନ୍ତ ସଂଯୋଗ କରନ୍ତୁ । ସିଧା ହୋଇ ବସନ୍ତୁ । ଏମିତି କିଛି ସମୟ ବସିବା ପରେ ପୁଣି ବିପରୀତ ଦିଗରେ ଏହି ଅଭ୍ୟାସ କରନ୍ତୁ । ଆରମ୍ଭରେ ଥରେ ଏବଂ ପରେ ୩/୪ଥର ଏ ଆସନ କରିପାରିବ । ଏହି ଆସନ କରିବା ସମୟରେ ପାଦକୁ କାନ୍ଧ ଯାଏ ଧୀରେ ଧୀରେ ଆଣନ୍ତୁ, ବଳ ପ୍ରୟୋଗ କରି କିଛି କରିବା ଉଚିତ ନୁହେଁ । ଏହି ଆସନକୁ ସକାଳେ ପୂର୍ବକୁ ମହଁ କରି ଏବଂ ସନ୍ଧ୍ୟାରେ ପଶ୍ଚିମକୁ ମୁହଁକରିବା ଲାଭଦାୟକ । ଏହି ଆସନ କରିବା ଦ୍ୱାରା ଯକୃତ ବିକୃତି ନାଶ, ଗଣ୍ଠି ଯନ୍ତ୍ରଣା ଦୂରୀଭୂତ, ବହୁମୁତ୍ର ରୋଗ ଉପଶମ, କ୍ଷୁଧା ବୃଦ୍ଧି, ପେଟର ଚବି କମାଏ, ଆଳସ୍ୟ ଦୂରକରେ, ମେରୁଦଣ୍ଡକୁ ନମନୀୟ କରେ, ବାତଦୋଷ ଦୂର, କାନ୍ଧ ଓ ଅଣ୍ଟାର ମାଂସପେଶୀ ଶକ୍ତ ହେବା ସହ ଏଥିରେ ହାତ ଓ ପାଦର ସମ୍ପୂର୍ଣ୍ଣ ବ୍ୟାୟାମ ହୋଇଥାଏ ।

## ସ୍ତ୍ରୀଲୋକଙ୍କର ନିଶ ଉଠୁଥିଲେ



କେତେକ ସ୍ତ୍ରୀଲୋକମାନଙ୍କ ମୁଖ ମଣ୍ଡଳରେ ପୁରୁଷମାନଙ୍କ ଭଳି ନାକ ତଳେ କିମ୍ବା ଥୋଡ଼ିରେ କେଶ ଥାଏ । ଏହା ସାମାନ୍ୟ ଭାବରେ ଉଠିଥାଏ ତେବେ ତାହା ସ୍ତ୍ରୀଲୋକଙ୍କର ମୁଖଶ୍ରୀକୁ ନଷ୍ଟ କରିଥାଏ । ତେଣୁ ସେ ସ୍ଥାନକୁ ଲୋମ ଶୂନ୍ୟ କରିବା ପାଇଁ ୱାକ୍ସ ପ୍ୟାକ ନାମକ ଏକ ଅଠାଦିଆ ପଟି ମିଳିଥାଏ । ଏହାକୁ ଲୋମ ଉଠିଥିବା ସ୍ଥାନରେ ଚିପିକରି ଲଗାଇଦିଆଯାଏ । ପଟିଟିକୁ ବଳପ୍ରୟୋଗ କରି ଉଠାଇ ଦିଆଯାଏ । ଏହି ପଟି ଉଠିବା ବେଳେ ପଟି ଦେହରେ ଲୋମଗୁଡ଼ିକ ଲାଗି ଉପୁଡ଼ିଯାଏ । ଏହି ଉପାୟ ତ ଅଧିକାଂଶ ମହିଳାଙ୍କୁ ଜଣାଥିବ । କିନ୍ତୁ ଆଉ ଏକ ଦେଶୀ ଉପାୟ ମଧ୍ୟ ରହିଛି ଯାହା ଆପଣଙ୍କ ମୁଖ ମଣ୍ଡଳକୁ ସୁନ୍ଦର କରିଦେବ । ଚୁନ ୩ଭାଗ, ଆରାରୁଟ ୩ଭାଗ ଓ ଖରାସୋଡ଼ା ଏକଭାଗ ମିଶାଇ ଦେଇ ମଲମ ପ୍ରସ୍ତୁତ କରନ୍ତୁ । ଯେଉଁ ସ୍ଥାନକୁ ଲୋମ ଶୂନ୍ୟ କରିବାକୁ ଇଚ୍ଛା କରୁଛନ୍ତି ସେହି ସ୍ଥାନରେ ଏହାକୁ ଲଗାଇ ମାତ୍ର ୪ ମିନିଟ ରଖି ଧୋଇଦେଲେ ସେହି ସ୍ଥାନ ଲୋମଶୂନ୍ୟ ହୋଇଯିବ ।

# କୃଷକଙ୍କ ମାଧ୍ୟମରେ ମହୁମାଛି ସଂରକ୍ଷଣ ଅଭିଯାନ



ଜଳବାୟୁ ପ୍ରଦୂଷଣ, ବିଶ୍ୱତାପନ ଆଦି ଯୋଗୁଁ ମହୁମାଛିର ଜୀବନ-ଚକ୍ର ପ୍ରଭାବିତ ହେଉଛି । ଏହାର କୁ- ପରିମାମସ୍ୱରୂପ ଏହି ଉପକାରୀ କୀଟ ସଂଖ୍ୟା କମିବାରେ ଲାଗିଛି । ମହୁମାଛିର ବିଲୋପନ ମଣିଷ ସଭ୍ୟତାକୁ ବି ଲୋପ କରିଦେଇପାରେ । କାରଣ, ମହୁମାଛି ବିନା ପରାଗସଂଗମ ହେବନାହିଁ, କୃଷି ପ୍ରଭାବିତ ହେବ । ଖାଦ୍ୟର ଅଭାବ ଘଟିବ । ପ୍ରଥମେ ପ୍ରାଣୀ ଜଗତ ଭୋଗିବ ଏବଂ ଶେଷରେ ମଣିଷ । ଏ ଦିଗରେ ସଚେତନତା ସୃଷ୍ଟି କରୁଛି- 'ଅଣ୍ଡର ଦ ମ୍ୟାଙ୍ଗୋ ଟିଜ୍' (ସଂକ୍ଷେପରେ ୟୁଟି,ମଟି) ସ୍ୱେଚ୍ଛାସେବୀ ସଂଗଠନ । ଭାରତ ଏକ କୃଷି-ପ୍ରଧାନ ଦେଶ । କୃଷିର ବିକାଶ ବିନା ଆମର ଅଗ୍ରଗତି ଔସମତଭବ । ତେଣୁ, ଏହି ସଂଗଥନ ପକ୍ଷରୁ ମୁଖ୍ୟତ୍ କୃଷିଜୀବୀଙ୍କ ମାଧ୍ୟମରେ ମହୁମାଛି ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଛି । ମହୁମାଛି ସଂରକ୍ଷଣ ଆମ ପାଇଁ ପ୍ରାଥମିକତା ଏକ ଦ୍ୱାରା କୃଷି ତଥା କୃଷକଙ୍କ ବିକାଶ ସଂଭବ । କୃଷକ, ମହୁମାଛି ପାଳନ କଲେ ମହୁ ବିକ୍ରିରୁ ଅଧିକ ଉପାର୍ଜନ କରିବ ଏବଂ କୃଷିର ବିକାଶ ମଧ୍ୟ ହେବ । ଭାରତୀୟ କୃଷକ ପାଇଁ ବଜାର ହେଉଛି ସବୁଠାରୁ ପଡ଼ ସମସ୍ୟା । ଉତ୍ପାଦର ଉଚିତ ମୂଲ୍ୟ ପାଉ ନ ଥିବାରୁ କୃଷକଙ୍କ ଆର୍ଥିକ ଅବସ୍ଥା ଅପରିବର୍ତ୍ତିତ ରହିଛି । ଖାଉଟି ଉତ୍ପାଦ ବାବଦକୁ ଦେଉଥିବା ଅର୍ଥର ମାତ୍ର ପଚିଶ ପ୍ରତିଶତ କୃଷକ ପାଏ । ଦଲାଲମାନେ ହିଁ ଲାଭବାନ ହୁଅନ୍ତି । ତେଣୁ, କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ମଧ୍ୟ ଗୁରୁତ୍ୱ ଦେଉଛି ୟୁଟିଏମଟି । ପରିବେଶ ସଚେତନତା, କୃଷି ଓ କୃଷକର ବିକାଶ ଆଦି ଲକ୍ଷ ନେଇ ସମାଜସେବୀ ବିଜୟା ପଣ୍ଡାଲାଙ୍କ ନେତୃତ୍ୱରେ ୟୁଟିଏମଟି ଅଭିଯାନ ଚଳାଇଛି ।



# ମ୍ୟାଲେରିଆରୁ ସୁରକ୍ଷା

ମଣିଷକୁ ପ୍ରାୟ ୫୦ ହଜାର ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ପ୍ରଭାବିତ କରିଆସୁଛି । ଏଯାବତ୍ ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏହାର ସମ୍ପୂର୍ଣ୍ଣ ବିଲୋପ ସମ୍ଭବ ହୋଇପାରିନାହିଁ । ଏହି ମାରାତ୍ମକ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏଣିକି ବ୍ୟାପକ ପଦକ୍ଷେପ ନିଆଯାଉଛି ।




ମଶା ପାଇଁ ବ୍ୟବହାର କରୁଥିବା ରିଫିଲରେ ନିଳଗିରି ତେଲ ଏବଂ ଲେମ୍ବୁରସ ମିଶାଇ ରଖନ୍ତୁ । ନିମ୍ବ ତେଲକୁ ହାତ ପାଦରେ ଲଗାନ୍ତୁ ନଚେତ ନଡ଼ିଆ ତେଲରେ ନିମ୍ବ ତେଲ ମିଶାଇ ଦୀପ ଜାଳନ୍ତୁ । ମଶା ରହିବେ ନାହିଁ । ଘରେ ପୋଦିନା ପତ୍ର ରସ ସିଞ୍ଚନ କରନ୍ତୁ । ଏହାର ରସ ମଧ ଦେହରେ ଲଗାଇଲେ ମଶାକାମୁଡ଼ିବେନି । ତୁଳସୀ ଗଛ ମଶାଙ୍କୁ ଦୂରେଇ ରଖେ । ତୁଳସୀ ପତ୍ରର ରସ ଦେହରେ ଲଗାଇଲେ ଏହା ମଧ ମଶାଠାରୁ ସୁରକ୍ଷା ଦେବ । ଏଯାବତ୍ ମ୍ୟାଲେରିଆର କୌଣସି ପ୍ରତିଷେଧକ ଟିକା ପ୍ରସ୍ତୁତ ହୋଇପାରିବ ନାହିଁ । ଚଳିତ ବର୍ଷ ସୁଦ୍ଧା ଆର୍ଟିଏସ୍ ଟିକା ପ୍ରସ୍ତୁତ ହୋଇ ଘାନା, ମାଲାୱି ଏବଂ କୋନିଆରେ ହେବାର ଥିଲା । ତେବେ ପରେ ଏହି କାର୍ଯ୍ୟକ୍ରମ ବର୍ଷ ଶେଷକୁ ଘୁଞ୍ଚାଇ ଦିଆଯାଇଛି ଏବଂ ତିନୋଟି ମଧ୍ୟରୁ କୌଣସି ଗୋଟିଏ ଦେଶରେ ହେବାର ଦୂଚନା ମିଳିଛି । ପୂର୍ବରୁ ୨୦୧୧ ମସିହାରେ ଏହି ଟିକା ପ୍ରସ୍ତୁତି ଚାଲିଥିବା ବେଳେ ୨୦୧୫ ମସିହା ସୁଦ୍ଧା ଏହା ଲାଇସେନ୍ସ ପାଇ ବ୍ୟବହାର ଉପଯୋଗୀ ହେବ ବୋଲି ଚର୍ଚ୍ଚାହେଉଥିଲା, ଯାହା ପୁଣି ବିଳମ୍ବିତ ହୋଇଯାଇଛି ।

***କେତେକ ଅସାବଧାନତା***

ମ୍ୟାଲେରିଆ ପରି ଅସୁସ୍ଥତା କ୍ଷେତ୍ରରେ ଏହାକୁ ସାଧାରଣ ଜ୍ୱର ଭାବି ଅନେକ ମନକୁ ମନ ଓଷଧ ଖାଲିଦିଅନ୍ତି । ଏହା ବିପଦଜନକ ହୋଇପାରେ ଆସ୍ପିରିନ୍ ଜାତୀୟ ଔଷଧ ଖାଇବା ଅଦୌ ଉଚିତ୍ ନୁହେଁ । କେତେକ ଯନ୍ତ୍ରଣା ନିବାରକ ଔଷଧ ମନା କାରଣ ଯଦି ଡେଙ୍ଗୁ ଆକ୍ରାନ୍ତ କରିଥାଏ, ତେବେ ଏହି ଔଷଧ ପ୍ଲେଟ୍‌ଲେଟସ୍ ଅଭାବ ହୋଇ ଶରୀରୁ ରକ୍ତ ସ୍ରାବ ଆମ୍ଭ ହୋଇଥାଏ । ଜ୍ୱର ହେଲେ ମଧ ଆଣ୍ଟିବାୟୋଟିକ୍ସ ଖାଇବା ଅନେକଙ୍କର ଅଭ୍ୟାସ । ଏହାଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ଏହା ଉପରେ ନିର୍ଭରଶୀଳ ହୋଇଯାଏ ଏବଂ କେତେକ ସ୍ଥଳେ ଉପକାରୀ ବ୍ୟାକ୍ଟେରିଆ ବି ନଷ୍ଟ ହୋଇଯାନ୍ତି । ଜ୍ୱର ହୋଇଥିବା ରୋଗୀଙ୍କୁ ବହୁବାର ଚାଦର ଘୋଡ଼ାଇ ଶୋଇବାକୁ କୁହାଯାଏ । ଏହାଦ୍ୱାରା ଝାଳ ବୋହି ଜ୍ୱର ଛାଡ଼ିଯିବ ବୋଲି ଧାରଣା ରହିଛି । କିନ୍ତୁ ଏଥିରେ ଶରୀରର ତାପ ବଢ଼େ । ତେଣୁ ରୋଗୀଙ୍କୁ ଖୋଲା, ସତେଜ ପବନ ବାଜିବା ପରି ସ୍ଥାନରେ ରଖନ୍ତୁ ଗାଧେଇବା ସମ୍ଭବ ନହେଲେ ଓଦା ଗାମୁଛାରେ ପୋଛିଦେବା ଉଚିତ୍ । ଏହା ସ୍ୱାସ୍ଥ୍ୟ ପାଇଁ ହିତକାରକ ହେବା ସହିତ ଆରାମ ଲାଗିଥାଏ ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୪ ଅକ୍ଟୋବର ୨୦୨୦, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପୂଜାରେ ସାବଧାନ...

ଏବେ ସାରା ଦେଶ ଏକପ୍ରକାର ଉତ୍ସବମୁଖର ହୋଇଉଠିଛି । ନବରାତ୍ରୀ ଚାଲିଛି, ଦଶହରା ଉତ୍ସବ ଆରମ୍ଭ ହୋଇଛି । ଏହାପରେ ଦୀପାବଳି ଉତ୍ସବ ଆସିବ ଏବଂ ଦେଶର ପ୍ରତ୍ୟେକ ରାଜ୍ୟରେ ଆଗାମୀ ତିନି ଚାରି ମାସ ଧରି ଆହୁରି ଅନେକ ପ୍ରକାର ଉତ୍ସବାନୁଷ୍ଠାନ ଆୟୋଜିତ ହେବ । ଓଡ଼ିଶାରେର ଏସବୁ ସମେତ କାର୍ତ୍ତିକ, ମାର୍ଗଶିର, ପୌଷ ଓ ମାଘ ମାସରେ ଅନେକ ଉତ୍ସବ, ମେଳା, ବ୍ରତ ଓ ପାର୍ବଣ ପାଳିତ ହୋଇଥାଏ । ଧର୍ମାନୁଷ୍ଠାନର ଅର୍ଥ- ଶ୍ରଦ୍ଧାଳୁଙ୍କ ସମାଗମ । କିନ୍ତୁ ଏହା ଯେ ଆମ ପାଇଁ ସମ୍ଭାବ୍ୟ ବିପଦର କାରଣ ହୋଇପାରେ, ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅକ୍ଟୋବର ୨୧ ତାରିଖ ଦିନ ସନ୍ଧ୍ୟାରେ ଅଭିଭାଷଣରେ ଦେଶବାସୀଙ୍କୁ ଚେତାଇ ଦେଇଛନ୍ତି । ନିଜର ସ୍ୱଭାବସୁଲଭ ଭଙ୍ଗୀରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯେଉଁ ଉତ୍ସବ ଋତୁରେ ଆମେ ପାଦ ଥାପିବାକୁ ଯାଉଛୁ ତାହା ଅନ୍ୟ ଯେକୌଣସି ବର୍ଷଠାରୁ ସଂପୂର୍ଣ୍ଣ ଭିନ୍ନ । ମହାମାରୀ କରୋନା ବିରୁଦ୍ଧରେ ଭାରତ (ସମଗ୍ର ବିଶ୍ୱ) ଗତ ଛଅ ମାସରୁ ଅଧିକ ସମୟ ଧରି ସଫଳତାର ସହ ଯୁଝି ଆସୁଛି । କିନ୍ତୁ ବାସ୍ତବତା ହେଉଛି ଏପର୍ଯ୍ୟନ୍ତ କୋଭିଡ-୧୯ ଉପରେ ନିର୍ଣ୍ଣାୟକ ବିଜୟ ହାସଲ କରାଯାଇ ନାହିଁ କିମ୍ବା ଏଯାବତ୍ ଏହାର କୌଣସି ପ୍ରତିଷେଧକ ଟିକା ଆବିଷ୍କୃତ ହୋଇନାହିଁ । ସର୍ବୋପରି ୟୁରୋପ ଓ ବିଶ୍ୱର ଅନ୍ୟ କେତେକ ରାଷ୍ଟ୍ରରେ କରୋନାର ପୁନଃପ୍ରତ୍ୟାବର୍ତ୍ତନ ସମସ୍ତଙ୍କୁ ଅଧିକ ମାତ୍ରାରେ ଆତଙ୍କିତ କରି ପକାଇଛି । ଏହାର କାରଣ, ଶୀତଦିନେ ଭୂତାଣୁ ସଂକ୍ରମଣକ୍ଷମ ଏହି ମହାମାରୀ ଆହୁରି ଭୟଙ୍କର ଓ ଘାତକ ରୂପ ଧାରଣ କରିପାରେ । ତେଣୁ ଦେଶବାସୀଙ୍କୁ ଆଗାମୀ ଶୀତଦିନ ଓ ପାର୍ବଣ ଋତୁରେ ଅଧିକ ସତର୍କତା ଅବଲମ୍ବନ ନିମନ୍ତେ ପ୍ରଧାନମନ୍ତ୍ରୀ ଜଣାଇଥିବା ଆହ୍ୱାନ ବିଶେଷ ମହତ୍ତ୍ୱ ବହନ କରେ । ଯଦି ସେହିଭଳି ସତର୍କତା ଅବଲମ୍ବନ କରାନଯାଏ ତେବେ ଏପର୍ଯ୍ୟନ୍ତ ହାସଲ କରାଯାଇଥିବା ସଫଳତା ଫସର ଫାଟିଯିବ ବୋଲି ସେ ଚେତାଇ ଦେଇଛନ୍ତି । ଦେଶରେ ଏବେ କରୋନା ସଂକ୍ରମଣମାତ୍ରା କମିଛି । ଆରୋଗ୍ୟଙ୍କ ହାର ଦିନକୁ ଦିନ ବୃଦ୍ଧି ପାଇଚାଲିଛି । ମୃତ୍ୟୁହାର ମଧ୍ୟ ହ୍ରାସ ପାଇଛି । ଏହି ସଫଳତା ପଛରେ ଜନସାଧାରଣଙ୍କ ସହଯୋଗ ଏବଂ ସରକାରୀ କଳର ସତର୍କତା ଅବଶ୍ୟ ରହିଛି । କିନ୍ତୁ ହାସଲ କରାଯାଇଥିବା ଅର୍ଦ୍ଧେକ ସଫଳତା କଦାପି ସଫଳତା ବୋଲି ବିବେଚ୍ୟ ନୁହେଁ । କାରଣ, ରୋଗ ଓ ଶତ୍ରୁ ସମୂଳେ ବିନାଶ ନହେବା ପର୍ଯ୍ୟନ୍ତ ସେ ସଂଗ୍ରାମ ସରେନାହିଁ ଏବଂ ଏଥିପାଇଁ ଯେଉଁ ପୁରୁଷାକାର ଲୋଡ଼ା ସେଥିରେ ଯିଏ ଅବହେଳା ପ୍ରଦର୍ଶନ କରେ ସେ ଯୋଦ୍ଧା ପଦବାଚ୍ୟ ନୁହେଁ । ତେଣୁ କେବଳ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ନୁହେଁ, ପରିସ୍ଥିତିର ବାସ୍ତବତା ଓ ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ଯାହା କରଣୀୟ ତାହା ଅବଶ୍ୟ ପାଳନୀୟ । ନିକଟ ଅତୀତରେ ଧର୍ମାନୁଷ୍ଠାନ, ଜନସମାଗମ ଏବଂ ଉତ୍ସାବାନୁଷ୍ଠାନ ବେଳେ ଅଧିକ ସଂଖ୍ୟକ ରୁଣ୍ଡ ହୋଇଥିବାରୁ ସେଠାରେ କରୋନା ସଂକ୍ରମଣ ମାତ୍ରା ବୃଦ୍ଧି ପାଇଥିବାର ନଜିର ରହିଛି । ତାହା ଦିଲ୍ଲୀରେ ହୋଇଥାଉ ଅବା କେରଳରେ, ମହାରାଷ୍ଟ୍ରରେ ହେଉ ଅବା ଓଡ଼ିଶାରେ । ସଂକ୍ରାମକ ରୋଗ ବ୍ୟାପିବାରେ କୌଣସି ଧର୍ମାନୁଷ୍ଠାନର ବାଛ ବିଚାର ନଥାଏ । କୋଲକାତାରେ ପୂଜାମଣ୍ଡପକୁ ଯଦ୍ୟପି ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ସେ ରାଜ୍ୟର ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି, ସେଥିରେ ସତର୍କତା ଅବଲମ୍ବନ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି । ଧର୍ମାନୁଷ୍ଠାନ ଓ ଗଣଉତ୍ସବ ଏକ ଖୁସିର ଅବସର । ତାହା ସେତିକିବେଳେ ପାଳିତ ହୁଏ ଓ ସେଥିରୁ ଆନନ୍ଦ ମିଳେ; ଯେତେବେଳେ ସମୟ ଓ ପରିସ୍ଥିତି ଅନୁକୂଳ ଥାଏ, ରାଷ୍ଟ୍ର ଓ ନାଗରିକ ଉପରେ କୌଣସି ବିପଦ ନଥାଏ । କିନ୍ତୁ କରୋନା ମହାମାରୀ ଏବେ ସମଗ୍ର ମାନବ ସମାଜ ଲାଗି ମହାବିପତ୍ତି ସୃଷ୍ଟି କରିଛି । ତେଣୁ ସବୁକିଛି ସତର୍କତା ଓ ସୀମିତ ବ୍ୟବସ୍ଥା ମଧ୍ୟରେ ଆୟୋଜନ କରାଯାଉଛି । ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମଧ୍ୟ ସେହିଭଳି ଏକ ଅବସର । ମା’ଙ୍କ ଆବାହନ ଓ ପୂଜନ ପାଇଁ ସମସ୍ତଙ୍କ ମନରେ ପୂର୍ବବତ୍ ଭକ୍ତି ଓ ନିଷ୍ଠା ଭରପୂର । କିନ୍ତୁ ବାହ୍ୟିକ ଆଡମ୍ବର ଓ ଜନସମାଗମକୁ ଆମକୁ ଏଡ଼ାଇବାକୁ ହେବ । ନିଜ ମନରେ ଭକ୍ତିଭାବର ସହ ପ୍ରାର୍ଥନା କରିବାକୁ ହେବ ଯେ, ଦେବୀ ! ତୁମେ ସବୁ ସଂକଟର ସଂହାରକର୍ତ୍ତ୍ରୀ । ତେଣୁ ତୁମେ ମାନବ ସମାଜକୁ ଏ ବିପତ୍ତିରୁ ରକ୍ଷାକର । ସପ୍ତଶତୀ ଚଣ୍ଡୀରେ ସେଥିପାଇଁ କୁହାଯାଇଛି, ଦେବତାମାନେ ଦେବୀଙ୍କ ପ୍ରାର୍ଥନା କରି ଗାନ କରିଥିଲେ “ସର୍ବାବାଧା ବିନର୍ମୁକ୍ତୋ ଧନଧାନୀ ସୁତାନ୍ୱିତ/ ମନୁଷ୍ୟାମତ୍ ପ୍ରସାଦେନ ଭବିଷ୍ୟତି ନସଂଶୟଃ” । ସମସ୍ତଙ୍କ ପାଇଁ ଶାରଦୀୟ ପୂଜା ଶୁଭ ଓ ମଙ୍ଗଳମୟ ହେଉ ।

# ଜୟ ତ୍ୱଂ ସର୍ବଭୂତେଶି ସର୍ବଭୂତ ସମାଦୃତେ

**ବିଦ୍ୟୁତ ଲତା ପଣ୍ଡା**



ମନୁଷ୍ୟ ନିଜର ଐହିକ କଲ୍ୟାଣ, ବୈଷୟିକ ସୁଖ ପାଇଁ ଆଦ୍ୟାଶକ୍ତିଙ୍କ ଆରାଧନା କରିଥାଏ । ସୃଷ୍ଟି ତିଷ୍ଠି ରହିଛି ଶକ୍ତିଙ୍କ ପାଇଁ । ସୃଷ୍ଟିର ମଙ୍ଗଳ ନିମନ୍ତେ ଶକ୍ତି ବିଭିନ୍ନ ରୂପନେଇ ପୂଜା ପାଉଛନ୍ତି । ପାପ, ଅନ୍ୟାୟ, ଅତ୍ୟାଚାରକୁ ବିନାଶ କରିବା ପାଇଁ ମାତୃଶକ୍ତିର ହୁଏ ଆବିର୍ଭାବ । ସେହି ମାତୃଶକ୍ତି ମଧ୍ୟରୁ ମା’ଦୁର୍ଗାଙ୍କ ପୂଜାକୁ ଆମେ ଦୁର୍ଗାପୂଜା ବା ଦଶହରା ବୋଲି କହିଥାଉ । ଶରତର ଶୁଭ୍ର ଆକାଶ, ଶିଉଳିର ମହକ ଓ କାଶତଣ୍ଡୀ ଫୁଲର ହସକୁ ସାଙ୍ଗରେ ଧରି ଧରାଧାମର ସମସ୍ତ ଦୁଃଖ, କଷ୍ଟକୁ ନାଶ କରିବା ପାଇଁ ବିରାଜନ୍ତି ଦେବୀଦୁର୍ଗା । ମହାଡମ୍ବରରେ ମା’ଦୁର୍ଗାଙ୍କର ପୂଜା ଭାରତର ସର୍ବତ୍ର ପାଳିତ ହେଉଥିଲେ ହେଁ ପଶ୍ଚିମବଙ୍ଗର ଏହା ହେଉଛି ମୁଖ୍ୟ ଉତ୍ସବ । କେଉଁଠି ଚାରିଦିନ ତ କେଉଁଠି ଦଶଦିନ ପର୍ଯ୍ୟନ୍ତ ପୂଜା ପାଆନ୍ତି ଦେବୀ ଦୁର୍ଗା । ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ଏହି ପାଞ୍ଚଦିନ ପୂଜା ସମୟକୁ ହର୍ଷ ଓ ଉଲ୍ଲାସର ସହିତ ପାଳନ କରାଯାଇଥାଏ । ମାଆ ଦୁର୍ଗା ହେଉଛନ୍ତି ଏହି ସୃଷ୍ଟିର ଆଦିଶକ୍ତି । ପିତାମହ ବ୍ରହ୍ମା,ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କର ତାଙ୍କରି ଶକ୍ତି ବଳରେ ସୃଷ୍ଟିର ଉତ୍ପତ୍ତି,ପାଳନ-ପୋଷଣ ଓ ସଂହାର କରନ୍ତି । ଅନ୍ୟ ଦେବତାମାନେ ମଧ୍ୟ ମାଆଙ୍କର ଶକ୍ତିରେ ଶକ୍ତିମାନ ହୋଇ ସମସ୍ତ କାର୍ଯ୍ୟ କରନ୍ତି । ମାଆଙ୍କର ନଅଟି ରୂପ ଅଛି । ସେହି ନବଦୁର୍ଗାଙ୍କର ନାମ ହେଉଛି-୧-ଶୈଳପୁତ୍ରୀ,୨-ବ୍ରହ୍ମଚାରିଣୀ, ୩-ଚନ୍ଦ୍ରଘଣ୍ଟା, ୪-କୁଷ୍ମାଣ୍ଡା, ୫-ସ୍କନ୍ଦମାତା,୬-କାତ୍ୟାୟନୀ, ୭-କାଳରାତ୍ରି, ୮-ମହାଗୌରୀ ଓ ୯-ସିଦ୍ଧିଦାତ୍ରୀ । ମାଆଦୁର୍ଗା ଏହି ନବରୂପ ଧାରଣ କରିବାରେ ବିବିଧ କାରଣ ରହିଛି । ଏହି ରୂପମାନଙ୍କର ଅନ୍ତରାଳରେ ନିହିତ ତାତ୍ତ୍ୱିକ ଅବଧାରଣା କରିବା ଆମର ଧାର୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ ନିମନ୍ତେ ଅପରିହାର୍ଯ୍ୟ ଅଟେ ।

ଏକ ପୌରାଣିକ ଆଖ୍ୟାନ ଅନୁସାରେଏହି ପୂଜା ନିମନ୍ତେ ପ୍ରଭୁ ଶ୍ରୀରାମ ରାବଣ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ପୂର୍ବରୁ ଦେବୀ ଦୁର୍ଗାଙ୍କ ଆରାଧନା ନିମନ୍ତେ୧୦୮ଟି ନୀଳ ପଦ୍ମଫୁଲ ଯୋଗାଡ କରିଥିଲେ ମଧ୍ୟ ସେଥିରୁ ଗୋଟିଏ ନଥିବାରୁ ପ୍ରଭୁ କମଳ ଲୋଚନ ପୂଜା ସଂମ୍ପୂର୍ଣ୍ଣ ପାଇଁ ନିଜର ଗୋଟିଏ ଆଖିକୁ ଅର୍ପଣ କରିବାକୁ ଯାଉଥିବା ସମୟରେ ମା’ଦୁର୍ଗା ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇ ଯୁଦ୍ଧରେ ବିଜୟୀ ହେବାର ଆଶୀର୍ବାଦ ପ୍ରଦାନ କରିଥିଲେ ।ଏହି ପୂଜାକୁ ଶ୍ରୀରାମ ଶରତ ଋତୁରେ କରିଥିବାରୁ ଏହା ଶାରଦୀୟ ଦୁର୍ଗାତ୍ସୋବ ଭାବରେ ବିଦିତ ତଥା ଦୁର୍ଗାପୂଜାକୁ ଅକାଳ(ଅସମୟ) ବୋଧନ(ପୂଜା) କୁହା ଯାଉଥିବା ବେଳେ ମହାପୂଜୋ, ମାୟେର ପୂଜୋ, ଭଗବତୀ ପୂଜା, ନବରାତ୍ରି ପୂଜା, କୁଲ୍ଲୁ ଦଶେରା, ମହୀଶୂର ଦଶେରା, ବୋମାଇ ଗୋଲୁ ଏବଂ ଆନ୍ଧ୍ର ପ୍ରଦେଶରେ ବୋମାଲ କୋଲଭୁ ଭାବେ ମଧ୍ୟ ପାଳିତ ହୋଇଥାଏ । ଭିନ୍ନ ଏକ ପୌରାଣିକ କଥା ଅନୁସାରେ ମହିଷାସୁରର ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ମୁନି,ଋଷି,ମନୁଷ୍ୟ ଏବଂ ଦେବତା ସମସ୍ତେ ବିଷ୍ଣୁଙ୍କ ଶରଣକୁ ଯିବାରୁ ଭଗବାନ ବିଷ୍ଣୁ ଜୀବ ଜଗତର ଦୁର୍ଦ୍ଦଶା ଫେଡିବା ନିମନ୍ତେ ନିଜ ତେଜରୁ ସୃଷ୍ଟି କରିଥିଲେ ଅସାମାନ୍ୟା ସୁନ୍ଦରୀ ଏକ ଅଗ୍ନିକନ୍ୟା । ସେହି ଅଗ୍ନିକନ୍ୟାକୁ ସମସ୍ତ ଦେବଗଣ ନିଜନିଜର ଶକ୍ତି ଦେବୀଙ୍କୁ ପ୍ରଦାନ କରିବା ସହିତ ବାହନ ଭାବରେ ଦେଇଥିଲେ ପ୍ରବଳ ପରାକ୍ରମୀ ଏକ ସିଂହ । ସମସ୍ତ ଶକ୍ତିର ପୁଞ୍ଜିଭୂତ ଶକ୍ତି ମା’ଶକ୍ତିରୂପିଣୀ ଦୁର୍ଗାଙ୍କର ଅସାମାନ୍ୟ ତେଜ,ସୌନ୍ଦର୍ଯ୍ୟ ଏବଂ ଦିପ୍ତୀ ସହ୍ୟ କରି ନପାରି ମହିଷାସୁର ହାତରୁ ଅସ୍ତ୍ର ଖସି ପଡିଥିଲା । ଦେବୀ ଗୋଟିଏ ପାଦ ସିଂହ ଉପରେ ଓ ଅନ୍ୟ ପାଦଟି ମହିଷାସୁର ଛାତି ଉପରେ ରଖି ଶିବଙ୍କ ପ୍ରଦତ୍ତ ତ୍ରିଶୁଳ ସାହାଯ୍ୟରେ ମହିଷାସୁରକୁ ନିଧନ କରି ଧରାକୁ ଅନ୍ୟାୟ ଓ ଅତ୍ୟାଚାରରୁ ରକ୍ଷା କରିଥିଲେ ।

ବଙ୍ଗୀୟ ସଂସ୍କୃତି ପ୍ରଭାବରୁ ଓଡିଶାରେ ଦୁର୍ଗାପୂଜାର ଉତ୍ପତ୍ତି ହୋଇଥିବା କେତେକ ଗବେଷକ ମତ ଦିଅନ୍ତି । କେହିକେହି ସୁବାଷ ବୋଷଙ୍କ ବାପା କଟକରେ ଦୁର୍ଗାପୂଜା ପ୍ରଥମେ ଆରମ୍ଭ କରିଥିବା କଥା କହୁଥିବା ବେଳେ କେହିକେହି ଚୈତନ୍ୟ ଦେବଙ୍କ ଓଡିଶା ଆଗମନ କାଳରେ ଗଡଗଡିଆ ଘାଟଠାରେ ଅବତରଣ ପୂର୍ବକ ବିନୋଦବିହାରୀ ମନ୍ଦିରରେ ଦୁର୍ଗାପୂଜା କରିଥିଲେ ବୋଲି କହନ୍ତି । ସେହି ସ୍ମୃତିର ନିଦର୍ଶନ ସ୍ୱରୂପ ବିନୋଦ ବିହାରୀର ଦୁର୍ଗାପୂଜା ବଙ୍ଗୀୟ ପରମ୍ପରା ଅନୁସାରେ ହୋଇ ଆସୁଛି । ମାତ୍ର କେତେକ ଗବେଷକ ଦୁର୍ଗାପୂଜାର ଇତିହାସ ବହୁ ପ୍ରାଚୀନ ବୋଲି କୁହନ୍ତି । ଓଡିଶାର ବହୁ ପ୍ରାଚୀନ ଶକ୍ତିପୀଠ ଏହାର ପ୍ରମାଣ ତଥା ସେହି ଶକ୍ତିପୀଠରେ ଦୁର୍ଗା କାହିଁ ପ୍ରାଚୀନ କାଳରୁ ଆରାଧିତା ହୋଇ ଆସୁଛନ୍ତି । ଏହି କ୍ରମରେ ଶ୍ରୀମନ୍ଦିରର କ୍ଷେତ୍ରେଶ୍ୱରୀ ବିମଳାଙ୍କର ଆଶ୍ୱିନ କୃଷ୍ଣାଷ୍ଟମୀଠାରୁ ଶୁକ୍ଳାଷ୍ଟମୀ ପର୍ଯ୍ୟନ୍ତ ଷୋଡଶ ଦିନବ୍ୟାପୀ ପୂଜା ଅନୁଷ୍ଠିତ ହୋଇଥାଏ । ବିମଳା ହେଉଛନ୍ତି ଶ୍ରୀମନ୍ଦିରର ମୁଖ୍ୟ ଦେବୀ । ଜଗନ୍ନାଥଙ୍କ ପାଖରେ ଭୋଗ ହେଉଥିବା ପ୍ରସାଦ ବିମଳାଙ୍କୁ ସମର୍ପଣ ହୋଇସାରିବା ପରେ ମହାପ୍ରସାଦ ରୂପେ ପରିଗଣିତ ହୋଇଥାଏ । କିମ୍ବଦନ୍ତୀ ରହିଛି ଏବଂ କେତେକ ପ୍ରାଚୀନ ଗ୍ରନ୍ଥରେ ଉଲ୍ଲେଖ ଅଛିଯେ, ଦକ୍ଷ ଯଜ୍ଞରେ ଝାସଦେଇ ପ୍ରାଣ ହରାଇଥିବା ସତୀଙ୍କର ଶରୀରକୁ ଧରି ଶିବ ଯେତେବେଳେ ତାଣ୍ଡବ ନୃତ୍ୟ କଲେ ଏବଂ ସତୀଙ୍କ ଶରୀରକୁ ଧରି ନାନା ତୀର୍ଥସ୍ଥାନ ପରିଭ୍ରମଣ କରିବାକୁ ଲାଗିଲେ,ସେତେବେଳେ ଦେବଗଣ ମାନେ ଭୟଭୀତ ହୋଇ ଶ୍ରୀବିଷ୍ଣୁଙ୍କର ଶରଣାପନ୍ନ ହେବାରୁ, ଶ୍ରୀହରି ସଦାଶିବଙ୍କର ଆସକ୍ତି ପରିହାର ନିମନ୍ତେ ସୁଦର୍ଶନ ଚକ୍ରକୁ ପ୍ରେରଣ କରି ନିର୍ଦ୍ଦେଶ ଦେଲେ ଯେ, ଶିବଙ୍କ ସ୍କନ୍ଧସ୍ଥିତ ସତୀଙ୍କର ଶବକୁ ତାଙ୍କର ଅଜ୍ଞାତରେ ଖଣ୍ଡଖଣ୍ଡ କରି କାଟି ପକାଅ । ବିଷ୍ଣୁଙ୍କ ଆଜ୍ଞାରେ ସତୀଙ୍କର ଶବ ଖଣ୍ଡଖଣ୍ଡ ହୋଇ ଯେଉଁ ସ୍ଥାନ ମାନଙ୍କରେ ପଡ଼ିଲା ସେହି ସବୁସ୍ଥାନ ଶକ୍ତି ପୀଠ ଭାବରେ ପରିଣତ ହେଲା । ଶିବ ଆସକ୍ତି ଶୂନ୍ୟହୋଇ ଯୋଗ ସାଧନରେ ବ୍ରତୀ ହେଲେ । ସତୀଙ୍କର ଏକ ଅଂଶ ଏଠାରେ ପଡ଼ିବାରୁ ଏହା ପ୍ରସିଦ୍ଧ ତନ୍ତ୍ରପୀଠ ବା ବିମଳା ପୀଠ ଭାବରେ ପରିଚିତ ହେଲା । ତନ୍ତ୍ରଚୂଡ଼ାମଣିରେ ଉଲ୍ଲେଖ ଅଛି ଯେ ସତୀଙ୍କର ନାଭି ଏ ସ୍ଥାନରେ ପଡ଼ି ଥିବାରୁ ଏହା ଶକ୍ତି ପୀଠ ଭାବରେ ପରିଚିତ ହେଲା । ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ର ମୁଚ୍ୟତେ ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ॥ ତାନ୍ତ୍ରିକମାନେ ବିମଳାଙ୍କୁ ଭୈରବୀ ରୂପରେ ପରିକଳ୍ପନା କରିଛନ୍ତି । କରପତ୍ରୀ ମହାରାଜଙ୍କ ଦ୍ୱାରା ଲିଖିତ ‘କଲ୍ୟାଣୀ’ରେ ସତୀଙ୍କର ମସ୍ତକ(ଖପୁରୀ) ଏହି ସ୍ଥାନରେ ପଡ଼ିଥିଲା ବୋଲି ଉଲ୍ଲେଖ କରିଛନ୍ତି ।। ବିମଳାଙ୍କୁ ଭୈରବୀ ରୂପରେ ପୂଜା ପ୍ରାୟ ହର୍ଷବର୍ଦ୍ଧନଙ୍କ ଓଡ଼ିଶା ଜୟ କଲାଠାରୁ ବଜ୍ରଯାନ ସ୍ରୋତରେ ଭାସିଯାଇ ହୋଇଥିଲା ଏବଂ ବୌଦ୍ଧ ଧର୍ମର ପ୍ରଭାବରେ ବିମଳା କ୍ଷେତ୍ରେଶ୍ୱରୀ ରୂପରେ ପୂଜା ପାଇ ଆସିଲେ । ତେଣୁ ଓଡିଶାର ଦୁର୍ଗା ପୂଜାର ପ୍ରାଚୀନତାର ପ୍ରମାଣ ଦେବାର ଆଉ ଆବଶ୍ୟକତା ନାହିଁ ବଙ୍ଗ ଓଡିଶାରୁ ହିଁ ଦୁର୍ଗାପୂଜାର ଆରମ୍ଭ ହୋଇଥିବାର କଥା ଅନେକ ଗବେଷକ ମତ ଦିଅନ୍ତି ।

ମାତାଙ୍କର ଚରଣର ଏହି ସାନ୍ନିଧ୍ୟ ପ୍ରାପ୍ତି ନିମନ୍ତେ ଆମକୁ ନିୟମନିଷ୍ଠ ହୋଇ ନିରନ୍ତର ତାଙ୍କର ଉପାସନା କରିବାକୁ ପଡିବ । ମାତା ଭଗବତୀଙ୍କ ସ୍ମରଣ,ଧ୍ୟାନ ଓ ପୂଜନ ଆମକୁ ଏହି ସଂସାରର ଅସାରତା ବୋଧ କରାଇ ବାସ୍ତବିକ ପରମ ଶାନ୍ତିଦାୟକ ଅମୃତ ପଦ ଆଡକୁ ନେଇ ଯାଇପାରିବ ।

+ କପ୍ତିପଦା,
ମୟୂରଭଞ୍ଜ
ମୋ.୯୯୩୮୧୨୨୮୨୬

# ଦୁର୍ଗେ ଦୁର୍ଗେ ମହାଭାଗେ ତ୍ରାହି ମାଂ ଶରଣ ପ୍ରିୟେ

**ଡକ୍ଟର ଶ୍ରୀହରି ପଣ୍ଡା**



ସୃଷ୍ଟି ଅନ୍ତରାଳରେ ଶିବ ଏବଂ ଶିବାନୀଙ୍କର ଭୂମିକାର ବର୍ଣ୍ଣନା ସିଦ୍ଧାନ୍ତ ଦର୍ଶନ ତତ୍ତ୍ୱରେ ଦେଖିବାକୁ ମିଳେ । ଏହି ତତ୍ତ୍ୱ ଅନୁଯାୟୀ ଅବିନଶ୍ୱର ଦିବ୍ୟ ଚେତନାର ଉତ୍ସ ହେଲେ ପରା-ଶିବ(ଅର୍ଥାତ୍ ପରିପୂର୍ଣ୍ଣ ଶିବ,ତାଙ୍କର ଦର-ପ୍ରକାଶିତ ରୂପକୁ କୁହାଯାଏ ସଦା-ଶିବ)ପରା-ଶିବଙ୍କ ଏକହଜାର ଭାଗରୁ ଭାଗେ ଦ୍ୱାରା ରୂପ ପାଆନ୍ତି ପରା-ଶକ୍ତି । ପରା-ଶକ୍ତିଙ୍କ ଠାରୁ ରୂପ ପାଆନ୍ତି ଆଦ୍ୟା-ଶକ୍ତି(ବା ଆଦି-ଶକ୍ତି)। ଆଦ୍ୟା-ଶକ୍ତିଙ୍କ ଠାରୁ ରୂପ ପାଆନ୍ତି ଇଚ୍ଛା-ଶକ୍ତି । ଇଚ୍ଛା-ଶକ୍ତିଙ୍କ ଠାରୁ ଜନ୍ମ ନିଅନ୍ତି ଜ୍ଞାନ-ଶକ୍ତି । ଜ୍ଞାନ-ଶକ୍ତିଙ୍କ ଠାରୁ ଜନ୍ମ ନିଅନ୍ତି କ୍ରିୟା-ଶକ୍ତି ।ଏହି ପାଞ୍ଚ ଶକ୍ତି (ପରା-ଶକ୍ତି, ଆଦ୍ୟା-ଶକ୍ତି, ଇଚ୍ଛା-ଶକ୍ତି, ଜ୍ଞାନ-ଶକ୍ତି ଓ କ୍ରିୟା-ଶକ୍ତି)ସଦା-ଶିବଙ୍କର ପାଞ୍ଚଗୋଟି ବିଭବ ଯଥା; ଇଶାନ, ତତ୍ପୁରୁଷ, ଅଘୋର, ବାମଦେବ, ସଦ୍ୟୋଜାତ ପଞ୍ଚମନ୍ତ୍ର ଓ ପଞ୍ଚକୃତ୍ୟ ସହିତ ସମ୍ପୃକ୍ତ । ପଞ୍ଚ-ମନ୍ତ୍ର ଓ ପଞ୍ଚ-କୃତ୍ୟ ଆଧିପତ୍ୟ ବିସ୍ତାର କରନ୍ତି ପଞ୍ଚ-ଭୂତ(ଅର୍ଥାତ୍ କ୍ଷିତି, ଅପ୍, ତେଜୋଃ, ମରୁତ୍, ବ୍ୟୋମ ବା ମାଟି, ପାଣି, ଆଲୋକ, ପବନ ଓ ଇଥର)। ସୃଷ୍ଟିର ରହସ୍ୟ ଭଳି ରହସ୍ୟମୟ ଶିବ-ଶକ୍ତି ତତ୍ତ୍ୱ । ତତ୍ତ୍ୱ ଯେତେ ଗୁଢ ଓ ଅବୋଧ ହୋଇଥିଲେ ବି ଶକ୍ତି ଉପାସନା ହିନ୍ଦୁ ସମାଜରେ ସର୍ବଜନ ବିଦିତ ଓ ଆଦୃତ । ହିନ୍ଦୁ ଧର୍ମରେ ପୂଜିତା ଦେବୀମାନେ କେଉଁଠି ଦୁର୍ଗା, କାଳୀ, ଚଣ୍ଡୀ ଆଦିରୂପରେ ଉପାସିତ ହେଉଛନ୍ତି । ମନୁଷ୍ୟ ନିଜର ଐହିକ କଲ୍ୟାଣ,ବୈଷୟିକ ସୁଖ ପାଇଁ ଆଦ୍ୟାଶକ୍ତିଙ୍କ ଆରାଧନା କରିଥାଏ । ସୃଷ୍ଟି ତିଷ୍ଠି ରହିଛି ଶକ୍ତିଙ୍କ ପାଇଁ । ସୃଷ୍ଟିର ମଙ୍ଗଳ ନିମନ୍ତେ ଶକ୍ତି ବିଭିନ୍ନ ରୂପନେଇ ପୂଜା ପାଉଛନ୍ତି । ପାପ,ଅନ୍ୟାୟ,ଅତ୍ୟାଚାରକୁ ବିନାଶ କରିବା ପାଇଁ ମାତୃଶକ୍ତିର ହୁଏ ଆବିର୍ଭାବ । ସେହି ମାତୃଶକ୍ତି ମଧ୍ୟରୁ ମା’ଦୁର୍ଗାଙ୍କ ପୂଜାକୁ ଆମେ ଦୁର୍ଗାପୂଜା ବା ଦଶହରା ବୋଲି କହିଥାଉ । ଶରତର ଶୁଭ୍ର ଆକାଶ,ଶିଉଳିର ମହକ ଓ କାଶତଣ୍ଡୀ ଫୁଲର ହସକୁ ସାଙ୍ଗରେ ଧରି ଧରାଧାମର ସମସ୍ତ ଦୁଃଖ,କଷ୍ଟକୁ ନାଶ କରିବା ପାଇଁ ବିରାଜନ୍ତି ଦେବୀଦୁର୍ଗା । ମହାଡମ୍ବରରେ ମା’ଦୁର୍ଗାଙ୍କର ପୂଜା ଭାରତର ସର୍ବତ୍ର ପାଳିତ ହେଉଥିଲେ ହେଁ ପଶ୍ଚିମବଙ୍ଗର ଏହା ହେଉଛି ମୁଖ୍ୟ ଉତ୍ସବ । କେଉଁଠି ଚାରିଦିନ ତ କେଉଁଠି ଦଶଦିନ ପର୍ଯ୍ୟନ୍ତ ପୂଜା ପାଆନ୍ତି ଦେବୀ ଦୁର୍ଗା । ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ଏହି ପାଞ୍ଚଦିନ ପୂଜା ସମୟକୁ ହର୍ଷ ଓ ଉଲ୍ଲାସର ସହିତ ପାଳନ କରାଯାଇଥାଏ । ମାଆ ଦୁର୍ଗା ହେଉଛନ୍ତି ଏହି ସୃଷ୍ଟିର ଆଦିଶକ୍ତି । ପିତାମହ ବ୍ରହ୍ମା,ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କର ତାଙ୍କରି ଶକ୍ତି ବଳରେ ସୃଷ୍ଟିର ଉତ୍ପତ୍ତି,ପାଳନ-ପୋଷଣ ଓ ସଂହାର କରନ୍ତି । ଅନ୍ୟ ଦେବତାମାନେ ମଧ୍ୟ ମାଆଙ୍କର ଶକ୍ତିରେ ଶକ୍ତିମାନ ହୋଇ ସମସ୍ତ କାର୍ଯ୍ୟ କରନ୍ତି । ମାଆଙ୍କର ନଅଟି ରୂପ ଅଛି । ସେହି ନବଦୁର୍ଗାଙ୍କର ନାମ ହେଉଛି-୧-ଶୈଳପୁତ୍ରୀ,୨-ବ୍ରହ୍ମଚାରିଣୀ,୩-ଚନ୍ଦ୍ରଘଣ୍ଟା,୪-କୁଷ୍ମାଣ୍ଡା,୫-ସ୍କନ୍ଦମାତା,୬-



କାତ୍ୟାୟନୀ,୭-କାଳରାତ୍ରି,୮-ମହାଗୌରୀ ଓ ୯-ସିଦ୍ଧିଦାତ୍ରୀ । ମାଆଦୁର୍ଗା ଏହି ନବରୂପ ଧାରଣ କରିବାରେ ବିବିଧ କାରଣ ରହିଛି । ଏହି ରୂପମାନଙ୍କର ଅନ୍ତରାଳରେ ନିହିତ ତାତ୍ତ୍ୱିକ ଅବଧାରଣା କରିବା ଆମର ଧାର୍ମିକ,ସାଂସ୍କୃତିକ ଓ ସାମାଜିକ ବିକାଶ ନିମନ୍ତେ ଅପରିହାର୍ଯ୍ୟ ଅଟେ ।

ଏକ ପୌରାଣିକ ଆଖ୍ୟାନ ଅନୁସାରେ ଏହି ପୂଜା ନିମନ୍ତେ ପ୍ରଭୁ ଶ୍ରୀରାମ, ରାବଣ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ପୂର୍ବରୁ ଦେବୀଦୁର୍ଗାଙ୍କ ଆରାଧନା ନିମନ୍ତେ ୧୦୮ଟି ନୀଳ ପଦ୍ମଫୁଲ ଯୋଗାଡ କରିଥିଲେ ମଧ୍ୟ ସେଥିରୁ ଗୋଟିଏ ନଥିବାରୁ ପ୍ରଭୁ କମଳ ଲୋଚନ ପୂଜା ସଂମ୍ପୂର୍ଣ୍ଣ ପାଇଁ ନିଜର ଗୋଟିଏ ଆଖିକୁ ଅର୍ପଣ କରିବାକୁ ଯାଉଥିବା ସମୟରେ ମା’ଦୁର୍ଗା ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇ ଯୁଦ୍ଧରେ ବିଜୟୀ ହେବାର ଆଶୀର୍ବାଦ ପ୍ରଦାନ କରିଥିଲେ ।ଏହି ପୂଜାକୁ ଶ୍ରୀରାମ ଶରତ ଋତୁରେ କରିଥିବାରୁ ଏହା ଶାରଦୀୟ ଦୁର୍ଗାତ୍ସୋବ ଭାବରେ ବିଦିତ ତଥା ଦୁର୍ଗାପୂଜାକୁ ଅକାଳ(ଅସମୟ) ବୋଧନ(ପୂଜା)

▶▶ପୃଷ୍ଠା ୫

# ମୁଖ୍ୟମନ୍ତ୍ରୀ ମହୋଦୟ, ଦୟାକରି ଶୁଣନ୍ତୁ

**ସୁବ୍ରତ କର**



ଏହା ମୋର ନିଜସ୍ୱ କଥା ନୁହେଁ, ଏହା ହେଉଛି ବାଲେଶ୍ୱର ସହରର ହେବାକୁ ଯାଉଥିବା ଭୋଟଦାତାଙ୍କ କଥା। ଶୁଣିବେ କଣ ? ରାଜ୍ୟରେ ମଦ ବନ୍ଦ କରନ୍ତୁ ଅନ୍ୟ ରାଜ୍ୟ ଭଳି। ଦୃଷ୍ଟାନ୍ତ ଗୁଜରାଟ ଏବଂ ବିହାର। ସମ୍ଭବ କି ? ହଁ ସମ୍ଭବ ଯଦି ମୁଖ୍ୟମନ୍ତ୍ରୀ ଚାହିଁବେ। ଏହା ଗୋଟିଏ ଚାହିଦା ଥିବା ଦୈନିକ ଖବରକାଗଜର ପ୍ରଥମ ପୃଷ୍ଠାର ଖବର ‘ଆଗେ ମଦ ବନ୍ଦ କର, ତା’ପରେ ଭୋଟ। ଭରା ସଭାରେ ନେତାଙ୍କୁ ଘେରିଗଲେ ଉପସ୍ଥିତ ଥିବା ସମସ୍ତ ମହିଳା ଏବଂ ଏକ ସ୍ୱରରେ କହିଲେ, ‘ତମେ ଶାସନରେ ଅଛ। ଆଗ ମଦ ବନ୍ଦ କର। ତା’ପରେ ଯାଇ ଆମ ପାଖକୁ ଭୋଟ ମାଗିବାକୁ ଆସିବ। ମଦ ବନ୍ଦ କରିଦେଲେ ଆମେ ସମସ୍ତେ ସମର୍ଥନ ଦେବୁ। ଏହା ହେଉଛି ବାଲେଶ୍ୱର ସଦର ଉପନିର୍ବାଚନ ପାଇଁ ବୁଆଁଳ ପଂଚାୟତରେ ଅନୁଷ୍ଠିତ ବିଜେଡ଼ିର ଏକ ସଭାର ଦୃଶ୍ୟ। ଏମାନେ ଚେଷ୍ଟା କରିଛନ୍ତି ତାଙ୍କର ଦୁଃଖର କାହାଣୀ ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ଦୃଷ୍ଟିକୁ ଆଣିବାକୁ ଉପସ୍ଥିତ ଥିବା ନେତାଙ୍କ ମାଧ୍ୟମରେ। ଏହା କଣ ଯଥେଷ୍ଟ ନୁହଁ ଆମ ରାଜ୍ୟର ଥିବା ମହିଳାମାନଙ୍କର ମନର ଅକୁହା କଥା। ଏହାପରେ ଯଦି ସରକାରର ବା ସରକାରଙ୍କ ମୁଖ୍ୟ ବୁଝି ନପାରିବେ ତେବେ କିଛି କହିବାର ନାହିଁ। ଭୋଟବାକ୍ସ କହିବ ଆଉ କିଛି ଦିନ ପରେ। ଏଥିରେ ଫରକ୍ କଣ ପଡ଼ିବ ? କିଛି ନାହିଁ, ସରକାର ମଦ ବିକ୍ରିକରି ବର୍ଷକୁ ୪୦୦୦କୋଟି ଟଙ୍କା ରୋଜଗାର କରୁଛନ୍ତି। ଏହି ଟଙ୍କାଟା ରାଜକୋଷକୁ ଆସିବ ନାହିଁ। ମିଳିବ କଣ ସରକାରଙ୍କୁ ବା ମୁଖ୍ୟମନ୍ତ୍ରୀଙ୍କୁ ? ମଦ ପିଇ ଗାଡ଼ି ଚଳାଇବାରେ ଓଡ଼ିଶା ଦେଶର ତୃତୀୟ, ଏହି ବଦ୍‌ନାମ ଉଠିଯିବ ଏବଂ। ଖବର ଅନୁଯାୟୀ ମଦ୍ୟପାନ କରି ଗାଡ଼ି ଚଳାଇବାପାଇଁ ୧୦୬୮ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୫୦୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାଛଡ଼ା ମଦ ପିଇଁ ବା ମଦ ପାଇଁ ପ୍ରତିଦିନ ଶହଶହ ଘର ଓଜାଡ଼ି ହୋଇଯାଉଛି। ପ୍ରତିଦିନ ହଣା କଟା, ଛିନତାଇ, ରାହାଜାନି ପ୍ରଭୃତି ଦିନ ଦ୍ୱିପ୍ରହରରେ ଘଟିବାରେ ଲାଗିଛି। ଏହାକୁ ହିସାବକୁ ନେଲେ ବେଶ୍ କିଛି ହଜାର ୫୦୭ ସହିତ ନିଶ୍ଚିତ ମିଶିବ। ଫାଇଭ୍ ଟିରେ ଶେଷରେ ବିଦ୍ୟୁତ୍ ସରବରାହ ବିଭାଗ ମିଶିଲା, ତେବେ ମଦ ଏବଂ ଧଳାଜହର ବିଭାଗଟିକୁ ମିଶେଇବାର ଅସୁବିଧା କେଉଁଠି ? ସାଢ଼େ ଚାରିକୋଟି ଲୋକଙ୍କୁ ଚଳାଉଛନ୍ତି ମୁଖ୍ୟମନ୍ତ୍ରୀ ଏବଂ ଫାଇଭ ଟି ବିଭାଗ ଏବଂ ସବୁ କାମ ଲୋକଙ୍କ ଭଲ ପାଇଁ କରିବାକୁ ଚେଷ୍ଟା କରୁଛନ୍ତି। ଏଣେ ଗତ ଦୁଇବର୍ଷ ମଧ୍ୟରେ ଧଳାଜହର ପ୍ରାୟ ୨୦ କେ.ଜି.ରୁ ଉର୍ଦ୍ଧ୍ୱ ପୁଲିସ ବିଭାଗ ଏହାକୁ ଧରିଛନ୍ତି। କେତେ କୋଟି ଟଙ୍କା ଏହା ପୁଲିସ ବାବୁମାନେ କହିପାରିବେ। ବଡ଼ କଥା ହେଲା ଏହି ବ୍ୟବସାୟରେ କଲେଜରେ ପାଠ ପଢୁଥିବା ଅତପୋତ ଭାବରେ ଜଡ଼ିତ ଏବଂ ଅନେକ କଲେଜ ପଢୁଆ ପିଲା ପୁଲିସ ହାତରେ ଧରାପଡ଼ିଛନ୍ତି। ଏବେ ଠୁ ଏହା ଉପରେ ଉଚିତ୍ ପଦକ୍ଷେପ ନେବା ଉଚିତ ବୋଲି ସାଢ଼େ ଚାରିକୋଟି ଲୋକ ଭାବୁଛନ୍ତି ଏବଂ ଏହାକୁ ମୁଖ୍ୟମନ୍ତ୍ରୀ ସମ୍ମାନ ନେବେବୋଲି ଭାବୁଛୁ।

## କବିତା କୋଣାର୍କ



### ଯା ଦେବୀ ସର୍ବଭୂତେଷୁ...

ଦୀପ୍ତି ମିଶ୍ର

ସୃଷ୍ଟିର କାରଣ ଅଟୁ ତୁହି ମା’ !
ତୁ ହିଁ ଅଟୁ ଆଦ୍ୟା ଶକ୍ତି
ଦୁର୍ଗତି ନାଶିନୀ ନାମେ ପାଉ ପୂଜା
ଫେଡ଼ି ଜଗତ ଦୁର୍ଗତି।
ମା’ ଡାକରୁ ଯେ ଝରଇ ଅମୃତ
ସତେ ଅବା ମିଳେ ସରଗ ସୁଖ
ନାଶି ଦୁଃଖରାଶି ଆପଦେ ବିପଦେ
ଯେତେ ଝଡ଼ଝଞ୍ଜା ଦୁଃଖ।
ମା’, ମା’ ସ୍ମରି ଜୀବନର ପଥେ
ଲଭିଛି ସଂପଦ ଯାହା
ସେ ସଂପଦ ମୋର ଅଟଇ ଅମୂଲ୍ୟ
ଚଲାପଥେ ହୁଏ ସାହା।
ଜଗତ ଜନନୀ ତୁହି ବୋଲାଇଲୁ
ତୋରା ଦିବ୍ୟଶକ୍ତି ବଳେ
ସୁରକ୍ଷା କବଚ ସାଜି ତୁହି ମା’।
ଆଦରି ନେଇଛୁ କୋଳେ।
ତୋ ଚରଣେ ମୁଁ ଯେ ହାତ ପାତି ପାତି
କରିଛି ଗୁହାରୀ ଯେତେ
ସବୁ ଡାକ ଶୁଣି ‘ଓ !’ ତୁ କରିଛୁ
ନିରାଶ ନ କରି ମୋତେ।
ଯା ଦେବୀ ସର୍ବଭୂତେଷୁ
ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋ ନମଃ।

+ କଳିଙ୍ଗ ବିହାର, ଭୁବନେଶ୍ୱର
ଦୂରଭାଷ : ୯୦୪୦୦୨୭୪୦୦

## କବିତା କୋଣାର୍କ



### ଦୁର୍ଗତି ନାଶିନୀ...

ରାମ ଚନ୍ଦ୍ର ପ୍ରଧାନ

ମହିଷା ମର୍ଦ୍ଦିନୀ ଦୁର୍ଗତି ନାଶିନୀ
ତୁମେ ପରା ମହାମାୟା
ଜଗତ ଜନନୀ ସିଂହବାହିନୀ ମା
ସକଳ ଜନଙ୍କ ସାହା ।

ଦୁଃଖ ବିନାଶିନୀ ସୁଖ ପ୍ରଦାୟିନୀ
ସଙ୍କଟ ହାରଣୀ ମାଆ
ବ୍ରହ୍ମାଙ୍କ ବ୍ରାହ୍ମଣୀ ବିଷ୍ଣୁଙ୍କ ମୋହିନୀ
ଶିବଙ୍କ ଘରଣୀ ମାଆ ।

ତୁମ ଆଗମନେ ହସେ ଏ ଜଗତ
ଘରେ ଘରେ ତୁମ ପୂଜା
ତୁମ ଆବାହନେ ନାଚନ୍ତି ଭକତ
ବାଜୁଥାଏ ଢ଼ୋଲ ବାଜା ।

ତୁମେ ଦଶଭୂଜା ତୁମେ ପୁଣ୍ୟତୋୟା
ଝରାଅ ସ୍ନେହର ସୁଧା
ତୁମେ ଦଶବିଦ୍ୟା ବିଶ୍ୱ ବନ୍ଦନୀୟ
ରକ୍ଷାକର ଏ ବସୁଧା ।

ଅବତରି ଆସି ଏ ଧରାକୁ ଧାମକୁ
ନାଶକର ଦୁଷ୍ଟଜନ
ଧର୍ମ ରକ୍ଷା କରି ଅଧର୍ମ ବିନାଶୀ
ରଖ ସାଧୁଜନ ପ୍ରାଣ ।

+ ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬



### ବରଷକେ ଥରେ ଆସିଛି ଦଶରା...

ଶରତ କୁମାର ଦାସ

ବରଷକେ ଥରେ ଆସିଛି ଦଶରା
ଧଦରା ମହମହ ବାସୁଛି,
ସକାଳ ସୂରୁଜ ଆଶିଷ ଢାଳୁଛି
ଗାଆଁରୁ ସହର ହସୁଛି ।
ନଈପଠା ଧାରେ ମୁଣ୍ଡ ଟେକି ଧୀରେ
କାଶଫୁଲ କହେ ଗରବେ,
‘ଶରତ ଆଣିଛି ମାଆଙ୍କୁ ମରତେ
ଆସରେ ପୂଜିବା ସରବେ ।’

ପାରବଣ ଶୋଭ କିଣୁଛି ମନକୁ
ଭକତିର ଭାବ ବହୁଛି,
ଖୁସିର ପସରା ମେଲି ଚଉଦିଗେ
ପରାଣକୁ ଆମ ମୋହୁଛି ।

ନୂଆ ଲୁଗା ପିନ୍ଧି ଦଳ ଦଳ ହୋଇ
ଚାଲିଲେଣି ମନ ହରଷେ,
ପୂଜିବେ ମାଆଙ୍କୁ ଧୂପ ଦୀପ ଦେଇ
ଗାଇ ମିଠା ଗୀତ ସରସେ ।

ମେଳଣ ପଡ଼ିଆ ଗହଳ ଚହଳ
ନାନା ଦରବରେ ପୂରୁଛି,
କେତେ ଜାତି ଦୋଳି ଉପରୁ ଦଳକୁ
କିରି କିରି କିରି ଘୂରୁଛି ।

ପେଏଁ ପେଏଁ ପେଏଁ ବାଜୁଛି ପେଁ’କାଳି
ଢାଉଁ ଢାଉଁ ଢୋଲ ବାଜୁଛି,
ଝାଇଁ ଝାଇଁ ଝାଂଜ ଶବଦ ଶୁଭୁଛି
ମନ ତ ଆମର ହଜୁଛି ।

ଭଳିକି ଭଳି ତ ସାଜିଛି ତୋରଣ
ଚିକିମିକି କେତେ ଦିଶୁଛି,
ରକମ ରକମ ଆଲୁଅର ମାଳ
ରାତି ଅନ୍ଧାରକୁ ନାଶୁଛି ।

କିଏ ଖାଉଛି ତ ବରା ଆଳୁଦମ୍
ଗୁପଚୁପ୍ କିଏ ଖାଉଛି,
ଆଇସକ୍ରିମ୍, ଚାଟ୍ ପୁଣି ଚାଉମିନ୍
କିଏ ସେ ପାଟିକି ନେଉଛି ।

ଟିକିନ ଚନ୍ଦନ ଦୁଇ ଭାଇ ମିଶି
ସଜବାଜ କେତେ ହେଲେଣି,
ଦେଖିବେ, ଯାତରା କିଣିବେ ଖେଳନା
ବାପାଙ୍କ ସାଥିରେ ଗଲେଣି ।

+ ଅଧ୍ୟାପକ, ବଡବିଲ
ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା- କେନ୍ଦୁଝର
ମୋ: ୮୨୪୯୧୩୭୦୯୧

# ଯୁଗେ ଯୁଗେ ଦେବୀ

**ବିପିନ ବିହାରୀ ମହାନ୍ତି**

ଦେଶ ଓ ବିଦେଶରେ ପ୍ରମୁଖ ଶକ୍ତିପୀଠ
ବିପିନ ବିହାରୀ ମହାନ୍ତି

ଦେବୀ ସତୀ ଭଗବାନ ଶିବଙ୍କୁ ବରଣ କରିବା ପରେ ତାଙ୍କ ପିତା ପ୍ରଜାପତି ଦକ୍ଷ ରୁଷ୍ଟ ହୋଇଥିଲେ କାରଣ ଶିବଙ୍କ ସହିତ ସତୀଙ୍କ ବିବାହ ସେ ଚାହୁଁନଥିଲେ। ଏହା କେବଳ ସତୀଙ୍କ କାରଣରୁ ଓ ବ୍ରହ୍ମାଙ୍କ ମଧ୍ୟସ୍ଥତାରୁ ସମ୍ଭବ ହୋଇଥିଲା । ଦକ୍ଷ ଏହାର ପ୍ରତିଶୋଧ ନେବାକୁ ଚାହିଁଲେ । ସେଥିପାଇଁ ସେ ଏକ ଯଜ୍ଞର ଆୟୋଜନ କଲେ ଏବଂ ସେଥିକୁ ସତୀ ଏବଂ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ଏ ଯଜ୍ଞ ସେମାନଙ୍କୁ ଅପମାନିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହା ସତୀଙ୍କୁ ବାଧିଲା । ତଥାପି ନିଜର ସ୍ୱାମୀଙ୍କ ସମ୍ମାନ ଓ ଯଜ୍ଞରେ ତାଙ୍କ ଯଥାର୍ଥ ଭାଗ ଦାବି କରିବା ପାଇଁ ସେ ଯିବାକୁ ଶିବଙ୍କୁ ଅନୁମତି ଭିକ୍ଷା କଲେ। ଶିବ ଏଥିକୁ ବାରଣ କଲେ। ତଥାପି ଦେବୀ ଜିଦ୍‌ଖୋର ଏବଂ ସେମିତି ଶିବଙ୍କର ବାରଣ। ଶେଷରେ ଦେବୀ ନିଜର ଦଶମହାବିଦ୍ୟା ରୂପ ଦେଖାଇ ଶିବଙ୍କୁ ଭୟଭୀତ କରାଇଲେ। ଏଥର ଶିବ ଯିବାକୁ ତାଙ୍କୁ ଅନୁମତି ଦେଲେ। ଅଥଚ ସେଠାରେ ସତୀଙ୍କ ଉପସ୍ଥିତିକୁ ଗ୍ରହଣ କରାଗଲା ନାହିଁ। ଏଣୁ ସତୀ ଓ ଦକ୍ଷଙ୍କ ମଧ୍ୟରେ ବାକ୍ ବିତଣ୍ଡା ହେଲା। ଏଥିରେ ସତୀ କ୍ଷୁବ୍ଧ ଏବଂ ଅପମାନିତ ହୋଇ ଛାୟା ସତୀ ରୂପେ ଝାସ ଦେଲେ। ଏ ବାର୍ତ୍ତା ଶିବଙ୍କ ପାଖେ ପହଞ୍ଚିଲା। ସେ କ୍ରୋଧରେ ତାଙ୍କ ତୃତୀୟ ନୟନରୁ ବୀରଭଦ୍ରଙ୍କୁ ସୃଷ୍ଟି କରି ସୈନ୍ୟ ଦଳ ସହ ଯଜ୍ଞସ୍ଥଳୀକୁ ପଠାଇଲେ। ସେମାନେ ଯଜ୍ଞ ଧ୍ୱଂସ କଲେ ଏବଂ ବୀରଭଦ୍ର ଦକ୍ଷଙ୍କ ମୁଣ୍ଡକାଟି ଯଜ୍ଞକୁଣ୍ଡରେ ନିକ୍ଷେପ କଲେ। ପରେ ଅବଶ୍ୟ ଦେବତାମାନେ ସ୍ତବନ କରାଇ ଶିବଙ୍କୁ ଶାନ୍ତ କରାଇଲେ। ଯଜ୍ଞ ସମାପନ ହେଲା ଏବଂ ଦକ୍ଷଙ୍କ କଟାମୁଣ୍ଡ ସ୍ଥାନରେ ଶିବ ଛେଳି ମୁଣ୍ଡଟିଏ ଯୋଡିଦେଲେ। କାରଣ ଦକ୍ଷଙ୍କର ପୂର୍ବମୁଣ୍ଡ ଯଜ୍ଞାଗ୍ନିରେ ଦାହ ହୋଇ ଯାଇଥିଲା।

ସତୀ ବିନା ଜୀବନ ବିତାଇବାକୁ ଶିବଙ୍କୁ ଅସମ୍ଭବ ବୋଧ ହେଲା। ସେ କ୍ରୋଧାନ୍ୱିତ ହୋଇ ଯଜ୍ଞସ୍ଥଳକୁ ଗଲେ। ସତୀଙ୍କ ଦଗ୍‌ଧ ଶରୀର ଅବଶିଷ୍ଟ ଅଂଶକୁ କାନ୍ଧରେ ଧରି ବ୍ରହ୍ମାଣ୍ଡ ବୁଲିଲେ। ଏ ସମୟରେ ତାଙ୍କ ତାଣ୍ଡବ ନୃତ୍ୟରେ ସମସ୍ତେ ଥରହର ହେଲେ। ଏହା ଦେଖି ବିଷ୍ଣୁ ତାଙ୍କ ସୁଦର୍ଶନ ଚକ୍ର ପଠାଇ ସେ ଦଗ୍‌ଧ ଶରୀରକୁ ଖଣ୍ଡ ଖଣ୍ଡ କରିଦେଲେ। ଏ ଦେହାବଶେଷ ଯେଉଁଠି ପଡିଲା, ପରବର୍ତ୍ତୀ ସମୟରେ ଗୋଟିଏ ଗୋଟିଏ ଶକ୍ତିପୀଠ ହେଲା। ଏମିତିରେ ପୁରାଣମତେ ୫୧ଟି ବା ଭିନ୍ନ ମତେ ୧୦୮ଟି ଶକ୍ତିପୀଠ ଭାରତ ଓ ଭାରତ ବାହାରେ ଗଢିଉଠିଲା। ଏମାନଙ୍କ ମଧ୍ୟରୁ ପ୍ରମୁଖ କେତୋଟି ପୀଠର ଅବତାରଣା ଏଠାରେ କଲୁ।

ଭାରତର କେତେକ ପ୍ରମୁଖ ଶକ୍ତି ପୀଠ

୧. କାଳୀପୀଠ, ପଶ୍ଚିମବଙ୍ଗ : ପଶ୍ଚିମବଙ୍ଗର ଗଙ୍ଗାନଦୀ କୂଳରେ ଦକ୍ଷିଣେଶ୍ୱର କାଳୀପୀଠ ଅବସ୍ଥିତ। ଏଠାରେ ସତୀଙ୍କ ଡାହାଣ ହାତର ବୁଢା ଆଙ୍ଗୁଳି ବ୍ୟତୀତ ଅନ୍ୟ ଚାରି ଅଙ୍ଗୁଳି ପଡିଥିଲେ। ଏଠାରେ ମହାକାଳୀ ଲମ୍ବା ଜିହ୍ୱା ସହିତ ବିଦ୍ୟମାନ। ଏଠାରେ ଶକ୍ତି ଓ ଭୈରବ ଯଥାକ୍ରମେ 'କାଳିକା' ଓ 'ନକୁଳୀଶ' ଭାବେ ପୂଜା ପାଆନ୍ତି। ଏହିଠାରେ ପରମହଂସ ଶ୍ରୀରାମ କୃଷ୍ଣଦେବ ଜଗଦମ୍ବାଙ୍କୁ ଆରଧନା କରିଥିଲେ।

୨. ଶର୍ବାଣୀ ପୀଠ, କନ୍ୟାକୁମାରୀ : ତାମିଲନାଡୁର ତିନି ସାଗରର ସଂଗମସ୍ଥଳରେ କନ୍ୟାକୁମାରୀ ମନ୍ଦିର ଅବସ୍ଥିତ। ମନ୍ଦିର ସଂଲଗ୍ନ ଭଦ୍ରକାଳୀଙ୍କ ମନ୍ଦିର ଅଛି। ଇଏ କୁମାରୀ ଦେବୀଙ୍କ ସଖୀ ଅଟନ୍ତି। ଏ ପୀଠ କନ୍ୟାକୁମାରୀ ବା ଶର୍ବାଣୀ ପୀଠ ଭାବେ ପରିଚିତ। ଏଠାରେ ଦେବୀଙ୍କ ପୃଷ୍ଠଭାଗ (ଊର୍ଦ୍ଧ୍ୱଦାନ୍ତ) ପତିତ ହୋଇଥିଲା। ଏଠାରେ ଶକ୍ତି ଓ ଭୈରବ ଯଥାକ୍ରମେ ନାରାୟଣୀ/ ଶର୍ବାଣୀ ଏବଂ ସଂହାର/ ଶଙ୍କର ସ୍ଥାଣୁ ଅଟନ୍ତି। ଏଠାରେ ଶିବଙ୍କୁ ପାଇବା ନିମନ୍ତେ ସତୀ ତପସ୍ୟା କରିଥିଲେ। କୁମାରୀ ଥିଲାବେଳେ ଦେବୀ ଏଠାରେ ବାଣାସୁରକୁ ବଧ କରିଥିଲେ।

୩. ଅବନ୍ତୀ ପୀଠ, ଉଜ୍ଜୟିନୀ : ମଧ୍ୟପ୍ରଦେଶର ଉଜୟିନୀ ନିକଟ ଭୈରବ ପର୍ବତ ଉପରେ ସିପ୍ରାନଦୀକୂଳରେ ଯେଉଁ ମନ୍ଦିର ବିଦ୍ୟମାନ, ତାହା ଏକ ଶକ୍ତିପୀଠ। ଏଠାରେ ଦେବୀଙ୍କ ଊର୍ଦ୍ଧ୍ୱ ଓଷ୍ଠ ପତିତ ହୋଇଥିଲା। ଏଠାରେ ଭୈରବୀ ଏବଂ ଭୈରବ ଯଥାକ୍ରମେ ହେଉଛନ୍ତି 'ଅବନ୍ତୀ' ଏବଂ 'ଲମ୍ବକର୍ଣ୍ଣ'।

୪. ମହାମାୟା ପୀଠ, ବୈଷ୍ଣୋଦେବୀ : ହିମାଳୟର ପବିତ୍ର ପ୍ରାନ୍ତ କାଶ୍ମୀରଠାରୁ ୧୩ କିମି ଦୂରରେ ବୈଷ୍ଣୋଦେବୀ ଏକ ପର୍ବତ ଗୁମ୍ଫାରେ ବିରାଜମାନ କରନ୍ତି। ଏ ସ୍ଥାନଟି ଶିବ ଓ ଶକ୍ତିଙ୍କ ପ୍ରବେଶ ଦ୍ୱାର ବୋଲି କୁହାଯାଏ। ଏଇଠି ମା' ଜଗଦମ୍ବା ପାର୍ବତୀ ରୂପେ ଅବସ୍ଥିତ ହୋଇଥିଲେ। ଏଠାରେ ଦେବୀଙ୍କ ଦୁଇଟି ପୀଠ ଅଛି। ପ୍ରଥମଟି ଦୈନପୁର। ଏଠାରେ ଶକ୍ତି ଓ ଭୈରବ ଯଥାକ୍ରମେ 'ଶ୍ରମ ସୁନ୍ଦରୀ' ଓ ସୁନ୍ଦରାନାଳ'। ଏଠାରେ ଦେବୀଙ୍କ ଦକ୍ଷିଣ ହସ୍ତ ପଡିଥିଲା। ଦ୍ୱିତୀୟଟି ପାର୍ବତୀ ପୀଠ। ଏଠାରେ ଶକ୍ତି ଓ ଭୈରବ ହେଉଛନ୍ତି ଯଥାକ୍ରମେ 'ମହାମାୟା' ଓ 'ତ୍ରିସିଦ୍ଧେଶ୍ୱର'। ଏଠାରେ ଦେବୀଙ୍କ କଣ୍ଠମାଳି ପଡିଥିଲା। ଏଠାରେ ଦେବୀଙ୍କ ଅଙ୍ଗର କଣ୍ଠଭୂଷଣ ପୂଜାପାଏ।

୫. ସିଦ୍ଧିପୀଠ, ଜ୍ୱାଳାମୁଖୀ : ଏ ପୀଠ ହିମାଚଳ ପ୍ରଦେଶର କାଳିଧର ପର୍ବତର ପାଦଦେଶରେ ବିଦ୍ୟମାନ। ଏଠାରେ ଛାୟାଦେବୀ ସତୀଙ୍କ ଦେହର ଜିହ୍ୱାର ପତିତ ହୋଇଥିଲା। ଏଠାକାର ଶକ୍ତି ଓ ଭୈରବ ଯଥାକ୍ରମେ ସିଦ୍ଧି ବା ଉନ୍ମତ। ଏଠାରେ ଦେବୀ ମନ୍ଦିର ଭିତରେ ୯ଟି ଶିଖାରେ ବିଭକ୍ତ ହୋଇ ପୂଜା ପାଆନ୍ତି। ଦେବୀଙ୍କ ପାଦତଳେ ଛୋଟ ନଦୀଟିଏ ଧାବମାନ ଅଛି। ମନ୍ଦିର ଭିତର ପାର୍ଶ୍ୱରେ ମଶାଲ ସ୍ୱରୂପ ପ୍ରକଟିତ ହୁଏ। ଦେବୀ ଭାଗବତ ଓ ଶିବପୁରାଣମତେ ଏହାକୁ ଦେବୀଙ୍କ ଜ୍ୱାଳା ରୂପ ବୋଲି କୁହାଯାଏ। ଏହି କାରଣରୁ ଏ ପୀଠର ନାମ ଜ୍ୱାଳାମୁଖୀ।

୬. ଚନ୍ଦ୍ରଭାଗା ପୀଠ, ପ୍ରଭାସ : ଗୁଜୁରାଟର ଗିର୍‌ନାର ପର୍ବତ ଶିଖରେ ଏକ ମନ୍ଦିର ଅଛି। ଏ ମନ୍ଦିରକୁ ଅମ୍ବିକା



ମନ୍ଦିର କୁହାଯାଏ। ଏଠାରେ ପାର୍ବତୀ ନିଜେ ଆସି କିଛିଦିନ ନିବାସ କରିବାର କଥିତ ଅଛି। ଏଠାରେ ଦେବୀଙ୍କ ଉଦର ଭାଗ ପଡିଥିଲା। ଏଠାକାର ଶକ୍ତି ଓ ଭୈରବ ଯଥାକ୍ରମେ ହେଉଛନ୍ତି 'ଚନ୍ଦ୍ରଭାଗା' ଓ 'ବକ୍ରତୁଣ୍ଡ'।

୭. ଚାମୁଣ୍ଡେଶ୍ୱରୀ ପୀଠ, ବକ୍ରେଶ୍ୱର : ମହୀଶୁର ଠାରୁ ୧୫ କିମି ଦୂରରେ ବକ୍ରେଶ୍ୱରର ଶକ୍ତିପୀଠ ଅବସ୍ଥିତ। ଏପୀଠଟି ଏକ ଶ୍ମଶାନ ଉପରେ ଅବସ୍ଥିତ। ଏଠାରେ ଏକ କୁଣ୍ଡ ଅଛି। ଯାହାର ନାମ ପାପକୁଣ୍ଡ। ଏଠାରେ ବୁଡ଼ ପକାଇଲେ ମଣିଷ ପାପମୁକ୍ତ ହୁଏ ବୋଲି ବିଶ୍ୱାସ। ଏଠାରେ ପୂର୍ବେ ଅଷ୍ଟବକ୍ର ଋଷିଙ୍କ ଆଶ୍ରମ ଥିଲା। ଏଠାରେ ଦେବୀଙ୍କ 'ହୃଦୟସ୍ଥଳ' ପତିତ ହୋଇଥିଲା। ଏଠାକାର ଶକ୍ତି ମହିଷାମର୍ଦ୍ଦିନୀ (ଚାମୁଣ୍ଡେଶ୍ୱରୀ) ଏବଂ ଭୈରବ 'ବକ୍ରନାଥ' ଅଟନ୍ତି।

୮. ଲଳିତା ପୀଠ, ପ୍ରୟାଗ : ଉତ୍ତରପ୍ରଦେଶର ଅକ୍ଷୟବଟ ପାଖରେ ଦେବୀ ଲଳିତାଙ୍କ ମନ୍ଦିର ବିଦ୍ୟମାନ। ଏଠାରେ ଦେବୀଙ୍କ ହସ୍ତାଙ୍ଗ ପଡ଼ିଥିଲା। ଏଠାରେ ଶକ୍ତି ଓ ଭୈରବ ହେଉଛନ୍ତି ଯଥାକ୍ରମେ 'ଲଳିତା' ଓ 'ଭବ'।

୯. ଦେବଗର୍ଭା ପୀଠ, କାଞ୍ଚି : ତାମିଲନାଡୁରେ ଶିବକାଶୀ ନାମକ ଏକ ବଡ଼ ସହର ଅଛି। ଏହାର କିଛି ଦୂରରେ କାମାକ୍ଷା ଦେବୀଙ୍କ ଏକ ବିଶାଳ ମନ୍ଦିର। ଏ ମନ୍ଦିରରେ 'ତ୍ରିପୁରା ସୁନ୍ଦରୀ'ଙ୍କ ପ୍ରତିମୂର୍ତ୍ତି ଓ ମା' କାମାକ୍ଷାଙ୍କ ପ୍ରତିମା ପୂଜାପାଏ। ଶାରଦା ମାତା ଅନ୍ନପୂର୍ଣ୍ଣା ତଥା ଆଦି ଶଙ୍କରାଚାର୍ଯ୍ୟଙ୍କ ମୂର୍ତ୍ତି ମଧ୍ୟ ଏଠାରେ ପୂଜା ପାଆନ୍ତି। ଏ ପୀଠକୁ ଦକ୍ଷିଣ ଭାରତର ସର୍ବପ୍ରଧାନ ଶକ୍ତିପୀଠ ଭାବେ ଗ୍ରହଣ କରାଯାଏ। ଏଠାରେ ଦେବୀଙ୍କ କଙ୍କାଳ (ଅସ୍ଥି ପଞ୍ଜରା) ପତିତ ହୋଇଥିଲା। ଏଠାରେ ଶକ୍ତି ଓ ଭୈରବ ଯଥାକ୍ରମେ 'ଦେବଗର୍ଭା' ଓ 'ଚାଣ୍ଡ' ଅଟନ୍ତି।

୧୦. ଉମାପୀଠ, ମିଥିଳା : ବିହାରର ମିଥିଳାରେ ତିନୋଟି ସ୍ଥାନ ଯଥାକ୍ରମେ 'ଉଚୈଠ'ରେ 'ବନଦୁର୍ଗା' ମନ୍ଦିର, ସହରସାତରେ 'ଭଣ୍ଡତାରା ମନ୍ଦିର' ଓ ସମସ୍ତିପୁରରେ 'ଜୟମଙ୍ଗଳା ଦେବୀ'ଙ୍କ ମନ୍ଦିର ମାନ ଅଛି। ଏମାନେ ସମସ୍ତେ ଶକ୍ତିପୀଠ। ଏଠାରେ ଦେବୀଙ୍କ ବାମକାନ୍ଧ ପଡ଼ିଥିଲା। ଏଠାକାର ଶକ୍ତି ଓ ଭୈରବ ଯଥାକ୍ରମେ 'ଉମା ଓ 'ମହାଦେବ' ଅଟନ୍ତି।

୧୧. କାମାକ୍ଷାପୀଠ, ବାମରୂପ : ଆସାମର ବ୍ରହ୍ମପୁର ନଦୀର ତଟଦେଶରେ ଗୌହାଟିର କାମଗିରି ପର୍ବତ ଉପରେ ମା' ଭଗବତୀ ଆଦ୍ୟାଶକ୍ତି କାମାକ୍ଷା ଦେବୀଙ୍କ ଶକ୍ତିପୀଠ ଅବସ୍ଥିତ। କାଳିକାପୁରାଣ ତଥା ଦେବୀ ଭାଗବତ ମତରେ ୫୧ଟି ଶକ୍ତିପୀଠ ମଧ୍ୟରୁ କାମରୂପ ଶକ୍ତିପୀଠ ହିଁ ସର୍ବୋତ୍ତମ।

'ତେଣୁ ଶ୍ରେଷ୍ଠତମଃ ପୀଠ ! କାମ ରୂପୌ ମହା ମତେ ।।'

(ଦେବୀ ଭାଗବତ ୧୬/ ୩୦)

ଏଠାରେ ଦେବୀଙ୍କର ଯୋନି ପତିତ ହୋଇଥିବାରୁ ଏହାକୁ ମଧ ଯୌନପୀଠ କୁହାଯାଏ। ଏଠାକାର ଶକ୍ତି ଓ ଭୈରବ ଯଥାକ୍ରମେ ହେଉଛନ୍ତି 'କାମାକ୍ଷ୍ୟା' ଏବଂ 'ଉମାନାଥ'। ଏହା ଏକ ମହାନ ତନ୍ତ୍ର ପୀଠ। ନରକାସୁର ଥିଲା କାମାକ୍ଷା ଦେବୀଙ୍କର ପ୍ରଥମ ଉପାସକ। ପାର୍ବତୀଙ୍କୁ ପାଇବା ପାଇଁ ଶିବ ଏହି ପୀଠରେ ଧ୍ୟାନ କରିଥିବାର ପୁରାଣ କୁହେ। ଚୀନ ପରିବ୍ରାଜକ ହୁଏନସାଂ ଏ ସ୍ଥାନ ପରିଦର୍ଶନ କରିଥିଲେ ବୋଲି ତାଙ୍କ ବିବରଣୀରେ ରହିଛି।

୧୨. ତ୍ରିପୁରା ସୁନ୍ଦରୀ ପୀଠ, ତ୍ରିପୁରା : ତ୍ରିପୁର ଭାରତର ପୂର୍ବ ପଟ ରାଜ୍ୟ। ଏଠାରେ ଭଗବତୀ ରାଜେଶ୍ୱରୀ ତ୍ରିପୁରା ସୁନ୍ଦରୀ ମନ୍ଦିର ଅଛି। ମା'ଙ୍କ ନାଁ ଅନୁସାରେ ଏ ସ୍ଥାନର ନାମ ତ୍ରିପୁରା। ଏ ଶକ୍ତିପୀଠ ଏକ ପର୍ବତ ଉପରେ ଅବସ୍ଥିତ। ଏଠାରେ ଦେବୀଙ୍କ ଦକ୍ଷିଣ ପଦ ପଡିଥିଲା। ଏଠାରେ ଶକ୍ତି ଓ ଭୈରବ ଯଥାକ୍ରମେ ହେଉଛନ୍ତି 'ତ୍ରିପୁରା ସୁନ୍ଦରୀ' ଏବଂ 'ତ୍ରିପୁରେଶ' ଅଟନ୍ତି।

୧୩. ଅମ୍ବିକା ପୀଠ, ଜୟପୁର : ରାଜସ୍ଥାନର ଜୟପୁରରୁ ୬୪କିମି ଦୂରରେ ବୈରାଟ ଗ୍ରାମର ଅମ୍ବିକାପୀଠ ଅବସ୍ଥିତ। ଏଠାରେ ଦେବୀଙ୍କ ଡାହାଣ ପଦର ଅଙ୍ଗୁଳିମାନେ ପଡିଥିଲେ। ଏଠାକାର ଶକ୍ତି ଓ ଭୈରବ ହେଉଛନ୍ତି ଯଥାକ୍ରମେ 'ଅମ୍ବିକା' ଓ 'ଅମୃତ'। ଏ ପୀଠର ଅନତି ଦୂରରେ ଏକ ଗୁମ୍ଫା ଅଛି। ଏହାକୁ ପାଣ୍ଡବଗୁମ୍ଫା କୁହାଯାଏ। ସେମାନେ ଅଜ୍ଞାତବାସ ସମୟରେ ଏ ଗୁମ୍ଫାରେ ରହୁଥିଲେ।

୧୪. ବିଶ୍ୱେଶୀ ପୀଠ, ଗୋଦାବରୀ : ଗୋଦାବରୀ କୂଳରେ କୁକ୍ କୁର କୋଟି ତୀର୍ଥ ଅବସ୍ଥିତ। ଏହା ଏକ ଶକ୍ତିପୀଠ। ଏଠାରେ ଦେବୀଙ୍କର ବାମ ଗାଲ ପଡିଥିଲା। ଏଠାରେ ଶକ୍ତି ହେଉଛନ୍ତି 'ବିଶ୍ୱେଶୀ' ଓ ଭୈରବ ହେଉଛନ୍ତି 'ଦଣ୍ଡପାଣି'।

୧୫. ଅମ୍ବାନୀ ପୀଠ, କରବୀର : ମହାରାଷ୍ଟ୍ରର କୋହ୍ଲାପୁର ହିଁ ପୁରାଣ ପ୍ରସିଦ୍ଧ କରାଚୀର କ୍ଷେତ୍ର। ଏଠାରେ ମହାଲକ୍ଷ୍ମୀଙ୍କର ଏକ ବିଶାଳ ମନ୍ଦିର ଅଛି। ଏହାକୁ ମଧ୍ୟ ଅମ୍ବାଜୀ ମନ୍ଦିର କୁହନ୍ତି। ଏହା ଚଉଭେବୀରେ ପଦ୍ମ ସରୋବର, କାଶୀତୀର୍ଥ ଓ ମଣିକର୍ଣ୍ଣିକା ତୀର୍ଥ ଅବସ୍ଥିତ। ଏଠାରେ ମଧ୍ୟ କାଶୀନାଥ ଓ ଜଗନ୍ନାଥ ମନ୍ଦିର ଅଛି। ଏଠାରେ ଦେବୀଙ୍କର ତିନିନେତ୍ର ପଡିଥିଲା। ଏଠାକାର ଶକ୍ତି ମହିଷାମର୍ଦ୍ଦିନୀ (ଅମ୍ବାଜୀ) ଏବଂ ଭୈରବ ହେଉଛନ୍ତି 'କ୍ରୋଧୀଶ'। ଏ ସ୍ଥାନକୁ ଭଗବତୀଙ୍କର ନିତ୍ୟ ନିବାଶ ବୋଲି କୁହାଯାଏ।

୧୬. ତ୍ରିପୁରାମାଳିନୀ, ଜଳନ୍ଧର : ପଞ୍ଜାବର ଜଳନ୍ଧର ନିକଟରେ ଏ ପୀଠ ଅବସ୍ଥିତ। ଏଠାରେ ଦେବୀଙ୍କ ବାମସ୍ତନ ପଡିଥିଲା। ଏଠାରେ ଧାତୁ ନିର୍ମିତ ସ୍ତନମୂର୍ତ୍ତି ଆବୃତ ରଖାଯାଇଥାଏ। କେବଳ କିୟତ ଅଂଶ ବାହାରକୁ ଦୃଷ୍ଟିଗୋଚର ପାଇଁ ଉନ୍ମୁକ୍ତ ଥାଏ। ଏଠାକାର ଶକ୍ତି ଓ ଭୈରବ ଯଥାକ୍ରମେ 'ତ୍ରିପୁରା ମାଳିନୀ' ଓ 'ଭଷିଣ' ଅଟନ୍ତି। ପୂର୍ବେ ଏ ସ୍ଥାନ ରାକ୍ଷସ ଦୈତ୍ୟ ଜଳନ୍ଧରର ରାଜଧାନୀ ଥିଲା। ଏହା ଏକ ପବିତ୍ର ତୀର୍ଥକ୍ଷେତ୍ର। ଏଠାରେ ପଶୁଟିଏ ମଲେବି ଦିବ୍ୟଧାମ ପ୍ରାପ୍ତ ହୁଏ। ଏଠାରେ ମହର୍ଷି ବ୍ୟାସ, ବଶିଷ୍ଟ, ମନୁ, ଯମଦଗ୍ନି ଓ ପର୍ଶୁରାମ ଆଦି ଋଷିମାନେ ଦେବୀଙ୍କୁ ଆରାଧନା କରିଥିଲେ।

୧୭. ସାବିତ୍ରୀ ପୀଠ, କୁରୁକ୍ଷେତ୍ର : ହରିଆଣା ରାଜ୍ୟର କୁରୁକ୍ଷେତ୍ର ନଗରୀରେ ଦୈପାୟକ ସରୋବର ତଟରେ ଏ ଶକ୍ତିପୀଠ ଅବସ୍ଥିତ। ଏଠାରେ କାଳୀମାତା ଓ ସ୍ଥାଣୁ ଦେବଙ୍କ ମନ୍ଦିର ଅଛି। କିମ୍ବଦନ୍ତୀ କହେ ଏଠାରେ ମହାଭାରତ ଯୁଦ୍ଧରେ ବିଜୟୀ ହେବା ପାଇଁ ମା'ଙ୍କ ପୂଜା କରିଥିଲେ। ଏଠାରେ ଦେବୀଙ୍କ ଦକ୍ଷିଣ ଗୁଲ୍‌ଫ ପଡ଼ିଥିଲା। ଏଠାକାର ଶକ୍ତି ଓ ଭୈରବ ଯଥାକ୍ରମେ 'ସାବିତ୍ରୀ' ଓ 'ସ୍ଥାଣୁ'।

୧୮. ଜୟନ୍ତୀ ପୀଠ, ମେଘାଳୟ : ମେଘାଳୟ ରାଜ୍ୟରେ ଗୋରା, ଖାସି ଓ ଜୟନ୍ତିଆ ଆଦି ପାହାଡ ଅଛି। ଏ ଜୟନ୍ତିଆ ପାହାଡ ଉପରେ ଜୟନ୍ତୀ ଶକ୍ତିପୀଠ ଅବସ୍ଥିତ। ଏଠାରେ ଦେବୀଙ୍କ ବାମଜଙ୍ଘ ପଡିଥିଲା। ଏଠାକାର ଶକ୍ତି ଓ ଶିବ ହେଲେ ଯଥାକ୍ରମେ 'ଜୟନ୍ତି' ଓ 'କ୍ରମଦୀଶ୍ୱର'।

୧୯. ବିମଳା ଓ ବିରଜା ପୀଠ, ଓଡ଼ିଶା : ଓଡ଼ିଶାର ଶକ୍ତିପୀଠ ହିସାବରେ ପ୍ରଥମ ମାନ୍ୟତା ମା' ବିମଳାପୀଠ ଶ୍ରୀ କ୍ଷେତ୍ରପୁରୀଙ୍କୁ ନିଆଯାଏ। ଏଠାରେ ଦେବୀଙ୍କର ନାଭି ପଡିଥିଲା। ଏକ୍ଷେତ୍ରର ଶକ୍ତି ଓ ଶିବ ହେଉଛନ୍ତି ଯଥାକ୍ରମେ 'ବିମଳା' ଓ 'ଶ୍ରୀଜଗନ୍ନାଥ'। ଏଠି ଶ୍ରୀ ଜଗନ୍ନାଥଙ୍କଠି ଅନ୍ନଭୋଗ ପ୍ରସାଦ ହେଲା ପରେ ବିମଳାଙ୍କ ପୁନଃ ସମର୍ପିତ ନହେଲା ଯାଏଁ ଏହା ପ୍ରସାଦରେ ପରିଣତ ହୁଏ ନାହିଁ।

ଦ୍ୱିତୀୟ ମାନ୍ୟତା ଦିଆଯାଏ ବିରଜା ଶକ୍ତିପୀଠ, ଯାଜପୁର। ଏଠାରେ ମଧ୍ୟ ସତୀଙ୍କ ନାଭିପତିତ ହୋଇଥିଲା। ବିଦ୍ୱାନୀଙ୍କ ମତରେ ଏ ପୀଠକୁ ନାଭିଗୟା କୁହନ୍ତି। ଏ ଦେବୀଙ୍କ ବାହନ ସିଂହ। ଏ ଦେବୀ ଦ୍ୱି-ଭୁଜା। କିମ୍ବଦନ୍ତୀ କୁହେ ବ୍ରହ୍ମା ଏଠି ପ୍ରଥମେ ଯଜ୍ଞ କରିଥିଲେ ଏବଂ ସେ ଯଜ୍ଞକୁଣ୍ଡରେ ବିରଜା ଦେବୀ ପ୍ରକଟ ହୋଇଥିଲେ। ଏଠାରେ ଶ୍ରାଦ୍ଧ ଓ ତର୍ପଣ ଇତ୍ୟାଦି କରାଯାଏ। ଏ କ୍ଷେତ୍ରକୁ ମଧ୍ୟ ଚକ୍ରକ୍ଷେତ୍ରରେ ମାନ୍ୟତା ଦିଆଯାଏ। ଓଡ଼ିଶାରେ ବିମଳା ଓ ବିରଜାଙ୍କୁ ନେଇ କପିଳ ପୁରାଣରେ ଅଛି :

ଉତ୍କଳେ ନାଭିଦେଶସ୍ଥ ବିରଜା କ୍ଷେତ୍ରେ ମୁଚ୍ୟତେ
ବିମଳା ସା ମହାଦେବୀ, ଜଗନ୍ନାଥସ୍ତୁ ଭୈରବଃ ।।

ଏହାର ଅର୍ଥ ପୁରୀର ବିମଳା ଏବଂ ଯାଜପୁରର ବିରଜା ଉଭୟ ଶକ୍ତି ହେଲେ ସମଗ୍ର ଉତ୍କଳ ପ୍ରଦେଶ ପାଇଁ ଶ୍ରୀଜଗନ୍ନାଥ ହିଁ ଭୈରବ।

୨୦. ଶ୍ରୀ ବିଶାଳାକ୍ଷୀ ଶକ୍ତିପୀଠ, ବାରଣାସୀ : ବାରଣାସୀ, କାଶୀର ଏ ଶକ୍ତିପୀଠ ଅବସ୍ଥିତ। ଏଠାରେ ଦେବୀଙ୍କ କର୍ଣ୍ଣର ମଣି ପଡିଥିଲା। ଏଠାକାର ଶକ୍ତି ଓ ଭୈରବ ଯଥାକ୍ରମେ ହେଲେ ଶ୍ରୀବିଶାଳାକ୍ଷୀ ଓ ବିଶ୍ୱନାଥ । ଏ ପୀଠ ଗଙ୍ଗାକୂଳରେ ଅବସ୍ଥିତ। ଏହାର ଲଳିତା ଘାଟଠାରୁ ମିରଘାଟ ଯାଏଁ ଗଙ୍ଗାଧାରାକୁ କାଶୀଖଣ୍ଡର ବିଶାଳଗଙ୍ଗା କୁହାଯାଏ। ଏ ତୀର୍ଥରେ ସ୍ନାନ ପରେ ବିଶାଳ ଲକ୍ଷ୍ମୀଙ୍କ ଦର୍ଶନ କରିବା ବିଧି ବୋଲି କୁହାଯାଏ।

୨୧. କ୍ଷୀର ଗ୍ରାମ ଶକ୍ତିପୀଠ, ପଶ୍ଚିମବଙ୍ଗ : ବର୍ଦ୍ଧମାନ ଜିଲ୍ଲାର କ୍ଷୀର ଗ୍ରାମଠାରେ ଏ ଶକ୍ତିପୀଠ ଅବସ୍ଥିତ। ଏଠାରେ ଦେବୀଙ୍କ ଦକ୍ଷିଣ ଅଙ୍ଗୁଳି ପଡ଼ିଥିଲା। ଏଠାକାର ଶକ୍ତି ଓ ଶିବ ଯଥାକ୍ରମେ 'ଯୁଗାଦ୍ୟା' ଓ କ୍ଷୀରକଣ୍ଟକ ଅଟନ୍ତି। ତ୍ରେତୟା ଯୁଗରେ ମହିରାବଣ ଏଠି ଦେବୀଙ୍କୁ ଉପାସନା କରିଥିଲା।

୨୨. ମା' କାତ୍ୟାୟନୀ ପୀଠ, ବୃନ୍ଦାବନ : ଶ୍ରୀକୃଷ୍ଣଙ୍କ କ୍ରୀଡାଭୂମି ବୃନ୍ଦାବନରେ ମା' କାତ୍ୟାୟନୀ ପୀଠ ଅବସ୍ଥିତ। ଏଠାରେ ଦେବୀଙ୍କ କେଶ ପଡିଥିଲା। ଏ ପୀଠ ଯମୁନା ନଦୀକୂଳରେ ରାଧାବାଗରେ ଅଛି। ଲେଖାଅଛି :

'ବ୍ରଜେ କାତ୍ୟାୟନୀ ତାରା', ଏ ପୀଠରେ ଶକ୍ତି ଓ ଶିବ ଯଥାକ୍ରମେ 'କାତ୍ୟାୟନୀ ଉମା' ଓ 'ଭୂତେଶ' ଅଟନ୍ତି।

୨୩. ଚାମୁଣ୍ଡା ପୀଠ, ମଥୁରା : ମଥୁରାର ସରସ୍ୱତୀ ନଦୀ କୂଳରେ ମା' ଚାମୁଣ୍ଡାଙ୍କ ପୀଠ। ଏଠାରେ ଦେବୀଙ୍କ କେଶପାଶ (ଜୁଡା) ପଡିଥିଲା। ଏ ଦେବୀ ଚଣ୍ଡମୁଣ୍ଡଙ୍କୁ ବଧ କରିଥିଲେ। ଏ ପୀଠର ଶକ୍ତି ଓ ଭୈରବ ଯଥାକ୍ରମେ 'ଚାମୁଣ୍ଡା' ଓ 'ଭୂତେଶ୍ୱର' ଅଟନ୍ତି।

୨୪. ମହାମାୟା ପାଟେଶ୍ୱରୀ ଶକ୍ତିପୀଠ, ଦେବୀପାଟଣା : ପ୍ରସିଦ୍ଧ ଶକ୍ତିକୀଠ ଦେବୀପାଟଣର ମହାମାୟା ପାଟେଶ୍ୱରୀ ବିଦ୍ୟମାନ। ଏଠାରେ ଦେବୀଙ୍କ ବସ୍ତ୍ର (ପଟ) ତାଙ୍କ ବାମ କାନ୍ଧ ସହିତ ପତିତ ହୋଇଥିଲା। ଏହି 'ପଟ'ରୁ ତାଙ୍କୁ 'ପଟଶ୍ୱରୀ' ବା ପାଟଶ୍ୱରୀ କୁହାଯାଏ ଯେ :

ପଟେନ ସହିତଃ ସ୍କନ୍ଦଃ ପପାତ ଯତ୍ର ଭୂତଳେ।
ତତ୍ର ପାଟେଶ୍ୱରୀ ନାମା ଖ୍ୟାତିମାୟା ମହେଶ୍ୱରୀ ।।

ଏ ପୀଠର ଦେବୀ 'ପାଟେଶ୍ୱରୀ' ଓ ଭୈରବ 'ଗୋରଖନାଥ' ଅଟନ୍ତି। ଏହା ଯୋଗପୀଠ। ଏ ଦେବୀଙ୍କୁ ପ୍ରସନ୍ନ କରାଇ ପାରିଲେ ସକଳ ସିଦ୍ଧି, ସଂପଦ, ପଦାର୍ଥ, ଭୋଗ ମୋକ୍ଷ ପ୍ରାପ୍ତ ହୁଏ।

**ଅଧକ୍ଷ,ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର,ଜଟଣୀ,ଦୂରଭାଷ : ୯୯୩୮୩୪୧୩୮**

## ଦୁର୍ଗେ ଦୁର୍ଗେ ମହାଭାଗେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ..)

କୁହା ଯାଉଥିବା ବେଳେ ମହାପୂଜୋ, ମାୟେର ପୂଜୋ, ଭଗବତୀ ପୂଜା, ନବରାତ୍ରି ପୂଜା, କୁଲ୍ଲୁ ଦଶେରା, ମହୀଶୂର ଦଶେରା, ବୋମାଇ ଗୋଲୁ ଏବଂ ଆନ୍ଧ୍ର ପ୍ରଦେଶରେ ବୋମାଲ କୋଲଭୁ ଭାବେ ମଧ୍ୟ ପାଳିତ ହୋଇଥାଏ । ଭିନ୍ନ ଏକ ପୌରାଣିକ କଥା ଅନୁସାରେ ମହିଷାସୁରର ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ମୁନି, ଋଷି, ମନୁଷ୍ୟ ଏବଂ ଦେବତା ସମସ୍ତେ ବିଷ୍ଣୁଙ୍କ ଶରଣକୁ ଯିବାରୁ ଭଗବାନ ବିଷ୍ଣୁ ଜୀବ ଜଗତର ଦୁର୍ଦ୍ଦଶା ଫେଡିବା ନିମନ୍ତେ ନିଜ ତେଜରୁ ସୃଷ୍ଟି କରିଥିଲେ ଅସାମାନ୍ୟା ସୁନ୍ଦରୀ ଏକ ଅଗ୍ନିକନ୍ୟା । ସେହି ଅଗ୍ନିକନ୍ୟାକୁ ସମସ୍ତ ଦେବଗଣ ନିଜନିଜର ଶକ୍ତି ଦେବୀଙ୍କୁ ପ୍ରଦାନ କରିବା ସହିତ ବାହନ ଭାବରେ ଦେଇଥିଲେ ପ୍ରବଳ ପରାକ୍ରମୀ ଏକ ସିଂହ । ସମସ୍ତ ଶକ୍ତିର ପୁଞ୍ଜିଭୂତ ଶକ୍ତି ମା'ଶକ୍ତିରୂପିଣୀ ଦୁର୍ଗାଙ୍କର ଅସାମାନ୍ୟ ତେଜ,ସୌନ୍ଦର୍ଯ୍ୟ ଏବଂ ଦିପ୍ତୀ ସହ୍ୟ କରି ନପାରି ମହିଷାସୁର ହାତରୁ ଅସ୍ତ୍ର ଖସି ପଡିଥିଲା । ଦେବୀ ଗୋଟିଏ ପାଦ ସିଂହ ଉପରେ ଓ ଅନ୍ୟ ପାଦଟି ମହିଷାସୁର ଛାତି ଉପରେ ରଖି ଶିବଙ୍କ ପ୍ରଦତ୍ତ ତ୍ରିଶୁଳ ସାହାଯ୍ୟରେ ମହିଷାସୁରକୁ ନିଧନ କରି ଧରାକୁ ଅନ୍ୟାୟ ଓ ଅତ୍ୟାଚାରରୁ ରକ୍ଷା କରିଥିଲେ ।

ବଙ୍ଗୀୟ ସଂସ୍କୃତି ପ୍ରଭାବରୁ ଓଡିଶାରେ ଦୁର୍ଗାପୂଜାର ଉତ୍ପତ୍ତି ହୋଇଥିବା କେତେକ ଗବେଷକ ମତ ଦିଅନ୍ତି । କେହିକେହି ସୁବାଷ ବୋଷଙ୍କ ବାପା କଟକରେ ଦୁର୍ଗାପୂଜା ପ୍ରଥମେ ଆରମ୍ଭ କରିଥିବା କଥା କହୁଥିବା ବେଳେ କେହିକେହି ଚୈତନ୍ୟ ଦେବଙ୍କ ଓଡିଶା ଆଗମନ କାଳରେ ଗଡଗଡିଆ ଘାଟଠାରେ ଅବତରଣ ପୂର୍ବକ ବିନୋଦବିହାରୀ ମନ୍ଦିରରେ ଦୁର୍ଗାପୂଜା କରିଥିଲେ ବୋଲି କହନ୍ତି । ସେହି ସ୍ମୃତିର ନିଦର୍ଶନ ସ୍ୱରୂପ ବିନୋଦ ବିହାରୀର ଦୁର୍ଗାପୂଜା ବଙ୍ଗୀୟ ପରମ୍ପରା ଅନୁସାରେ ହୋଇ ଆସୁଛି । ମାତ୍ର କେତେକ ଗବେଷକ ଦୁର୍ଗାପୂଜାର ଇତିହାସ ବହୁ ପ୍ରାଚୀନ ବୋଲି କୁହନ୍ତି । ଓଡିଶାର ବହୁ ପ୍ରାଚୀନ ଶକ୍ତିପୀଠ ଏହାର ପ୍ରମାଣ ତଥା ସେହି ଶକ୍ତିପୀଠରେ ଦୁର୍ଗା କାହିଁ ପ୍ରାଚୀନ କାଳରୁ ଆରାଧିତା ହୋଇ ଆସୁଛନ୍ତି । ଏହି କ୍ରମରେ ଶ୍ରୀମନ୍ଦିରର କ୍ଷେତ୍ରେଶ୍ୱରୀ ବିମଳାଙ୍କର ଆଶ୍ୱିନ କୃଷ୍ଣାଷ୍ଟମୀଠାରୁ ଶୁକ୍ଳାଷ୍ଟମୀ ପର୍ଯ୍ୟନ୍ତ ଷୋଡଶ ଦିନବ୍ୟାପୀ ପୂଜା ଅନୁଷ୍ଠିତ ହୋଇଥାଏ । ବିମଳା ହେଉଛନ୍ତି ଶ୍ରୀମନ୍ଦିରର ମୁଖ୍ୟ ଦେବୀ । ଜଗନ୍ନାଥଙ୍କ ପାଖରେ ଭୋଗ ହେଉଥିବା ପ୍ରସାଦ ବିମଳାଙ୍କୁ ସମର୍ପଣ ହୋଇସାରିବା ପରେ ମହାପ୍ରସାଦ ରୂପେ ପରିଗଣିତ ହୋଇଥାଏ । କିମ୍ବଦନ୍ତୀ ରହିଛି ଏବଂ କେତେକ ପ୍ରଚୀନ ଗ୍ରନ୍ଥରେ ଉଲ୍ଲେଖ ଅଛିଯେ,ଦକ୍ଷଯଜ୍ଞରେ ଝାସଦେଇ ପ୍ରାଣ ହରାଇଥିବା ସତୀଙ୍କର ଶରୀରକୁ ଧରି ଶିବ ଯେତେବେଳେ ତାଣ୍ଡବ ନୃତ୍ୟ କଲେ ଏବଂ ସତୀଙ୍କ ଶରୀରକୁ ଧରି ନାନା ତୀର୍ଥସ୍ଥାନ ପରିଭ୍ରମଣ କରିବାକୁ ଲାଗିଲେ,ସେତେବେଳେ ଦେବଗଣମାନେ ଭୟଭୀତ ହୋଇ ଶ୍ରୀବିଷ୍ଣୁଙ୍କର ଶରଣାପନ୍ନ ହେବାରୁ, ଶ୍ରୀହରି ସଦାଶିବଙ୍କର ଆସକ୍ତି ପରିହାର ନିମନ୍ତେ ସୁଦର୍ଶନ ଚକ୍ରକୁ ପ୍ରେରଣ କରି ନିର୍ଦ୍ଦେଶ ଦେଲେ ଯେ, ଶିବଙ୍କ ସ୍କନ୍ଧସ୍ଥିତ ସତୀଙ୍କର ଶବକୁ ତାଙ୍କର ଅଜ୍ଞାତରେ ଖଣ୍ଡଖଣ୍ଡ କରି କାଟି ପକାଅ । ବିଷ୍ଣୁଙ୍କ ଆଜ୍ଞାରେ ସତୀଙ୍କର ଶବ ଖଣ୍ଡଖଣ୍ଡ ହୋଇ ଯେଉଁ ସ୍ଥାନ ମାନଙ୍କରେ ପଡ଼ିଲା ସେହି ସବୁସ୍ଥାନ ଶକ୍ତି ପୀଠ ଭାବରେ ପରିଣତ ହେଲା । ଶିବ ଆସକ୍ତି ଶୂନ୍ୟହୋଇ ଯୋଗ ସାଧନରେ ବ୍ରତୀ ହେଲେ । ସତୀଙ୍କର ଏକ ଅଂଶ ଏଠାରେ ପଡ଼ିବାରୁ ଏହା ପ୍ରସିଦ୍ଧ ତନ୍ତ୍ରପୀଠ ବା ବିମଳା ପୀଠ ଭାବରେ ପରିଚିତ ହେଲା । ତନ୍ତ୍ରଚୂଡ଼ାମଣିରେ ଉଲ୍ଲେଖ ଅଛି ଯେ ସତୀଙ୍କର ନାଭି ଏ ସ୍ଥାନରେ ପଡ଼ି ଥିବାରୁ ଏହା ଶକ୍ତି ପୀଠ ଭାବରେ ପରିଚିତ ହେଲା । ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ର ମୁଚ୍ୟତେ ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ।। ତାନ୍ତ୍ରିକମାନେ ବିମଳାଙ୍କୁ ଭୈରବୀ ରୂପରେ ପରିକଳ୍ପନା କରିଛନ୍ତି । କରପତ୍ରୀ ମହାରାଜଙ୍କ ଦ୍ୱାରା ଲିଖିତ'କଲ୍ୟାଣୀ'ରେ ସତୀଙ୍କର ମସ୍ତକ(ଖପୁରୀ) ଏହି ସ୍ଥାନରେ ପଡ଼ିଥିଲା ବୋଲି ଉଲ୍ଲେଖ କରିଛନ୍ତି । । ବିମଳାଙ୍କୁ ଭେରବୀ ରୂପରେ ପୂଜା ପ୍ରାୟ ହର୍ଷବର୍ଦ୍ଧନଙ୍କ ଓଡ଼ିଶା ଜୟ କଲାଠାରୁ ବଜ୍ରଯାନ ସ୍ରୋତରେ ଭାସିଯାଇ ହୋଇଥିଲା ଏବଂ ବୌଦ୍ଧ ଧର୍ମର ପ୍ରଭାବରେ ବିମଳା କ୍ଷେତ୍ରେଶ୍ୱରୀ ରୂପରେ ପୂଜା ପାଇ ଆସିଲେ । ତେଣୁ ଓଡିଶାର ଦୁର୍ଗା ପୂଜାର ପ୍ରାଚୀନତାର ପ୍ରମାଣ ଦେବାର ଆଉ ଆବଶ୍ୟକତା ନାହିଁ ବରଂ ଓଡିଶାରୁ ହିଁ ଦୁର୍ଗାପୂଜାର ଆରମ୍ଭ ହୋଇଥିବାର କଥା ଅନେକ ଗବେଷକ ମତ ଦିଅନ୍ତି ।

ମାଆ ଦୁର୍ଗାଙ୍କ ନବରୂପ ମଧ୍ୟରୁ ପ୍ରଥମ ସ୍ୱରୂପର ନାମ ଶୈଳପୁତ୍ରୀ । ମାତା ପର୍ବତରାଜ ହିମାଳୟଙ୍କର କନ୍ୟାରୁପେ ଜନ୍ମ ନେଇଥିବାରୁ ତାଙ୍କ ନାମ ଶୈଳପୁତ୍ରୀ । ନବଦୁର୍ଗାଙ୍କ ମଧ୍ୟରୁ ସେ ହେଉଛନ୍ତି ପ୍ରଥମ ଦୁର୍ଗା । ମାତା ହେଉଛନ୍ତି ବୃଷବାହିନୀ,ତାଙ୍କର ଡାହାଣ ହାତରେ ତ୍ରୀଶୁଳ ଓ ବାମ ହାତରେ ପଦ୍ମ ଶୋଭାପାଏ । ମାତା ପୂର୍ବଜନ୍ମରେ ପ୍ରଜାପତି ଦକ୍ଷଙ୍କ କନ୍ୟା ସତୀ ରୂପରେ ଜନ୍ମ ହୋଇଥିଲେ । ଦକ୍ଷ ଏକ ବିରାଟ ଯଜ୍ଞର ଆୟୋଜନ କରି ସମସ୍ତ ଦେବତାଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ନିଜ ଝିଅ-ଜ୍ୱାଇଁ ସତୀ ଏବଂ ଶିବଙ୍କୁ ନିମନ୍ତ୍ରଣ ଦେଇନଥିଲେ । ତଥାପି ସତୀ ବାପାଙ୍କର ଯଜ୍ଞ ଦେଖିବାର ଇଚ୍ଛାକୁ ଦମନ କରି ନପାରି ସେଠାକୁ ଗଲେ । ସେଠାରେ ଶିବଙ୍କ ବ୍ୟତିତ ଅନ୍ୟ ସମସ୍ତ ଦେବତାଙ୍କ ଯଜ୍ଞଭାଗ ଦେଖି ସତୀ ବିସ୍ମିତ ହେବା ସହିତ ତାଙ୍କୁ ମାଆଙ୍କ ବ୍ୟତିତ ଅନ୍ୟ କେହି ସ୍ୱାଗତ ନକରିବା ଏପରିକି ବାପାଙ୍କର କଟୁକଥା ଖୁବ୍ ଅପମାନ ଦେଇଥିଲା । ସତୀଙ୍କ ହୃଦୟ କ୍ଷୋଭ,ଗ୍ଳାନି ଓ କ୍ରୋଧରେ ସନ୍ତପ୍ତ ହୋଇଗଲା । ସତୀ ସେହି ଅପମାନ ସହି ନପାରି ଯଜ୍ଞକୁଣ୍ଡକୁ ଡେଇଁ ପ୍ରାଣ ବିସର୍ଜନ କରିଦେଲେ । ଶଙ୍କର ଏହା ଜାଣିପାରି ଗଣମାନଙ୍କୁ ପଠାଇ ଯଜ୍ଞକୁ ଧ୍ୱଂସ କରିଦେଲେ । ଯୋଗାଗ୍ନିରେ ଶରୀର ଭସ୍ମ କରିଦେଇ ପରଜନ୍ମରେ ସତୀ ଶୈଳରାଜ ହିମାଳୟଙ୍କ ଘରେ ଶୈଳପୁତ୍ରୀ ନାମରେ ବିଖ୍ୟାତ ହେଲେ । ସେ ଦେବତାମାନଙ୍କର ଗର୍ବ ଭଞ୍ଜନ କରିଥିବାରୁ ତାଙ୍କୁ ହୈମବତୀ ବୋଲି ମଧ୍ୟ କୁହାଗଲା । ପୂର୍ବଜନ୍ମ ପରି ଏହିଜନ୍ମରେ ମଧ୍ୟ ପାର୍ବତୀଙ୍କର ବିବାହ ଶିବଙ୍କ ସହ ହୋଇଥିଲା । ନବଦୁର୍ଗାଙ୍କ ମଧ୍ୟରେ ଶୈଳପୁତ୍ରୀଙ୍କର ମହିମା ଅନନ୍ତ ।ଏହି ପ୍ରଥମ ଉପାସନାରେ ଯୋଗୀ ନିଜ ମନକୁ 'ମୂଳାଧାର' ଚକ୍ରରେ ରଖି ଯୋଗ ସାଧନା ଆରମ୍ଭ କରନ୍ତି ।

ମାତା ଦୁର୍ଗାଙ୍କର ନବଶକ୍ତିର ଦ୍ୱିତୀୟ ସ୍ୱରୂପଟି ହେଉଛି 'ବ୍ରହ୍ମଚାରିଣୀ' । ବ୍ରହ୍ମ ଚାରିଣୀର ଅର୍ଥ ତପଃଚାରିଣୀ । ବ୍ରହ୍ମଚାରିଣୀ ଦେବୀଙ୍କର ସ୍ୱରୂପ ପୂର୍ଣ୍ଣ ଜ୍ୟୋତିର୍ମୟ ଓ ଅତ୍ୟନ୍ତ ଭବ୍ୟ । ତାଙ୍କର ଡାହାଣ ହାତରେ ଥାଏ ଜପାମାଳ ଓ ବାମ ହାତରେ କମଣ୍ଡଳୁ ଶୋଭା ପାଏ । ପୂର୍ବଜନ୍ମରେ ଯେତେବେଳେ ସେ ହିମାଳୟ ପୁତ୍ରୀ ଭାବରେ ଜନ୍ମ ହୋଇଥିଲେ ସେତେବେଳେ ଶଙ୍କରଙ୍କୁ ପାଇବା ସକାଶେ ସେ ଘୋର ତପସ୍ୟା କରିଥିଲେ । ସେହି ଦୁଷ୍କର ତପସ୍ୟାରୁ ତାଙ୍କୁ ତପଶ୍ଚାରିଣୀ ବା ବ୍ରହ୍ମଚାରିଣୀ ବୋଲି କୁହାଗଲା । ତପକାଳରେ ସେ ଏକହଜାର ବର୍ଷ ଫଳମୂଳ ଖାଇ ରହିଲେ । ତାପରେ ଶହେବର୍ଷ ଶାଗପତ୍ର ଖାଇ ଜୀବନ ନିର୍ବାହ କଲେ । ଏହାପରେ ଉପବାସରେ ଖରାବର୍ଷା ଖାଇ ତପଃ ଆଚରଣ କଲେ । ତାପରେ ଶୁଖିଲା ଝଡିପଡିଥିବା ବେଲପତ୍ର ଖାଇ କିଛିକାଳ ତପଃ ଆଚରଣ କରିବା ସହିତ

▶▶ପୃଷ୍ଠା ୭



## ଅବତରି ଆସ ମା'

**ସୁଦର୍ଶନ ମହାପାତ୍ର**

ପୁନର୍ଜନ୍ମ ପାଇଲେଣି
ନିଷ୍ପ୍ରଭ ସ୍ୱପ୍ନମାନ
ଯେଉଁଠି ସବୁ ଦୃଶ୍ୟମାନ ଥିଲା
ଅସହାୟତାର ପାଦ ଚିହ୍ନ
ସେଠି ଏବେ ପଡ଼ିଲାଣି
ପ୍ରସନ୍ନତାର ସୂର୍ଯ୍ୟୋଦୟ
ଉଚ୍ଚସ୍ୱରରେ ଶୁଭିଲାଣି
ଆବାହନୀ ମନ୍ତ୍ର
ହୃଦୟ ବି ପୁଲକିତ
ଅପୂର୍ବ ରାଗରେ...!
ଜୀବନ ଉଦ୍ୟାନରେ
ନବ ପ୍ରତ୍ୟୟ ଏବେ ସଂଚରିତ
ଚେତନାର ଅବରୁଦ୍ଧ ଦ୍ୱାର ଦେଇ
ସିନ୍ଦୂରା ଫିଟି ଆସିଲାଣି
ଉଜ୍ଜୀବିତ ଆଶାର ଆଲୋକ
ଜମାଟ ବାନ୍ଧୁଛି ଏବେ
ସମ୍ଭାବନାର ସବୁଜିମା,
ଭୂମିରୁ ଭୂମାଯାଏ
ପ୍ରୀତିମୟ ଧ୍ୱନଟିଏ
ଗୁଞ୍ଜରିତ ଏବେ...!!!
ଶିଶୁର ବିନ୍ଦୁ ଜମାଟ ବାନ୍ଧିଲାଣି
ଫୁଲ ପାଖୁଡ଼ାରେ,
ପକ୍ଷୀମାନେ ଗାଇଲେଣି
ଅଶିଣ ସଙ୍ଗୀତ
ଦୀପ୍ତିମାନ ହେଲେଣି ନକ୍ଷତ୍ର ଗଣ
ସ୍ୱଚ୍ଛନୀଳ ଆକାଶ ଛାତିରେ!
ଏବେତୁମେ ଧରାବତରଣ କର
ମା' ଦୁର୍ଗା ଦୁର୍ଗତି ନାଶିନୀ
ଶକ୍ତିମୟୀ ଆତ୍ମ ସ୍ୱରୁପିଣୀ
ତ୍ରିଶୂଳରେ ନାଶକର ଅନ୍ୟାୟ ମହିଷା
କ୍ରୋଧ, ହିଂସା, ଅହଂର
ହେଉ ଅବସାନ
ତେଜୋମୟ ଔଜଲ୍ୟରେ
ଭରିଦିଅ ମା'
ଏଧରାର ଯେତେ ଶୂନ୍ୟସ୍ଥାନ ।

+ କୁଞ୍ଜବିହାରୀ ଲେନ, କଟକ

## ଲାଗିଛି ପାର୍ବଣର ମେଳା

**ଅମରନାଥ ବାରିକ୍**

ଲାଗିଛି ମେଳା ପାର୍ବଣା ପାଇଁ
କଟକ ନଗରୀରେ
ଗଳି କନ୍ଦିରେ ଭିଡ଼ ଜମୁଛି
ଦୋକାନ ବଜାରରେ ।
ଜନଗହଳି ଉଚ୍ଛୁଳି ଉଠେ
ଦେଖିବା ପାଇଁ ମେଢ଼
ସଜା ହୋଇଛି ଚାନ୍ଦୁଆ ଲାଗି
ଲାଇଟ୍ ଲିଟୁ କଢ଼ ।
ଛକ ଛକରେ ଲାଗିଛି ପୁଣି
ବାରୁଆଳିଙ୍କ ମୂର୍ତ୍ତି
କଣ୍ଢେଇ ନାଚ ବାଉଁଶ ରାଣୀ
ଲାଗୁଛି ମଜା ଅତି ।
ପିଲା ଖେଳନ୍ତି ଆକାଶ ଦୋଳି
ଖୁସି ମନରେ ହସି
କେଉଁଠି ପୁଣି ବୁଲନ୍ତି ପିଲେ
ହାତୀ ପିଠିରେ ବସି ।
ନାଲି ନେଳିଆ ବେଲୁନ୍ ଧରି
ବୁଲୁଛି ଫେରିବାଲା
ପେଁକାଳୀର ଶବଦ କରି
ଦେଖାଏ ଠେଲା ବାଲା ।
ଡିଜେ ବଜେଇ ଲଟେରୀ ଖେଳ
ଚାଲିଛି ପଡ଼ିଆରେ
ଯାତରା ପାଇଁ ଧାଡ଼ି ଲାଗଇ
ଟିକଟ ବିକ୍ରି ଘରେ ।
ଚିନା ବାଦାମ ମଟର ସୋଲା
ପାମ୍ପଡ଼ ନଳଭଜା
ବିକୁଛି ବସି ମଣ୍ଡପ ପାଖେ
ବୁଢ଼ା ଗଉରା ଅଜା ।
ପାଣିପୁରି ଓ ବାରମଜାର
ଆସର ଲାଗିଅଛି
ଦହି ବରାକୁ କାକୁଡ଼ି ସେଉ
ଆଳୁକଷା ରହିଛି ।
ଆନନ୍ଦ ଲାଗେ ଦଶହରାଟି
କେତେ ମଉଜ ଦିଏ
ମହାମାୟାଙ୍କ ଆଶିଷ ପାଇଁ ଆର
ବରଷେ ଚାହେଁ ।

+ କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

# ପାରାଦୀପ ବନ୍ଦର ଆଙ୍କରେଜ ପଏଣ୍ଟରୁ ୩ଜଣ ବାଙ୍ଗଲାଦେଶୀ ନାବିକ ଉଦ୍ଧାର

## ବନ୍ଦର ମେରାଇନ୍ ବିଭାଗର ପଦକ୍ଷେପକୁ ପ୍ରଶଂସା



ପାରାଦ୍ୱୀପ,୨୩।୧୦ (ନି.ପ୍ର): ଲଘୁଚାପ ଓ ଲଗାଣ ବର୍ଷା ଯୋଗୁଁ ବଙ୍ଗୋପସାଗର ଅଶାନ୍ତ ହୋଇ ପଡିଛି । ଗୁରୁବାର ଅପରାହ୍ନରେ ବାଙ୍ଗଲାଦେଶରୁ ଲୁହାପଥର ପରିବହନ କରିବାକୁ ପାରାଦୀପ ବନ୍ଦରର ଆଙ୍କରେଜ୍ ଅଂଚଳରେ ଓସନ୍ ସେଂଚୁରୀ ନାମକ ଜାହାଜ ଅପେକ୍ଷାରେ ରହିଥିଲା । କୌଣସି କାରଣ ବଶତଃ ଏହାର ୩ଜଣ ନାବିକ ରେସକ୍ୟୁ ବୋଟ୍‌ରୁ ସମୁଦ୍ରରେ ଖସି ପଡିଥିଲେ । ଏହି ସୁଚନା ପାଇବା ପରେ ପାରାଦ୍ୱୀପ ବନ୍ଦର ହାର୍ବରର ମାଷ୍ଟର କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ମେରାଇନ୍ ବିଭାଗର ଟଗ୍‌ବୋଟ ଓ ପେଟ୍ରୋଲିଂ କ୍ରାପ୍ଟ ସହ ସେଠାରେ ପହଁଚି ସେମାନଙ୍କୁ ସଫଳତାର ସହ ଉଦ୍ଧାର କରିଛନ୍ତି । ଉଦ୍ଧାର ହୋଇଥିବା ନାବିକ ମାନଙ୍କୁ ବନ୍ଦର ଚକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବୁଡି ଯାଇଥିବା ରେସକ୍ୟୁ ବୋଟ୍‌କୁ ଉଦ୍ଧାର କରାଯାଇ କୂଳକୁ ଆଣିବାକୁ ଉଦ୍ୟମ କରାଯାଉଥିବା ବନ୍ଦର ଲୋକସଂପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ । ତେବେ ବନ୍ଦର ମେରାଇନ୍ ବିଭାଗର ଏହି ଦୁଃସାହାସିକ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ବ୍ରଜନଗର ଠାରେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା

କୋରେଇ,୨୩।୧୦ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କ ବାଲେଶ୍ୱର ଗସ୍ତ ଅବସରରେ ଆଜି ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତର ବ୍ରଜନଗର ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବିଜେପି ଯୁବମୋର୍ଚ୍ଚାର ଜିଲ୍ଲା ସାଧାରଣ ସମ୍ପାଦକ ସୌମ୍ୟରଂଜନ ଧଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସୁଶାନ୍ତ ସାହୁ, ପର୍ଶୁରାମ ମଲିକ, ରାଜେନ୍ଦ୍ର ବାରିକ, ବିଷ୍ଣୁ ଧଳ, ସନ୍ତୋଷ ଧଳ, ରୁପକ ଧଳ, ଟୁଟୁ ମଲିକ, ଦେବାଶିଷ ନାୟକ,ଶ୍ରୀମତୀ ଜେନାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ତ୍ରିଦିନାତ୍ମକ ପୂଜା ଆରମ୍ଭ

ପୁରୀ,୨୩।୧୦ (ନି.ପ୍ର): ଶାରଦୀୟ ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ତ୍ରିଦିନାତ୍ମକ ପୂଜାରମ୍ଭ ହୋଇଛି । ବିଭିନ୍ନ ମଣ୍ଡପରେ ଗୋସାଣୀମୂର୍ତ୍ତି ସ୍ଥାନ ପାଇଛନ୍ତି । ଶ୍ରୀମନ୍ଦିର ବେଢାସ୍ଥିତ ଦେବୀ ବିମଳାଙ୍କଠାରୁ ଆରମ୍ଭ କରି ମନ୍ଦିର ଦକ୍ଷିଣକାଳୀ, ଗଛକାଳୀ, ଶ୍ୟାମାକାଳୀ, ରାମଚଣ୍ଡୀ, ଅଲାମଚଣ୍ଡୀ, ବାସେଳୀ, ବାଟମଙ୍ଗଳା, ବରାହୀ, ବିଶେଶ୍ୱରୀ ଓ ମରଚି ଠାକୁରାଣୀ ଆଦି ସମସ୍ତ ଦେବୀ ମନ୍ଦିରରେ ତ୍ରିଦିନାତ୍ମକ ପୂଜା ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ ଦେବୀପୀଠ ଓ ପୂଜାମଣ୍ଡପମାନଙ୍କରେ ସଞ୍ଜୁଡି ଭୋଗ କରାଯାଉଛି । ନିଶାର୍ଦ୍ଧରେ ବିଭିନ୍ନ ପୂଜାମଣ୍ଡପରେ ଦୁର୍ଗା ଓ ଗୋସାଣୀମୂର୍ତ୍ତିମାନଙ୍କୁ ଜୀବନ୍ୟାସ ଦିଆଯାଇ ତ୍ରିଦିନାତ୍ମକ ପୂଜାର ଶୁଭାରମ୍ଭ ହୋଇଛି । ଶ୍ରୀମନ୍ଦିରରେ ଅଧିଷ୍ଠିତ ଦେବୀ ବିମଳାଙ୍କ ପ୍ରତିନିଧି ବଣିଆପଟିର କାକୁଡ଼ିଖାଇଙ୍କ ପୀଠରେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ମହାସପ୍ତମୀ ପୂଜା ସଂପନ୍ନ ହୋଇଛି । ନରେନ୍ଦ୍ରପୁଷ୍କରିଣୀରୁ ପାଣି ତୋଳାଯାଇ ଶୋଭାଯାତ୍ରାରେ ପୂଜାମଣ୍ଡପକୁ ଅଣାଯାଇ ହୋମ, ଚକ୍ଷୁଦାନ ଓ ଅନ୍ୟାନ୍ୟ ବିଧିବିଧାନ ପୂର୍ବକ ଦେବୀଙ୍କଠାରେ ସପ୍ତମୀପୂଜା ସଂପନ୍ନ ହୋଇଛି । ଆକର୍ଷଣୀୟ ରଙ୍ଗୀନ ଆଲୋକମାଳାରେ ପୂଜାମଣ୍ଡପମାନ ଝଟକୁଛି । ଦୁର୍ଗାବାଡି ସମିତି ପୂଜାମଣ୍ଡପରେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ଆଜିଠାରୁ ଦେବୀଙ୍କ ଷଷ୍ଠୀପୂଜା ଆରମ୍ଭ ହୋଇଛି । କାଳୀକାଦେବୀ ସାହିସ୍ଥିତ ଦକ୍ଷିଣକାଳୀଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଛ । ତେବେ ମହାମାରୀ କରୋନା ଜନିତ କଟକଣା ଯୋଗୁଁ ଚଳିତବର୍ଷର ତ୍ରିଦିନାତ୍ମକ ପୂଜା ଶ୍ରଦ୍ଧାଳୁମାନଙ୍କ ଲାଗି ଫିକା ପଡ଼ିଥିବା ଲକ୍ଷ କରାଯାଇଛି ।

# ଗାଧୋଇବାକୁ ଯାଇ ପୋଖରୀରେ ବୁଡି ଜଣକ ମୃତ୍ୟୁ

ମାଲକାନଗିରି,୨୩।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ମାଟେରୁ ପଂଚାୟତ ଅନ୍ତର୍ଗତ ପୁରୁଣା ନୀଲିଗୁଡା ଗ୍ରାମର ଜଣେ ଲୋକ ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଗ୍ରାମର ପଦିଆ ପଡିଆମି ଗତକାଲି ସନ୍ଧ୍ୟାରେ ନିଜ ଜମିରୁ କାମ ସାରି ଘରକୁ ଫେରିବା ପରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ତେବେ ସନ୍ଧ୍ୟା ହୋଇଯିବା ପରେବି ପଦିଆ ଘରକୁ ନଫେରିବାରୁ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଆଜି ସକାଳେ ପଦିଆ ର ସ୍ତ୍ରୀ ଭିମେ ପଡିଆମି ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ସ୍ୱାମୀ ପଦିଆ ର ମୃତ ଦେହ ଭାସୁଥିବା ଦେଖିବାକୁ ପାଇ ଥିଲା । ଏହାପରେ ଭିମେ ଗ୍ରାମବାସୀଙ୍କୁ ଜଣାଇ ପଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଖବର ପାଇ ପଡିଆ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଙ୍କ ତତ୍ୱାବଧାନରେ ଏଏସ୍‌ଆଇ ଅମୂଲ୍ୟ କୁମାର ଡୁରକା ଘଟଣା ସ୍ଥଳକୁ ଯାଇ ଶବ ପାଣିରୁ ବାହାର କରି ବ୍ୟବଚ୍ଛେଦ ପାଇଁ କାଲିମେଳା ପଠାଇଥିବା କହିଛନ୍ତି । ଏ ନେଇ ପଡିଆ ଥାନାରେ ୧୧/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରୀ ରହିଥିବା କୁହାଯାଇଛି । ଅନ୍ୟପଟେ ପଦିଆ ର ମୂର୍ଚ୍ଛା ରୋଗ ଥିବାରୁ ଗାଧୋଇବା ସମୟରେ ପୋଖରୀକୁ ଖସି ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ପରିବାର ଲୋକ ଅନୁମାନ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

# ୨୦ ମାସ ପୁରିଲା, ହେଲେ ନ୍ୟାୟ ମିଳିଲାନି : ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା,୨୩।୧୦ (ନି.ପ୍ର): ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜାଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ । ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ । ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ୬୧ ତମ ପୋଲିସ ଶହୀଦ ଦିବସ ପାଳିତ




ବାରିପଦା,୨୩।୧୦ (ନି.ପ୍ର): ମୟୂରଭ ଜିଲ୍ଲା ପୋଲିସ ପକ୍ଷରୁ ବାରିପଦା ପୋଲିସ ପଡିଆ ଠାରେ ଆଜି ୬୧ ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରମାର ସ୍ମିଥ ଓ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳି ଅର୍ପଣ କରିଥିଲେ ।୧୯୫୯ ମସିହା ଅକ୍ଟୋବର ୨୧ତାରିଖରେ ଚୀନ୍-ଭାରତୀୟ ସୀମା ବିବାଦର ଏକ ଅଂଶ ଭାବରେ ଲଦାଖର ଇଣ୍ଡୋ-ତିବ୍ବତୀୟ ସୀମାରେ ସେଂଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସ ପେଟ୍ରୋଲିଂ ସମୟରେ ଚୀନ୍ ସୈନ୍ୟ ଅଚାନକ ଆକ୍ରମଣ କରିଥିଲା । ସେହି ଦିନ ଠାରୁ ପୋଲିସ ଶହୀଦ ଦିବସ ସାରା ଦେଶରେ ପୋଲିସ ବିଭାଗ ତରଫରୁ ପାଳନ କରାଯାଇଆସୁଛି । ଶହୀଦ ମାନଙ୍କ ସମ୍ମାନ ପାଇଁ ପ୍ରଥମେ ଗୋଟିଏ ମିନିଟର ନୀରବ ପ୍ରାର୍ଥନା କରିବା ସହିତ ଏହି ଅବସରରେ ଚଳିତ ବର୍ଷ କରୋନା କଟକଣା ଭିତରେ ପରେଡ୍ ଓ ବାଦ୍ୟ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାପାଳ ଏବଂ କାର୍ଯ୍ୟରତ ପୋଲିସ୍ ଅଧିକାରୀ ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ସେହିପରି ଶହୀଦ ଦିବସ ଅବସରରେ ନିକଟ ଅତୀତରେ କଳାହାଣ୍ଡି ଜିଲ୍ଲାରେ ମାଓ ହିଂସାରେ ଶହୀଦ ହୋଇଥିବା ମୟୁରଭ ଜିଲ୍ଲାର ଶୁଳିଆପଦା ଅଂଚଳର ସୁଧୀର କୁମାର ଟୁଡୁ ଏବଂ କରୋନାରେ ମୃତ୍ୟବରଣ କରିଥିବା ଜିଲ୍ଲାର ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଶୋକ କୁମାର ପଟ୍ଟନାୟକଙ୍କୁ ମଧ ଟ୍ୱିଟ ଯୋଗେ ଶ୍ରଦ୍ଧାଳି ଜଣାଇଛନ୍ତି ପୋଲିସ ମହାନିର୍ଦ୍ଦେଶକ ।

# ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ପତ୍ନୀ ବିୟୋଗ

ଭୁବନେଶ୍ୱର,୨୩।୧୦ (ନି.ପ୍ର): ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲାର ପୂର୍ବତନ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଏବଂ ବରିଷ୍ଠ କାର୍ଯ୍ୟକର୍ତା ଶ୍ରୀ କାହ୍ନୁଚରଣ ପତିଙ୍କ ଧର୍ମପତ୍ନୀ ଶ୍ରୀମତି ବିଜୟଲକ୍ଷ୍ମୀ ପତିଙ୍କ ଅକାଳ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଧର୍ମ ପରାୟଣା ଓ ମିଷ୍ଟଭାଷୀ ସ୍ୱର୍ଗତାଃ ପତି ଅତ୍ୟନ୍ତ ପରପୋକାରୀ ଥିଲେ । ତାଙ୍କର ଅକାଳ ବିୟୋଗରେ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଅତ୍ୟନ୍ତ ମର୍ମାହତ ବୋଲି କହିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ଏଭଳି ଦୁଃଖଦ ସମୟରେ ଶ୍ରୀ ପତି ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ଅସାମାଜିକ କାର୍ଯ୍ୟକଳାପକୁ ବିରୋଧ କଲେ ମିଳୁଛି ଧମକ, ଏସପିଙ୍କୁ ଭେଟିଲେ ଗ୍ରାମବାସୀ

କୋରେଇ,୨୩।୧୦ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ପଂଚାୟତ ଅଧିବାସୀ ପହଂଚି ଅଭିଯୋଗ କରିଛନ୍ତି । ସେମାନଙ୍କର ଅଭିଯୋଗ ମୁତାବକ, ଥାନୁଆଳ ପଂଚାୟତର ୪ଟି ଗ୍ରାମ ଯଥା ଥାନୁଆଳ, ରଘୁନାଥପୁର, ଗୁଆରଙ୍ଗ ଓ କାନପୁର ଆଦି ଗ୍ରାମରେ ୨ ହଜାରୁ ଉର୍ଦ୍ଧ୍ୱ ଦଳିତ ଲୋକ ଦୈନିକ ମୂଳ ମଜୁରୀ କରି ପରିବାର ଭରଣ ପୋଷଣ କରନ୍ତି । ରଘୁନାଥପୁର ଗ୍ରମାର ରାଧାନାଥ ପଣ୍ଡାଙ୍କ ପୁଅ ବିଜୟ (ଗୁନ) କିଛି ଦଳିତ ଯୁବକଙ୍କୁ ନେଇ ଅସାମାଜିକ କାର୍ଯ୍ୟରେ ଲିପ୍ତ କରାଇ ରାହାଜାନୀ ସୃଷ୍ଟି କରୁଛି । ଏମିତିକି ଟ୍ରେନରୁ ଡକାୟତି କରିବା, ଦାଦାବଟି ଆଦାୟ, ଚୋରାରେ ଗୋରୁ ଚାଲାଣ, ପେଟ୍ରୋଲ ପମ୍ପରେ ବୋମ ଫୁଟାଇ ଡକାୟତି ସହ ଲୋକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟ୍ କରିବା ଆଦି କାର୍ଯ୍ୟକଳାପ ଜାରି ରହିଛି । ରଘୁନାଥ ପୁର ବା ପାଖାପାଖି ଗ୍ରାମରେ ଯେଉଁ ମାନେ ଏହି କାର୍ଯ୍ୟକଳାପକୁ ବିରୋଧ କରୁଛନ୍ତି, ସେମାନଙ୍କୁ ମାରପିଟ୍ କରିବା ସହ ଧମକ ଚମକ ଦିଆଯାଉଛି । ଯୁବକ ଓ ମହିଳାଙ୍କ ଦ୍ୱାରା ମିଥ୍ୟା ମାମଲା କରାଇବା ଫଳରେ ସେ ଅଂଚଳରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି । ଯାହାଦ୍ୱାରା ସବର୍ଣ୍ଣ ଓ ଦଳିତଙ୍କ ମଧରେ ତିକ୍ତତା ବୃଦ୍ଧି ପାଇ ଭାଇଚାରା ନଷ୍ଟ ହେଉଛି । ନିଜର ସ୍ୱାର୍ଥ ପାଇଁ ଗୁନ ଘଟାଉଥିବା ଏଭଳି ଅସାମାଜିକ କାର୍ଯ୍ୟକଳାପର ସତ୍ୟାସତ୍ୟ ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପିଙ୍କ ନିକଟରେ ଦାବି କରାଯାଇଛି । ଏହାର ନକଲ ମାନବିକ ଅଧିକାର କମିଶନର, ଏସସି/ଏସଟି କମିଶନର, ଯାଜପୁର ଜିଲ୍ଲାପାଳ, ଧର୍ମଶାଳା ଥାନା ଅଧିକାରୀଙ୍କୁ ମଧ୍ୟ ଲିଖିତଭାବେ ଅବଗତ କରାଯାଇଛି । ଏନେଇ ହେମନ୍ତ ପାଢୀ, ଧ୍ରୁବ ଭଂଜ, ଉତମ ଦୋରା, ଗଣେଶ୍ୱର ପରିଡା, ବାବୁଲି ରାଉତ, ବସନ୍ତ ମଲିକ, ସୁରେନ୍ଦ୍ର ମଲିକ, ଗଣେଶ୍ୱର ସେଠୀ, ରଂଜନ ମଲିକ, ରାହାସ ମଲିକ, ରବିନ୍ଦ୍ର ନାଥ ସେଠୀ, ରୁଦ୍ରନାରାୟଣ ନାୟକ, ସୁକାନ୍ତ ସ୍ୱାଇଁ ପ୍ରମୁଖ ଏସପିଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

# ଅଳିଆ ଗଦାରେ ଭୋଟର କାର୍ଡ

ମାଲକାନଗିରି,୨୩।୧୦ (ନି.ପ୍ର): ସରକାରଙ୍କ ନିୟମ ଅନୁଯାୟୀ ଭୋଟର କାର୍ଡ ଲୋକଙ୍କ ପରିଚୟ ପତ୍ର । ଏହା ମାଧମରେ ଲୋକଙ୍କୁ ବିଭିନ୍ନ ସେବା ଓ ସୁଯୋଗ ମିଳିଥାଏ । କିନ୍ତୁ ଏହି ଭୋଟର ପରିଚିୟ ପତ୍ର ଲୋକଙ୍କୁ ମିଳିବା ବଦଳରେ ପଡିଛି ଅଳିଆ ଗଦାରେ । ତାହାବି ଗୋଟିଏ କି ଦୁଇଟି ନୁହେଁ । ଏପରି ପ୍ରାୟ ପଚାଶ ରୁ ଅଧିକ ପରିଚୟ ପତ୍ର ମାଲକାନଗିରି ଜିଲ୍ଲା ବାଲିମେଳା ଏନ ଏ ସି ଅଂଚଳର ମୁଖ୍ୟ ରାସ୍ତା କଡ଼ ଅଳିଆ ଗଦା ରେ ପଡିଥିବା ଦେଖିବାକୁ ମିଳିଛି । ସୂଚନା ଥାଉକି ଏହି ପରିଚୟ ପତ୍ର ଲୋକ ମାନଙ୍କୁ ନଦେଇ ଅଳିଆ ଗଦାରେ ଫୋପାଡ଼ି ଦିଆଯାଇଛି । ଯାହାକି ଏକ ନିନ୍ଦନୀୟ ଘଟଣା । ସରକାର ସ୍ଥାନୀୟ ଶିକ୍ଷକ ମାନ ଙ୍କୁ ନିୟୋଜିତ କରି ଏହି ଭୋଟର ପରିଚୟ ପତ୍ର ପ୍ରଦାନ ନିମନ୍ତେ ଦାଇତ୍ୱ ଦେଇଥିଲେ । ମାତ୍ର କିଛି ଅସାଧୁ ଶିକ୍ଷକ ଏହି ପରିଚୟ ପତ୍ର ଲୋକ ଙ୍କୁ ନଦେଇ ଅଳିଆ ଗଦାରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଏହି ସବୁ ପରିଚୟ ପତ୍ର କୋରକୁଣ୍ଡା ବ୍ଲକ ର ତାରଲାକୋଟା ପାଂଚୟତ ର ବିଭିନ୍ନ ଗ୍ରାମର ବୋଲି ଜଣାପଡିଛି । ଏହାର ଦାୟିତ୍ୱ ରେ କିଏ ଥିଲା ଓ କାହିଁକି ଏହିପରି କାମ କଲେ ସେନେଇ ବର୍ତମାନ ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି !

# ରାୟଗଡ ଜିଲ୍ଲା ପୋଲିସ ପକ୍ଷରୁ ୬୧ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

## ଶହୀଦ ବୀର ଯବାନ ଓ ପୋଲିସ କରୋନା ଯୋଦ୍ଧାଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ଏସ.ପି.



ରାୟଗଡ଼ା,୨୩।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ସ୍ଥିତ ରିର୍ଜବ ପୋଲିସ କାର୍ଯ୍ୟାଳୟ ପରିସରରେ ରାୟଗଡ ଜିଲ୍ଲା ପୋଲିସ ତରଫରୁ ୬୧ତମ ପୋଲିସ ଶହୀଦ ସ୍ମୃତି ଦିବସ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡଃ.ଶର୍ବଣୀ ବିବେକ ଏମ.ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ୟାରେଡର ଅଭିବାଦନ ଗ୍ରହଣ କରିବା ସହ ବୀର ଶହୀଦ ଓ ଦିବଂଗତ ପୋଲିସ କରୋନା ଯୋଦ୍ଧାଙ୍କ ସ୍ମୃତିଚାରଣ କରିଥିଲେ । ୧୯୫୯ ମସିହାରେ ଅକ୍ଟୋବର ୨୧ ତାରିଖରେ ଭାରତ ସୀମା' ଲଦାଖ ଅଂଚଳରେ ସିଆରପିଏଫର ଏକ ଟୋଲି ପେଟ୍ରୋଲିଂ କରୁଥିବା ସମୟରେ ଚୀନ ସୈନ୍ୟମାନଙ୍କ ଗୁଳିର ଶୀକାର ହୋଇ ନିଜ ମାତୃଭୂମି ପାଇଁ ପ୍ରାଣବଳି ଦେଇ ଶହୀଦ ହୋଇଥିବାରୁ ଏହି ଦିବସକୁ ଚିରସ୍ମରଣୀୟ ରଖିବା ଏବଂ ଶହୀଦ ବୀର ଯବାନଙ୍କ ଅମର ଆତ୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଂଜଳି ଜ୍ଞାପନ ପୂର୍ବକ ଏହି ଦିବସ ପାଳନ କରାଯାଉଛି ବୋଲି ଜିଲ୍ଲା ଏସ.ପି.ଶ୍ରୀ ବିବେକ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ । ସେହିପରି ଗତ ୨୦୧୯ ସେପ୍ଟେମ୍ବର ୧ ତାରିଖ ଠାରୁ ଚଳିତ ବର୍ଷର ଅଗଷ୍ଟ ୩୧ ତାରିଖ ୧ ବର୍ଷ ମଧରେ ଦେଶସେବା ପାଇଁ ପ୍ରାଣବଳି ଦେଇ ଶହୀଦ ହୋଇଥିବା ଏବଂ ଚଳିତ ମାସର ୧୬ ତାରିଖ ମଧରେ କରୋନା ମହାମାରୀ ସମୟରେ କାର୍ଯ୍ୟରେ ନିୟୋଜିତ ରହି ପ୍ରାଣବଳି ଦେଇଥିବା ଶହୀଦ ପୋଲିସ କରୋନା ଯୋଦ୍ଧାମାନଙ୍କ ନାମ ପଠନ କରିଥିଲେ । ରାୟଗଡ ଜିଲ୍ଲାର ମୁନିଗୁଡା ଥାନା ଆଇଆଇସି ରାଜେନ୍ଦ୍ର ଦେହୁରୀ ମଧ କରୋନା ଯୋଦ୍ଧା ଭାବେ ଶହୀଦ ହୋଇଥିବା ନେଇ ଏସ.ପି. ତାଙ୍କ ନାମ ପଠନ କରିଥିଲେ । ୬୧ତମ ପୋଲିସ ଶହୀଦ ସ୍ମୃତି ଦିବସ ଅବସରରେ ମାନ୍ୟବର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତାକୁ ମଧ ପଠନ କରିବା ସହ ରିଜର୍ବ ପୋଲିସ କାର୍ଯ୍ୟାଳୟ ପରିସରରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ପୁଷ୍ପାମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡଡେଂଟ ଏଚ.କେ. ରଥ, ଏସଡିପିଓ ତପନ ନାରାୟଣ ରଥ, ରାୟଗଡ ଥାନା ଅଧିକାରୀ ନିହାର ରଂଜନ ପ୍ରଧାନ, ଚାନ୍ଦିଲି ଥାନା ଅଧିକାରୀ ନିଳାମ୍ବର ଜାନିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିବା ବେଳେ ନିରଂଜନ ନାୟକ ପ୍ୟାରେଡ ପରିଚାଳନା କରିଥିଲେ । ସେହିପରି ସର୍ଜଂଟ ତାଣ୍ଡିମତି ଲାଲ, ଡିଏସଆଇ ଭାସ୍କର ପ୍ରଧାନ, ସୀମାଂଚଳ ଦାଶ, ନିରଂଜନ ଘଟାଲ, ହାବିଲଦାର ମେଜର ପି.କେ.ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ତେଲକୋଇ ଅଂଚଳରେ ହାତୀ ଉପଦ୍ରବ : ଦଳି ଚକଟି ନଷ୍ଟ କଲେ ଶହ ଶହ ଏକର ଫସଲ, ଚାଷୀକୂଳ ହତାଶ

କେନ୍ଦୁଝର,୨୩।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ଅଂଚଳରେ ଜଙ୍ଗଲୀ ହାତୀ ପଲଙ୍କ ଉପଦ୍ରବ ସାଧାରଣ ଲୋକ ଓ ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି । ଜିଲ୍ଲାର ତେଲକୋଇ ବନାଂଚଳ ଅଧିନସ୍ଥ କୃଷ୍ଣପୁର ଗ୍ରାମ ଉପଦ୍ରବ ଆରମ୍ଭ ହୋଇଛି । ଗତକାଲି ବୁଧବାର ରାତ୍ରୀ ପ୍ରାୟ ଦୁଇଟା ସମୟରେ ଏକ ହାତୀପଲ ଗ୍ରାମରେ ପଶି ଧାନ ଫସଲ ସବୁ ଖାଇବା ସହ ଏକର ଏକର ଚାଷ ଦଳି ଚକଟି ନଷ୍ଟ କରି ପକାଇଛନ୍ତି । ଯେଉଁ ଚାଷୀ କୂଳ ତାର ମୁଣ୍ଡର ଝାଳ ତୁଣ୍ଡରେ ମାରି ଖରା ବର୍ଷାରେ ବିଲର ମାଟିକୁ ଦେହରେ ବୋଳି ବହୁ କଷ୍ଟରେ ନିଜ ବିଲରେ ଧାନ ଫସଲ ଗଣ୍ଡେ ଫଳାଇ ଥିଲା । ଆଉ କେତୋଟି ଦିନ ପରେ ଧାନ କାଟି ଘରକୁ ନେଇ ଥାଆନ୍ତା । ଘରେ ପିଲା ଛୁଆଙ୍କ ମୁହଁରେ ଆହାର ଗଣ୍ଡାଏ ଦେବା କ୍ଷେତ୍ରରେ ନିଶ୍ଚିତ ହୋଇ ଥାଆନ୍ତା । କିନ୍ତୁ ଏବେ ସବୁ ଉଜାଡି ଦେଇଛନ୍ତି ଏହି ହାତୀପଲ । ଫଳରେ ଏବେ ସେ ଉପାୟଶୂନ୍ୟ ହୋଇ ମୁଣ୍ଡରେ ହାତ ଦେଇ ଅନିଶ୍ଚିତ ଭବିଷ୍ୟତ ଅପେକ୍ଷାରେ ବସିଛି । ତେଲକୋଇ ବନାଚଂଳର କୃଷ୍ଣପୁର, ଡାହାଣୀଗୁଡା, ବଡମୁଣ୍ଡା, ଭାଲିଆଗୁଡା, ଆଦି ପ୍ରାୟ ୧୫ ରୁ ଉର୍ଦ୍ଧ୍ୱ ଗ୍ରାମର ଚାଷୀଙ୍କର ଧାନ ଫସଲ ହାତୀ ପଲ ନଷ୍ଟ କରିବା ସହ ଖାଇଛନ୍ତି । ଏହି ହାତୀ ପଲରେ ୧୩ ଟି ହାତୀ ରହିଛନ୍ତି । ହାତୀପଲଙ୍କ ଉପଦ୍ରବ ସମ୍ପର୍କରେ ଚାଷୀଙ୍କ ପକ୍ଷରୁ ବନ ବିଭାଗକୁ ସୂଚନା ଦିଆଯାଇଥିଲେ ମଧ ହାତୀ ଘଉଡାଇବାରେ ସେମାନେ ବିଫଳ ହୋଇଥିବା ଅଂଚଳବାସୀ କହିଛନ୍ତି । ତେଲକୋଇ ଅଂଚଳରେ ପ୍ରାୟ ଅନେକ ସମୟରେ ହାତୀଙ୍କର ଉପଦ୍ରବ ଲାଗି ରହିଥିଲେ ମଧ ତାହାର ସ୍ଥାୟୀ ସମାଧାନ କରିବା ଦିଗରେ ବନ ବିଭାଗ ଅଦ୍ୟାବଧି ଆଗ୍ରହ ପ୍ରକାଶ କରିବା ଲକ୍ଷ୍ୟ କରାଯାଉ ନାହିଁ । ଯାହା ଅତୀବ ଦୁର୍ଭଗ୍ୟପୁର୍ଣ୍ଣ ବୋଲି ମତ ପ୍ରକାଶ ପାଉଛି । ଅନ୍ୟପକ୍ଷରେ ତେଲକୋଇ ବନାଚଂଳର ସଂରକ୍ଷିତ ଜଙ୍ଗଲ ମଧରେ ହତୀପଲଙ୍କ ଚଲାପଥ ତଥା କରିଡରରେ ପଥର କ୍ରସର ସ୍ଥାପନ କରାଯାଇ ସେମାନଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି କରାଯିବା ସହ ପଥର ହୁଡି ମାନ ବ୍ଲାଷ୍ଟିଙ୍ଗ କରାଯାଇ ସେମାନଙ୍କ ଶାନ୍ତି ଭଙ୍ଗ କରାଯିବା ଘଟଣାରେ ପ୍ରଶାସନ ପକ୍ଷରୁ ମଧ ଉପଯୁକ୍ତ ଗୁରୁତ୍ୱ ଦିଆ ଯାଉନାହିଁ । ପ୍ରଶାସନ ଏ ଦିଗରେ ଅଧିକ ଗୁରୁତ୍ୱ ଦେଇ ତଦନୁରୁପ ଉପଯୁକ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

# ଦୁର୍ଗେ ଦୁର୍ଗେ ମହାଭାଗେ....

(ପୃଷ୍ଠା ୭ର ଅବଶିଷ୍ଟାଂଶ..)

ପରେ ତାହା ମଧ ଛାଡିଦେଇ ଅପର୍ଣ୍ଣା ନାମ ଧରଣ କଲେ । ଏହାପରେ କେତେ ହଜାର ବର୍ଷ ନିରାହାର ତପସ୍ୟା କରିବାରୁ ତାଙ୍କ ଶରୀର କ୍ଷୀଣ ହୋଇ ଯିବାରୁ ମାଆ ମେନା ତାଙ୍କୁ ଡକାଇ ଉ..ମା ତପ କରନାହିଁ ବୋଲି କହିବାରୁ ଉମା ନାମ ଧରଣ କଲେ । ଉମାଙ୍କର ସେହି କଠିନ ତପସ୍ୟାରେ ତିନିଲୋକରେ ହାହାକାର ପଡିଗଲା । ଫଳରେ ବ୍ରହ୍ମା ଆକାଶବାଣୀରେ ମାତାଙ୍କୁ ପ୍ରଶଂସା କରି ଅଚିରେ ମନସ୍କାମନା ପୂର୍ଣ୍ଣ ହେବାର ପ୍ରତିଶ୍ରୁତି ଦେଇ ତପଃ ଭଙ୍ଗ କରିବାକୁ ନିର୍ଦ୍ଦେଶ ଦେଲେ । ମାତାଙ୍କର ଏହି ଦ୍ୱିତୀୟ ସ୍ୱରୂପକୁ ଧ୍ୟାନକଲେ ତପଃ,ତ୍ୟାଗ,ବୈରାଗ୍ୟ ଓ ସଂଯମ ବୃଦ୍ଧି ହୋଇଥାଏ । ଦୁର୍ଗାପୂଜାର ଦ୍ୱିତୀୟ ଦିନ ମା'ଙ୍କର ଏହି ସ୍ୱରୂପର ଉପାସନା କରାଯାଏ । ସାଧକର ମନ ଏହିଦିନ 'ସ୍ୱାଧିଷ୍ଠାନ' ଚକ୍ରରେ ସ୍ଥିତ ହୁଏ ।

ମାତା ଦୁର୍ଗାଙ୍କର ତୃତୀୟ ଶକ୍ତିର ନାମ ଚନ୍ଦ୍ରଘଣ୍ଟା । ମାତାଙ୍କର ଏହି ସ୍ୱରୂପ ପରମ ଶାନ୍ତିଦାୟକ ଓ କଲ୍ୟାଣକାରୀ ଅଟେ । ଏହାଙ୍କର ମସ୍ତକରେ ଘଣ୍ଟା ଆକାରରେ ଅର୍ଦ୍ଧଚନ୍ଦ୍ର ବିରାଜିତ ହୋଇଥିବାରୁ ଏହାଙ୍କୁ ଚନ୍ଦ୍ରଘଣ୍ଟା ଦେବୀ କୁହାଯାଏ । ମାତାଙ୍କର ଶରୀର ସୁନାପରି,ସେ ଦଶଭୂଜା । ସେଥିରେ ଖଡ୍ଗ ଆଦି ଅସ୍ତ୍ରଶସ୍ତ୍ର ବିଭୂଷିତ । ସେ ସିଂହବାହିନୀ ତଥା ଯୁଦ୍ଧପାଇଁ ଉଦ୍ୟତ ମୁଦ୍ରାରେ ବିରାଜିତ । ତାଙ୍କର ଘଣ୍ଟା ଧ୍ୱନିରେ ରାକ୍ଷସ ମାନଙ୍କର ହୃଦୟ ଭୟରେ ପ୍ରକମ୍ପିତ ହୋଇ ଥାଏ । ମାତାଙ୍କର ପୂଜା ନବରାତ୍ର ପୂଜାର ତୃତୀୟ ଦିବସରେ ହୁଏ । ଏହିଦିନ ସାଧକ ମାନଙ୍କର ମନ 'ମଣିପୁର' ଚକ୍ରରେ ପ୍ରବେଶ କରେ । ମାତାଙ୍କ ଦୟାରୁ ସାଧକଙ୍କୁ ଅଲୌକିକ ବସ୍ତୁମାନଙ୍କର ଦର୍ଶନ ମିଳିବା ସହିତ ଦିବ୍ୟ ସୁଗନ୍ଧ ଓ ଦିବ୍ୟଧ୍ୱନି ଶୁଣିବାକୁ ମିଳେ । ଏହି ସମୟରେ ସାଧକକୁ ସାବଧାନ ହେବାକୁ ପଡେ । ମାତାଙ୍କର ମୁଦ୍ରା ଯୁଦ୍ଧାଭିମୁଖୀ ତେଣୁ ଭକ୍ତଙ୍କର ଦୁଃଖ ଅତିଶୀଘ୍ର ନିବାରଣ ହୋଇଯାଏ । ମା'ଙ୍କର ସାଧନା ସାଧକର ବୀରତା ଓ ନିର୍ଭୀକତା ସହିତ ସୌମ୍ୟତା ଓ ବିନମ୍ରତା ବିକଶିତ କରାଏ । ସାଧକର ସମଗ୍ର କାୟାରେ ଏକ ଅପୂର୍ବ କାନ୍ତି ଫୁଟି ଉଠେ । ମ । ତ । ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପ ହେଉଛି କୁଷ୍ମାଣ୍ଡା । ନିଜର ମନ୍ଦହାସ ଦ୍ୱାରା ଅଣ୍ଡ ଅର୍ଥାତ୍ ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବା କାରଣରୁ ମାତାଙ୍କୁ କୁଷ୍ମାଣ୍ଡା ଦେବୀ ନାମରେ ଅଭିହିତ କରାଯାଇଛି । ଯେତେବେଳେ ସୃଷ୍ଟ ନଥିଲା କି ତାର କିଛି ଅସ୍ତିତ୍ୱ ନଥିଲା ସେତେବେଳେ ଏହି ଦେବୀଙ୍କ ମନ୍ଦହାସରୁ ବ୍ରହ୍ମାଣ୍ଡ ରଚନା ହୋଇଥିଲା । ଏହି ମା'ଙ୍କର ନିବାସ ସୂର୍ଯ୍ୟ ମଣ୍ଡଳର ଅନ୍ତଃଲୋକରେ ।ଏଣୁ ଏହାଙ୍କ କାନ୍ତି ଓ ପ୍ରଭା ମଧ ସୂର୍ଯ୍ୟ ସମାନ ଦେଦୀପ୍ୟମାନ ଓ ଭାସ୍ୱର । ମା'ଙ୍କର ତେଜ ଓ ପ୍ରକାଶର ଦଶଦିଗ ଉଦ୍‌ଭାସିତ ହୁଏ । ମାତାଙ୍କର ଭୁଜସଂଖ୍ୟା ଆଠ । ତାଙ୍କର ହାତରେ କମଣ୍ଡଳୁ,ଧନୁ,ବାଣ,କମଳପୁଷ୍ପ,ଅମୃତପୂର୍ଣ୍ଣ କଳସ,ଚକ୍ର,ଗଦା ତଥା ଅଷ୍ଟମ ହାତରେ ଜପାମାଳି ରହିଛି । ମା'ଙ୍କର ବାହନ ସିଂହ । ମାତାଙ୍କର ପ୍ରିୟ ବଳି ହେଉଛି ପାଣିକଖାରୁ ।ଏହି କାରଣରୁ ମାତାଙ୍କ ନାମ ମଧ କୁଷ୍ମାଣ୍ଡା । ଚତୁର୍ଥ ଦିବସର ପୂଜା କୁଷ୍ମାଣ୍ଡା ସ୍ୱରୂପର ପୂଜା ।ଏହି ଦିନ ସାଧକ 'ଅନାହତ' ଚକ୍ରରେ ପ୍ରବେଶ କରିଥାଏ । ମା'ଙ୍କର ଉପାସନାରେ ଭକ୍ତର ସମସ୍ତ ରୋଗ-ଶୋକ ନଷ୍ଟ ହୋଇଥାଏ । ମା'ଙ୍କୁ ଭକ୍ତି କଲେ ଆୟୁ,ଯଶ,ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ହୁଏ । ମ । ତ । ଦୁର୍ଗାଙ୍କର ପଞ୍ଚମ ସ୍ୱରୂପର ନାମ ହେଉଛି ସ୍କନ୍ଦମାତା । ଦେବତାଙ୍କର ସେନାପତି ସ୍କନ୍ଦଙ୍କର ମାତା ହୋଇଥିବାରୁ ଏହାଙ୍କ ନାମ ସ୍କନ୍ଦମାତା । ଏହିଦିନ ସାଧକ 'ବିଶୁଦ୍ଧ' ଚକ୍ରରେ ଅବସ୍ଥିତ ହୋଇଥାଏ । ମା'ଙ୍କ ବିଗ୍ରହରେ ସ୍କନ୍ଦ ବାଳକ ରୂପରେ କୋଳରେ ବସିଥାନ୍ତି । ମାତାଙ୍କର ଚାରି ଭୁଜରେ ଡାହାଣ ପଟ ଉପର ଭୁଜରେ ସ୍କନ୍ଦ ଓ ତଳ ଭୁଜରେ କମଳ ପୁଷ୍ପ ଥିବା ବେଳେ ବାମପଟ ଉପର ଭୁଜର ବରମୁଦ୍ରା ଓ ତଳ ଭୁଜରେ କମଳ ପୁଷ୍ପଟିଏ ଧରିଥାନ୍ତି । ମାଆ ଶୁଭ୍ରବର୍ଣ୍ଣା ତଥା କମଳ ଆସନରେ ବିରାଜିତା ଏବଂ ସିଂହବାହିନୀ । ସାଧକର ମନ ଏହି ସ୍ୱରୂପର ଧ୍ୟାନରେ ଲାଗିଗଲେ ବିଶୁଦ୍ଧ ଚୈତନ୍ୟ ଆଡକୁ ଅଗ୍ରସର ହୋଇଥାଏ । ଏହାଙ୍କ ଉପାସନାରେ ଭକ୍ତର ସକଳ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ମାତାଙ୍କତ ଷଷ୍ଠ ସ୍ୱରୂପର ନାମ ହେଉଛି କାତ୍ୟାୟନୀ । ପରମ ଭକ୍ତ ମହର୍ଷି କାତ୍ୟାୟନଙ୍କ ତପ ଫଳରେ ମାତା ତାଙ୍କ ଝିଅ ଭାବରେ ଜନ୍ମନେଇ କାତ୍ୟାୟନୀ ନାମରେ ବିଦିତ ହେଲେ । ମାତା କାତ୍ୟାୟନୀ ହେଉଛନ୍ତି ଅମୋଘ ଫଳଦାୟିନୀ । ବ୍ରଜଗୋପୀମାନେ ଶ୍ରୀକୃଷ୍ଣଙ୍କୁ ପାଇବା ନିମନ୍ତେ କାତ୍ୟାୟନୀଙ୍କୁ ପୂଜା କରିଥିଲେ ।ଏହି ମାଆ ବ୍ରଜମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ ରୂପେ ପ୍ରତିଷ୍ଠିତା । ମାତା ଚତୁର୍ଭୁଜା । ଦକ୍ଷିଣ ପଟ ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ବର ମୁଦ୍ରା । ବାମପଟ ଉପର ହାତର ତରବାରି ଓ ତଳହାତର ପ୍ରସ୍ଫୁଟିତ ପଦ୍ମ ଶୋଭା ପାଏ ଏବଂ ମାତା ମଧ ସିଂହବାହିନୀ ଅଟନ୍ତି । ଏହି ଷଷ୍ଠଦିନରେ ସାଧକର ମନ 'ଆଜ୍ଞା' ଚକ୍ରରେ ପ୍ରବେଶ କରେ । ସାଧକ ନିଜର ସର୍ବସ୍ୱ ମାତା କାତ୍ୟାୟନୀଙ୍କ ନିକଟରେ ସମର୍ପଣ କରି ମାତାଙ୍କର ଦର୍ଶନ ପାଇଥାଏ । ମାତାଙ୍କୁ ଭକ୍ତି କରି ଅତି ସହଜରେ ଚତୁର୍ବର୍ଗ ଫଳ ଭକ୍ତ ପାଇ ପାରିଥାଏ ।

ମାତା ଦୁର୍ଗାଙ୍କର ସପ୍ତମ ସ୍ୱରୂପ ହେଉଛି କାଳରାତ୍ରି । ଏହାଙ୍କ ଶରୀରର ରଙ୍ଗ ରାତ୍ରିପରି ଗାଢକଳା । ମସ୍ତକର କେଶ ମୁକୁଳା । ମାତାଙ୍କର ଗୋଲାକାର ତ୍ରିନେତ୍ର । କଣ୍ଠରେ ବିଜୁଳି ପରି ଉଜ୍ଜ୍ୱଳ ମାଳା । ନାସିକାରୁ ପ୍ରବାହିତ ଶ୍ୱାସପ୍ରଶ୍ୱାସରେ ଅଗ୍ନିର ଜ୍ୱାଳା ବାହାରୁଥାଏ । ମାତା ଗର୍ଦ୍ଦଭବାହିନୀ ଏବଂ ଚତୁର୍ଭୁଜା । ଡାହାଣ ପଟ ଉପର ହାତ ବରମୁଦ୍ରା ତଳ ହାତ ଅଭୟ ମୁଦ୍ରା ଦେଖାଏ । ବାମପଟ ଉପର ଭୁଜାରେ ଲୁହାକଣ୍ଟା ଥିବା ବେଳେ ତଳ ହାତର ଖଡ୍ଗ ବା କଟାର ଶୋଭା ପାଉଥାଏ । ମାତା ଭୟଙ୍କର ଦୃଶ୍ୟ ହେଉଥିଲେ ବି ସେ ଶୁଭଫଳ ଦେଉଥିବାରୁ ତାଙ୍କର ଭିନ୍ନ ଏକ ନାମ ଶୁଭଙ୍କରୀ । ସପ୍ତମ ଦିବସର ସାଧକ 'ସହସ୍ରାର' ଚକ୍ରରେ ସ୍ଥିତ ରହେ;ଫଳରେ ସାଧକ ନିମନ୍ତେ ସକଳ ସିଦ୍ଧିର ଦ୍ୱାର ଖୋଲିଯାଏ । ସାଧକ ମାତାଙ୍କୁ ସାକ୍ଷାତ୍ ଦର୍ଶନ ପାଇଥାଏ ଫଳରେ ତାଙ୍କର ସମସ୍ତ ପାପ ଓ ବିଘ୍ନ କଟିଯାଏ । ମାତା ଦୁଷ୍ଟବିନାଶିନୀ । ମା'ଙ୍କ ସ୍ମରଣ ମାତ୍ରେ ସମସ୍ତ ପ୍ରକାର ଭୟ ଶରୀରରୁ ଚାଲିଯାଏ ।

ମାତା ଦୁର୍ଗାଙ୍କର ଅଷ୍ଟମ ସ୍ୱରୂପର ନାମ ହେଉଛି ମହାଗୌରୀ । ମା'ଙ୍କର ଶରୀର ଶଙ୍ଖ ପରି ଗୌର । ତାଙ୍କର ଆୟୁ ଅଠବର୍ଷ । ମାତାଙ୍କର ସମସ୍ତ ବସ୍ତ୍ର ଓ ଆଭୂଷଣ ମଧ ଶ୍ୱେତ । ଚତୁର୍ଭୁଜା ମାତା ବୃଷବାହିନୀ । ଡାହାଣ ପଟ ଉପର ହାତରେ ଅଭୟ ମୁଦ୍ରା ଏବଂ ତଳ ହାତରେ ତ୍ରିଶୁଳ । ବାମପଟ ଉପର ହାତରେ ଡମ୍ବରୁ ଏବଂ ତଳ ହାତରେ ବରମୁଦ୍ରା ଶୋଭିତ । ପାର୍ବତୀ ରୂପରେ ମାତା ଶିବଙ୍କୁ ପାଇବାକୁ କଠୋର ତପସ୍ୟା କରି କଳାକାଠ ପଡି ଯାଇଥିବାରୁ ଶିବ ତାଙ୍କୁ ଗଙ୍ଗାଜଳରେ ଧୋଇ ମାଜି ଦେଇଥିଲେ ଫଳରେ ବିଦ୍ୟୁତ ପରି ମାତା ଗୌର ହୋଇଯିବାରୁ ମାତାଙ୍କ ନାମ ହେଲା ମହାଗୌରୀ । ମାତା ସଦ୍ୟଫଳଦାୟିନୀ । ମାତାଙ୍କ ଉପାସନାରେ ସମସ୍ତ ପ୍ରକାର ପାପ ଧୋଇ ଯାଇଥାଏ । ତାଙ୍କର କୃପା ହେଲେ ସାଧକ ଅଲୌକିକ ସିଦ୍ଧି ପ୍ରାପ୍ତି ହୋଇଥାଏ । ମାତା ଦୁର୍ଗାଙ୍କର ନବମ ଶକ୍ତିର ନାମ ହେଉଛି ସିଦ୍ଧିଦାତ୍ରୀ । ଏହି ମାତା ସକଳ ପ୍ରକାର ସିଦ୍ଧି ପ୍ରଦାନ କରିଥାଆନ୍ତି । ଅଣିମା,ମହିମା,ଗରିମା,ଲଘିମା,ପ୍ରାପ୍ତି,ପ୍ରକାମ୍ୟ,ଈଶତ ଏବଂ ବଶିତ୍ୱ ପ୍ରକାର ଭେଦରେ ଆଠ ପ୍ରକାର ସିଦ୍ଧିଦାତ୍ରୀ ମାତାଙ୍କ କୃପାରୁ ଶିବ ଏହିସବୁ ସିଦ୍ଧି ପ୍ରାପ୍ତି ହୋଇଥିଲେ । ତାଙ୍କରି ଅନୁକମ୍ପାରୁ ଶିବଙ୍କ ଅଧା ଶରୀର ଦେବୀ ଶରୀର ପରି ହୋଇଥିବାରୁ ତାଙ୍କୁ ଅର୍ଦ୍ଧନାରୀଶ୍ୱର ମଧ କୁହାଯାଏ । ମାତା ଚତୁର୍ଭୁଜା,ସିଂହବାହିନୀ ଏବଂ ପଦ୍ମାସନୀ । ଡାହାଣ ପଟ ଉପର ହାତରେ ଗଦା,ତଳ ହାତରେ ଚକ୍ର ଏବଂ ବାମପଟ ଉପର ହାତରେ ପଦ୍ମ ତଥା ତଳ ହାତରେ ଶଙ୍ଖ ଶୋଭା ପାଉଥାଏ । ନବମ ଦିବସରେ ମାତାଙ୍କ ଏହି ସ୍ୱରୂପକୁ ଧ୍ୟାନ କଲେ ସାଧକର ସକଳ ମନବାଞ୍ଛା ପୂର୍ଣ୍ଣ ହୋଇଥାଏ । ନବଦୁର୍ଗାଙ୍କ ମଧ୍ୟରେ ସିଦ୍ଧିଦାତ୍ରୀ ହେଉଛନ୍ତି ଶେଷଦୁର୍ଗା । ମା'ଙ୍କର କୃପା ପାତ୍ର ଭକ୍ତ ଭିତରେ ଏପରି କିଛି କାମନା ରହେ ନାହିଁ ଯାହାକୁ କି ସେ ପୂର୍ଣ୍ଣ କରିବାକୁ ଚାହାଁନ୍ତି । ସେ ସକଳ ସଂସାରିକ ଇଚ୍ଛା,ଆବଶ୍ୟକତା ଉପରକୁ ଉଠିଯାଇ ମାନସିକ ରୂପରେ ମାତା ଭଗବତୀଙ୍କର ଦିବ୍ୟଲୋକରେ ବିଚରଣ କରନ୍ତି ଏବଂ ମାଆଙ୍କର କୃପା-ରସାମୃତ ପାନକରି ବିଷୟ-ଭୋଗ ଶୂନ୍ୟ ହୋଇଯାଆନ୍ତି । ତାଙ୍କ ପାଇଁ ସଂସାରର କୌଣସି ବସ୍ତୁର ଆବଶ୍ୟକତା ରହେ ନାହିଁ। ମାତାଙ୍କର ଚରଣର ଏହି ସାନ୍ନିଧ୍ୟ ପ୍ରାପ୍ତି ନିମନ୍ତେ ଆମକୁ ନିୟମନିଷ୍ଠ ହୋଇ ନିରନ୍ତର ତାଙ୍କର ଉପାସନା କରିବାକୁ ପଡିବ । ମାତା ଭଗବତୀଙ୍କ ସ୍ମରଣ,ଧ୍ୟାନ ଓ ପୂଜନ ଆମକୁ ଏହି ସଂସାରର ଅସାରତା ବୋଧ କରାଇ ବାସ୍ତବିକ ପରମ ଶାନ୍ତିଦାୟକ ଅମୃତ ପଦ ଆଡକୁ ନେଇ ଯାଇପାରିବ ।

*॥ ହରିଃ ଓଁ ତତ୍‌ସତ ॥*

*ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ*
*ମୋ.୯୮୫୩୯୪୮୪୫୮*

## ସାଧାରଣ ପର୍ଯ୍ୟବେକ୍ଷକ ପି. ରାଜେନ୍ଦ୍ର ଚୋଲନ୍‌ଙ୍କ ୧୦୨-ତିର୍ତ୍ତୋଲ(ସଂ) ବିଧାନସଭା ଉପ-ନିର୍ବାଚନ ମଣ୍ଡଳୀରେ ବୁଥ୍ ପରିଦର୍ଶନ

ଜଗତସିଂହପୁର,୨୩।୧୦ (ନି.ପ୍ର): ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ୧୦୨-ତିର୍ତ୍ତୋଲ(ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପ-ନିର୍ବାଚନର ସୁପରିଚାଳନା ଓ ତଦାରଖ ନିମନ୍ତେ ନିଯୁକ୍ତି ପାଇଥିବା ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ପି. ରାଜେନ୍ଦ୍ର ଚୋଲନ୍, ଭା.ପ୍ର.ସେ ଗତ ଅକ୍ଟୋବର ୨୧ ତାରିଖରେ ରଘୁନାଥପୁର ବ୍ଲକ୍‌ର ରଘୁନାଥପୁର, ଗୋପାଳପୁର, ମଧୁସୂଦନପୁର, ୨୨ ତାରିଖରେ ତିର୍ତ୍ତୋଲ ବ୍ଲକ୍‌ର ତିର୍ତ୍ତୋଲ, ଆଖଣ୍ଡଳ, ତରଜଙ୍ଗା, ଗୋବିନ୍ଦପୁର, ସଅଁରା ଏବଂ ୨୩ ତାରିଖରେ ବିରିଡ଼ି ବ୍ଲକ୍‌ର ତେନ୍ତୁଳିଆ, ଉତରଶାସନ, ହାଜିପୁର, ବଡ଼ଖଣ୍ଡେଇତା, ଅଣଖିଆ, ଜୟଶୋଳ ଆଦି ଅଂଚଳରେ ବିଭିନ୍ନ ବୁଥ୍ ପରିଦର୍ଶନ କରି ନ୍ୟୁନତମ ମୌଳିକ ସୁବିଧା ଯଥା - ପାନୀୟ ଜଳର ସୁବିଧା, ଭିନ୍ନକ୍ଷମ ଭୋଟରମାନଙ୍କ ପାଇଁ ର୍‍ୟାମ୍ପସ୍, ବୁଥ୍ ଭିତରେ ଓ ବାହାରେ ବିଦ୍ୟୁତ୍ ସଂଯୋଗ ଓ ଶୌଚାଳୟର ସୁବିଧା ଓ ସଙ୍ଗରୋଧ ଗୃହ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ । ଅକ୍ଟୋବର ୨୫ ତାରିଖ ସୁଦ୍ଧା ବୁଥ୍‌ରେ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ସର୍ବସାଧାରଣ ସ୍ଥାନ, ମନ୍ଦିର ଇତ୍ୟାଦିରେ ନିର୍ବାଚନ ପ୍ରଚାର ନିମନ୍ତେ ପୋଷ୍ଟର, ହୋଡିଂ ଇତ୍ୟାଦି ନ ଲଗାଇବାକୁ ପରାମର୍ଶ ଦେଇଥିଲେ । ଏହାସହିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ହୋଇଥିବା କ୍ରିଷ୍ଣାନନ୍ଦପୁର, ତାରପୁର ବାଇପାସ୍, ଝାରପଡ଼ା ଓ କଇଜଙ୍ଗା ଠାରେ ପୋଲିସ୍ ଚେକ୍‌ପୋଷ୍ଟ ଅନୁଧ୍ୟାନ କରିଥିଲେ । ସାଧାରଣ ପର୍ଯ୍ୟବେକ୍ଷକଙ୍କ ସହ ଅତିରିକ୍ତ ଜିଲ୍ଲାପାଳ-ତଥା-ରିଟର୍ଣ୍ଣିଂ ଅଧିକାରୀ ଶ୍ରୀ ସଚିଦାନନ୍ଦ ସାହୁ, ବାଲିକୁଦା ତହସିଲଦାର ଶ୍ରୀ ସିଦ୍ଧାର୍ଥ ଶଙ୍କର ସାହୁ, ଡେପୁଟି କଲେକ୍ଟର ଶ୍ରୀ ଅଜୟ କୁମାର ମହାନ୍ତି, ବିରିଡ଼ି ତହସିଲଦାର ଶ୍ରୀମତୀ ସାଗରିକା ମଲ୍ଲିକ, ସାଧାରଣ ପର୍ଯ୍ୟବେକ୍ଷକଙ୍କ ଯୋଗସୂତ୍ର ଅଧିକାରୀ ଶ୍ରୀ ଉଦୟନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ୬୦ନଂ ଜାତୀୟ ରାଜପଥର ଚାଲନ୍ତିଠାରେ କାର୍ ଦୁର୍ଘଟଣା : ୩ ଗୁରୁତର

ଜଳେଶ୍ୱର,୨୩।୧୦ (ନି.ପ୍ର): ଆଜି କୋଲକତା ଡାନ୍‌ଲବରୁ ଚାନ୍ଦିପୁର ଯାଉଥିବା ଡବ୍ଲ.ବି ୦୨ଟି-୭୩୯୭ ଏକ ମାରୁତି ସୁଜକି କାର୍ ୬୦ନଂ ଜାତୀୟ ରାଜପଥର ଚାଲନ୍ତିଠାରେ ଗଲାବେଳେ ଏକ ଗାଈ ରାସ୍ତା ମଝିକୁ ଚାଲି ଆସିବାରୁ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡକୁ ଓଲଟି ପଡିଥିଲା । ଫଳରେ ଏହା ମଧ୍ୟରେ ବସିଥିବା ୩ଜଣ ଗୁରୁତର ହୋଇ ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲରେ ଚିକିତ୍ସାଧିନ ରହିଛନ୍ତି । ସେମାନଙ୍କ ମଧ୍ୟରେ ଦେବବ୍ରତ ଘୋଷ(୫୬), ସର୍ମିଷ୍ଠା ଘୋଷ (୪୨) ଓ ବର୍ଣ୍ଣାଳି ସିଂ ରାୟ (୪୮) ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଗଲାପରେ ଅଧିକ ପରୀକ୍ଷା ନିରିକ୍ଷା ଲାଗି କୋଲକତା ଫେରି ଯାଇଛନ୍ତି । ପୁଲିସ୍ ଏଏସ୍‌ଆଇ ରାଜକିଶୋର ପାତ୍ର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରୁଥିବା ଜଣାଯାଇଛି । ସୂଚନାଯୋଗ୍ୟ ସୁବର୍ଣ୍ଣରେଖା ପୋଲ ପୂର୍ବରୁ ଚାଲନ୍ତିଠାରେ ବାରମ୍ବାର ଦୁର୍ଘଟଣା ଘଟିଆସୁଥିବାରୁ ଉକ୍ତ ସ୍ଥାନକୁ ଏକ୍ସିଡେଣ୍ଟ ଜୋନ୍ ଘୋଷଣା କରାଯିବାକୁ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ସରକାର କଲେନି ରାସ୍ତା ନିର୍ମାଣ : ଗ୍ରାମବାସୀଙ୍କ ସମ୍ମିଳିତ ଉଦ୍ୟମରେ ହେଲା ନିର୍ମାଣ

ଜଳେଶ୍ୱର,୨୩।୧୦ (ନି.ପ୍ର): ଜଳେଶ୍ୱର ବ୍ଲକର ବିଚ୍ଛିନ୍ନାଞ୍ଚଳଭାବେ ପରିଚିତ ତଥା ଆଦିବାସୀ ଅଧୁ ୟସୀତ ଶ୍ୟାମନଗର ପଂଚାୟତର ରଘୁନାଥପୁର-ଗରୁଡବସା ରାସ୍ତାଟି ଦୁର୍ଗମା ରାସ୍ତାଭାବେ ପରିଚିତ ଥିଲା । ଏ ସଂପର୍କରେ ଗଣମାଧ୍ୟମ ଗୁଡିକରେ ବାରମ୍ବାର ସମ୍ବାଦ ପ୍ରକାଶ ପାଇ ଆସୁଥିଲେ ମଧ୍ୟ ବ୍ଲକ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଏଥିନେଇ ବିଭିନ୍ନ ସମୟରେ ପ୍ରଶାସନ ଓ ଲୋକ ପ୍ରତିନିଧି ମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ନିର୍ମାଣ ହୋଇନଥିଲା । ଶେଷରେ ରଘୁ ନାଥପୁର-ଗରୁଡବସାର ଗ୍ରାମବାସୀ ନିଜେ ଶ୍ରମ ଦାନ କରି ରାସ୍ତାଟିର ମରାମତି କରିଛନ୍ତି । ପାହାଡିଆ ଅଂଚଳର ହୋଇଥିବାରୁ ମୋରମ ଆଣି ରାସ୍ତାରେ ବିଛାଇ ଏକ ନିଆରା ଢଙ୍ଗରେ ଗ୍ରାମବାସୀମାନେ ରାସ୍ତାନିର୍ମାଣ କରିଛନ୍ତି । ଏଥିରେ ଦୁଲା ମୁର୍ମୁ, ସାମଲ ମୁର୍ମୁ, ମିଠୁନ ହେମ୍ବ୍ରମ, ଜୟରାମ ହେମ୍ବ୍ରମ, ସାଇନା ହେମ୍ବ୍ରମ, କାରାନ ହେମ୍ବ୍ରମ ପ୍ରମୁଖ ବ୍ୟକ୍ତିମାନେ ରାସ୍ତା ନିର୍ମାଣ କରିଥିବା ବେଳେ ସେ ଅଂଚଳରେ ବେସରକାରୀ ଅନୁଷ୍ଠାନ ଇଣ୍ଡିଆନ୍ ବାଇବାର୍ଥ ନାମକ ଏକ ସଂସ୍ଥା ସେମାନଙ୍କୁ ସହାୟତାର ହାତ ବଢାଇଛି ।

## ଚାଷୀଭାଇମାନେ ଧ୍ୟାନ ଦିଅନ୍ତୁ

୧) ନିଜ ଜମିରେ ଫସଲ କରିବା ପୂର୍ବରୁ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ ।

୨) ମାଟିର ସ୍ୱାସ୍ଥ୍ୟ ପାଇଁ ଧାନ ଫସଲ ପରେ ଡାଲି ଜାତୀୟ ଫସଲ କରନ୍ତୁ ।

୩) ଧାନ ପାଚିବା ଅବସ୍ଥାରେ ଥିଲେ ୨% ଲବଣଜଳ ସିଂଚନ କରନ୍ତୁ ।

୪) ବର୍ଷା ହେତୁ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ ପନିପରିବା ତଳିରେ ମୂଳପଚା ରୋଗ ଲାଗିବାର ସମ୍ଭାବନା ଥିବାରୁ ଏହାର ନିରାକରଣ ପାଇଁ ପ୍ରତିଲିଟର ପାଣିରେ ୨.୫ ଗ୍ରାମ୍ କପରଅକ୍ସି କ୍ଲୋରାଇଡ୍ ମିଶାଇ ମାଟି ଓ ତଳି ଗଛର ମୂଳରେ ସିଂଚନ କରନ୍ତୁ ।

୫) କୃଷି ବିଭାଗ ଆନୁକୂଲ୍ୟରେ ଚାଷିଭାଇମାନଙ୍କୁ ବିଭିନ୍ନ ଯୋଜନା ମାଧମରେ କିପରି ସେମାନେ ଲାଭବାନ ହୋଇପାରିବେ ଏ ବିଷୟରେ ନିକଟସ୍ଥ ଗୋଷ୍ଠି କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

୬) ଭାଗଚାଷୀମାନଙ୍କୁ ସହଜ ଓ ସୁବିଧାରେ ଋଣ ଯୋଗାଇ ଦେବା ନିମନ୍ତେ ନାବାର୍ଡ (NABARD) ବ୍ୟାଙ୍କ ସହାୟତାରେ 'ବଳରାମ' ନାମକ ଏକ ଯୋଜନା ପ୍ରସ୍ତୁତ କରାଯାଇଛି- ଏ ବିଷୟରେ ଅଧିକ ଜାଣିବା ପାଇଁ ଗୋଷ୍ଠୀ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

୭) ରବି ଋତୁରେ ବାଲେଶ୍ୱର ଜିଲ୍ଲାରେ ମୁଗ, ବାଦାମ, ସୋରିଷ ଓ ସୂର୍ଯ୍ୟମୁଖୀ ଫସଲ ଏକ ଚକିଆ ପ୍ରଦର୍ଶନୀ କ୍ଷେତ୍ର କରାଯିବାର ଯୋଜନା କରାଯାଇଛି, ଏ ବିଷୟରେ ଅଧିକ ଜାଣିବା ପାଇଁ ନିକଟସ୍ଥ ଗୋଷ୍ଠୀ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

୮) କୋଭିଡ୍-୧୯ ନିର୍ଦ୍ଦେଶାବଳୀ ମାନି ବିଭିନ୍ନ କୃଷି କାର୍ଯ୍ୟ ଓ ବିକ୍ରି ବଟା କରିବା ସମୟରେ ଅନୁମୋଦିତ ସତର୍କତା ଯଥା ହାତ ଧୋଇବା, ମୁହଁରେ ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତା ରକ୍ଷା କରନ୍ତୁ ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ**
**ବାଲେଶ୍ୱର**

## କୋଭିଡ଼ ଯୋଦ୍ଧା ଜୁନିଅର ଏମ୍‌ଭିଆଇଙ୍କ ସ୍ମୃତିଚାରଣ ସଭା

ଭଦ୍ରକ,୨୩।୧୦ (ନି.ପ୍ର): ଭଦ୍ରକ ଆ ଳିକ ପରିବହନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା କନିଷ୍ଠ ମୋଟରଯାନ ନୀରିକ୍ଷକ ବା ଜୁନିଅର ଏମ୍‌ଭିଆଇ ବିପ୍ର ଚରଣ ଚୌଧୁରୀଙ୍କ କରୋନା ଜନିତ ମୃତ୍ୟୁ କାରଣରୁ ତାଙ୍କ ଏକାଦଶାହ ଅବସରରେ ଏକ ନିରାଡମ୍ବର ସ୍ମୃତିସଭା ଭଦ୍ରକ ଆ ଳକ ପରିବହନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସ୍ୱର୍ଗତ ଚୌଧୁରୀ ଜଣେ କ ର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ତାଙ୍କ କାର୍ଯ୍ୟ ନିର୍ବାହ କରୁଥିଲେ। ଲକ୍‌ଡାଉନ ସଟ୍‌ଡାଉନ ମୟରେ ପ୍ରବାସୀ ଓଡ଼ିଆଙ୍କୁ ନିଜ ନିଜ ଘରକୁ ପଠାଇବା ବେଳେ ତାଙ୍କର ଦାୟିତ୍ୱବୋଧ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଥିଲା। ବିଶେଷ କରି କରୋନା ସମୟରେ ଆମ୍ବୁଲାନ୍‌ସ ସୁପରିଚାଳନା, ସଡକ ସୁରକ୍ଷା କାର୍ଯ୍ୟ ସେ ସୁଚାରୁ ଭାବେ ତୁଲାଉଥିଲେ। ସେ କରୋନା ଆକ୍ରାନ୍ତ ହେବା ପରେ ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ ଭୁବନେଶ୍ୱରର ସମ୍ ହସ୍‌ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କର ପରଲୋକ ହୋଇ ଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାରେ କମୁଛି ...

ରାୟଗଡା ଜିଲ୍ଲାରେ ୧୪, ସମ୍ବଲପୁର ଜିଲ୍ଲାରେ ୪୦ ,ସୋନପୁର ଜିଲ୍ଲାରେ ୮ ତଥା ସୁନ୍ଦରଗଡ ଜିଲ୍ଲାରେ ୯୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟ ପୁଲରେ ୪୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୨୨୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଅନୁଗୁଳ, ଗଜପତି ଓ ଖୋର୍ଦ୍ଧା ଜିଲ୍ଲାର ୩-୩ ଜଣ, ମୟୁରଭଂଜ ଓ ଯାଜପୁର ଜିଲ୍ଲାର ୨-୨ ଜଣ ଅଛନ୍ତି। ସେହିପରି ଭଦ୍ରକ, ଢେଙ୍କାନାଳ. ମାଲକାନଗିରି, ନବରଙ୍ଗପୁର ଓ ପୁରୀ ଜିଲ୍ଲାର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାର ୭୬ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। ଅନୁଗୁଳ ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ଅନୁଗୁଳ ଜିଲ୍ଲାର ଜଣେ ୬୨ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି। ଭଦ୍ରକ ଜିଲ୍ଲାର ଜଣେ ୬୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହରେ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହରେ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲ୍ଲାର ଜଣେ ୬୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲାରେ ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲାର ଜଣେ ୫୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଯାଜପୁର ଜିଲ୍ଲାର ଜଣେ ୨୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଯାଜପୁର ଜିଲ୍ଲାର ଜଣେ ୨୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ଯାଜପୁର ଜିଲ୍ଲାର ଜଣେ ୬୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ଖୋର୍ଦ୍ଧା ଜିଲ୍ଲାର ଜଣେ ୨୫ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ମୟୁରଭଂଜ ଜିଲ୍ଲାର ଜଣେ ୫୧ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୟୁରଭଂଜ ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ନବରଂଗପୁର ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାର ଜଣେ ୬୪ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହରେ ପୀଡିତ ଥିଲେ।

### ଲୋକଙ୍କୁ ସ୍ୱାସ୍ଥ୍ୟସେବା...

ଦେଇ ଗତି କରୁଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି କାରଣରୁ କୋଭିଡ୍-୧୯ ମୁକାବିଲା ଓ ପରିଚାଳନାରେ ଭାରତ ବିଶ୍ୱରେ ଏକ ଉଦାହରଣ ତିଆରି କରିପାରିଛି । ଅନ୍ୟପକ୍ଷରେ ଜଗତସିଂପୁର ଜିଲ୍ଲା ତିର୍ତ୍ତୋଲ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଅବସ୍ଥା କଣ କରିଛି ? । ମୋଦି ସରକାର ଗରିବ ଲୋକଙ୍କ ପାଇଁ ଆୟୁଷ୍ମାନ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧାର ବ୍ୟବସ୍ଥା କରିଛନ୍ତି । ମାତ୍ର ରାଜ୍ୟରେ ଏପର୍ଯ୍ୟନ୍ତ ଆୟୁଷ୍ମାନ ଯୋଜନା ଲାଗୁ ହେଲା ନାହିଁ । ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରାଗଲେ ରାଜ୍ୟର ଲକ୍ଷାଧିକ ଗରିବ ଲୋକମାନେ ଲାଭ ପାଇପାରିବେ । ସେହିପରି କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାରେ ଲୋକଙ୍କୁ ବ୍ୟକ୍ତି ପିଛା ୫ କେଜି ଚାଉଳ ଏବଂ ପରିବାର ପିଛା ୧ କେଜି ଡ଼ାଲି ଦେବାର ବ୍ୟବସ୍ଥା କରାଗଲା । ମାତ୍ର ରାଜ୍ୟ ସରକାର ଏଠାରେ ସଠିକ୍ ଭାବରେ ବାଂଟିପାରିଲେ ନାହିଁ । ଅପରପକ୍ଷରେ ବାହାରେ କାମ କରୁଥିବା ପ୍ରାୟ ୩୦ ଲକ୍ଷ ଲୋକଙ୍କୁ ରାଜ୍ୟକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଟ୍ରେନର ଉପଲବ୍ଧ କରାଇଛନ୍ତି । ସେମାନଙ୍କୁ ରୋଜଗାର ଦେବା ପାଇଁ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଆରମ୍ଭ କରାଯାଇଛି । କିନ୍ତୁ ଦୀର୍ଘ ବର୍ଷ ଦାୟିତ୍ୱରେ ରହିବା ପରେ ବି ଏଠାକାର ସରକାର ପ୍ରବାସୀଙ୍କୁ ରୋଜଗାର ଦେଇପାରିଲେ ନାହିଁ । ରାଜ୍ୟ ସରକାର ବିଜେପୁର ଉପନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତିରୁ ଗୋଟିଏ ପ୍ରତିଶ୍ରୁତି ମଧ ଏଯାଏଁ ପୂରଣ କଲେ ନାହିଁ । ଅନ୍ୟପକ୍ଷରେ ମୋଦି ସରକାର ଓଡ଼ିଶାକୁ ମୁକ୍ତ ହସ୍ତରେ ସହାୟତା କରିବା ପାଇଁ ପ୍ରସ୍ତୁତ । ଓଡ଼ିଶାକୁ ବିକାଶର ପ୍ରୟୋଗଶାଳା କରିବା ପାଇଁ କଟିବଦ୍ଧ ଥିବା ମୋଦି ସରକାରଙ୍କ ହାତମୁଠାକୁ ଅଧିକ ଟାଣ କରିବା ପାଇଁ ଶ୍ରୀ ପ୍ରଧାନ ଦଳୀୟ ପ୍ରାର୍ଥୀ ରାଜକିଶୋର ବେହେରାଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ତିର୍ତ୍ତୋଲବାସୀ ଭୋଟ ଦେଇ ଓଡିଶା ରାଜନୀତିକୁ ନୂଆ ଦିଗଦର୍ଶନ ଦେବେ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ୨୦ ବର୍ଷ ଧରି ରାଜ୍ୟରେ ବିକାଶର ପ୍ରଚାର କରାଯାଉଛି ମାତ୍ର ବିକାଶ ହୋଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ଜଗତସିଂହପୁରରେ ମହାବାତ୍ୟା ସମୟରେ ସ୍ୱର୍ଗତ ଅଟଳବିହାରୀ ବାଜପେୟୀ ଅର୍ଥର ଅଭାବ ରଖିନଥିଲେ ଏବଂ ଇନ୍ଦିରା ଆବାସ ଯୋଜନାରେ ୨୨ ଲକ୍ଷ ଘର ଦେଇଥିଲେ ।

### ଉପ ନିର୍ବାଚନ କାର୍ଯ୍ୟରେ...

ଲିମିଟେଡର ଇଂଜିନିୟର ମାନେ କୋବିଡ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ ସେମାନଙ୍କ ପରିବାରକୁ ମଧ୍ୟ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରା ଯିବ । ଏହା ଛଡା ଉପରୋକ୍ତ କର୍ମଚାରୀ ମାନେ ଉପ ନିର୍ବାଚନ କାମରେ ନିୟୋଜିତ ଥାଇ ଯଦି ହିଂସାତ୍ମକ ଗଣ୍ଡଗୋଳ, ଉଗ୍ରପନ୍ଥୀ ଆକ୍ରମଣ, ବୋମା ବିସ୍ଫୋରଣ ଓ ରୋଡ ମାଇନ୍ସ ଦ୍ୱାରା ମୃତ୍ୟୁବରଣ କରନ୍ତି ତେବେ ମଧ୍ୟ ସେମାନଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସାହାଯ୍ୟ ପ୍ରଦାନ କରା ଯିବ ବୋଲି କମିଶନ ତାଙ୍କ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରିଛନ୍ତି ।

### ଯୋଗାଣ ମନ୍ତ୍ରୀଙ୍କ ବିବେକହୀନ....

ବୋଲି କହିବା କେତେଦୂର ଯଥାର୍ଥ ବୋଲି ସେ ପ୍ରଶ୍ନ କରିଛନ୍ତି। ପିତୃତୁଲ୍ୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଧାନ ସଭାରେ ତାଙ୍କ ବାପାଙ୍କ ସଙ୍ଗେରେ ବହୁବାର କଥା ହୋଇଛନ୍ତି ଓ ମିଶିଛନ୍ତି ମଧ୍ୟ। ଏହା ପରେ ବି ତାଙ୍କର ଏଭଳି ମନ୍ତବ୍ୟ ମୋତେ ଅତ୍ୟନ୍ତ ଦୁଃଖ ଦେଉଛି ବୋଲି ମାନସ କାନ୍ଦି କାନ୍ଦି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ କି 'ମୋ ସ୍ୱର୍ଗବାସୀ ବାପାଙ୍କୁ ସମ୍ମାନ ନ ଦିଅନ୍ତୁ ଦୁଃଖ ନାହିଁ, ମାତ୍ର ତାଙ୍କୁ ନେଇ ଏଭଳି କଟୁ ମନ୍ତବ୍ୟ କିମ୍ବା ଅପମାନ ନ ଦିଆଯାଉ'। ସ୍ୱଚ୍ଛ ଓ ନିର୍ମଳ ଭାମୂର୍ତ୍ତିର ପ୍ରତୀକ ଭାବେ ମୁଖ୍ୟମନ୍ତ୍ରୀ ଆପାତତଃ ଏ ଦିଗରେ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି। ମୋର ରାଜନୀତିକୁ ଆସିବା ଯଦି ବିଜେଡି ଦଳ ପାଇଁ ଅସହିଷ୍ଣୁତା ସୃଷ୍ଟି କରୁଛି ତାହାଲେ ମୁଁ ରାଜନୀତିକୁ ଛାଡ଼ିଦେବାକୁ ପ୍ରସ୍ତୁତ ଅଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସେ କାନ୍ଦି କାନ୍ଦି କହିଥିଲେ। ତେବେ ସେଠାରେ ଉପସ୍ଥିତ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖ ତାଙ୍କୁ ସାନ୍ତ୍ୱନା ଦେବା ସହ ସେଇ ଭଗବାନ ବାଲେଶ୍ୱରର ଜନସାଧାରଣଙ୍କ ଜରିଆରେ ଏହାର ଉଚିତ ବିଚାର କରିବେ ବୋଲି କହିଥିଲେ।


ପାର୍ବଣ ଋତୁ
ସ୍ୱତନ୍ତ୍ର ଟ୍ରେନ୍



**ଭୁବନେଶ୍ୱର - ଚେନ୍ନାଇ ସେଣ୍ଟ୍ରାଲ - ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02839 ଭୁବନେଶ୍ୱର ଠାରୁ ତା.22.10.20 ରୁ 26.11.20ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର
ଟ୍ରେନ୍ ନଂ. 02840 ଚେନ୍ନାଇ ସେଣ୍ଟ୍ରାଲ ଠାରୁ ତା.23.10.20 ରୁ 27.11.20ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର

**ହାଓଡ଼ା - ଯଶବନ୍ତପୁର - ହାଓଡ଼ା ସାପ୍ତାହିକ ଏସି ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02863 ହାଓଡ଼ା ଠାରୁ ତା.19.10.20 ପ୍ରତି ସୋମବାର
ଟ୍ରେନ୍ ନଂ. 02864 ଯଶବନ୍ତପୁର ଠାରୁ ତା.21.10.20 ପ୍ରତି ବୁଧବାର

**ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନସ୍ - ଭୁବନେଶ୍ୱର ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02819 ଭୁବନେଶ୍ୱର ଠାରୁ ତା.21.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର ଏବଂ ରବିବାର
ଟ୍ରେନ୍ ନଂ. 02820 ଆନନ୍ଦ ବିହାର ଟର୍ମିନସ୍ ଠାରୁ ତା.23.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ର ଏବଂ ମଙ୍ଗଳବାର

**ଭୁବନେଶ୍ୱର - ବାଙ୍ଗାଲୋର କ୍ୟାଣ୍ଟ - ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02845 ଭୁବନେଶ୍ୱର ଠାରୁ ତା.25.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ରବିବାର
ଟ୍ରେନ୍ ନଂ. 02846 ବାଙ୍ଗାଲୋର କ୍ୟାଣ୍ଟ ଠାରୁ ତା.27.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର

**ଭୁବନେଶ୍ୱର - ତିରୁପତି - ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08479 ଭୁବନେଶ୍ୱର ଠାରୁ ତା.24.10.20 ରୁ 28.11.20ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର
ଟ୍ରେନ୍ ନଂ. 08480 ତିରୁପତି ଠାରୁ ତା.25.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ରବିବାର

**ଭୁବନେଶ୍ୱର - ଲୋକମାନ୍ୟ ତିଲକ ଟର୍ମିନସ୍ - ଭୁବନେଶ୍ୱର ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02880 ଭୁବନେଶ୍ୱର ଠାରୁ ତା.22.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତି ସୋମ ଏବଂ ଗୁରୁବାର
ଟ୍ରେନ୍ ନଂ. 02879 ଲୋକମାନ୍ୟ ତିଳକ ଟର୍ମିନସ୍ ଠାରୁ ତା.24.10.20 ରୁ 02.12.20ରିଖ ପର୍ଯ୍ୟନ୍ତ ପ୍ରତି ବୁଧ ଏବଂ ଶନିବାର

**ସମ୍ବଲପୁର - ମଣ୍ଡୁଆଡ଼ିହ - ସମ୍ବଲପୁର ଦ୍ୱି-ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08311 ସମ୍ବଲପୁର ଠାରୁ ତା.21.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ବୁଧ ଏବଂ ରବିବାର
ଟ୍ରେନ୍ ନଂ. 08311 ମଣ୍ଡୁଆଡ଼ିହ ଠାରୁ ତା.22.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁ ଏବଂ ସୋମବାର

**ଭୁବନେଶ୍ୱର - ବାଙ୍ଗିରିପୋଷି - ଭୁବନେଶ୍ୱର ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02892 ଭୁବନେଶ୍ୱର ଠାରୁ ତା.20.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତିଦିନ
ଟ୍ରେନ୍ ନଂ. 02891 ବାଙ୍ଗିରିପୋଷି ଠାରୁ ତା.21.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତିଦିନ

**ଭୁବନେଶ୍ୱର - ପୁଡୁଚେରି - ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02898 ଭୁବନେଶ୍ୱର ଠାରୁ ତା.20.10.20 ରୁ 24.11.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ. 02897 ପୁଡୁଚେରି ଠାରୁ ତା.21.10.20 ରୁ 25.11.20ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

**ସମ୍ବଲପୁର - ପୁରୀ - ସମ୍ବଲପୁର ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08303 ସମ୍ବଲପୁର ଠାରୁ ତା.20.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତିଦିନ
ଟ୍ରେନ୍ ନଂ. 08304 ପୁରୀ ଠାରୁ ତା.20.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତଦିନ

**ସମ୍ବଲପୁର - ହାଓଡ଼ା - ସମ୍ବଲପୁର ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08306 ସମ୍ବଲପୁର ଠାରୁ ତା.23.10.20 ରୁ 27.11.20ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ. 08305 ହାଓଡ଼ା ଠାରୁ ତା.24.10.20 ରୁ 28.11.20ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର

**ଭୁବନେଶ୍ୱର - ରାମେଶ୍ୱରମ - ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08496 ଭୁବନେଶ୍ୱର ଠାରୁ ତା.23.10.20 ରୁ 27.11.20ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ. 08495 ରାମେଶ୍ୱରମ ଠାରୁ ତା.25.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ରବିବାର

**ପୁରୀ - ଲୋକମାନ୍ୟ ତିଲକ ଟର୍ମିନସ୍ - ପୁରୀ ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02866 ପୁରୀ ଠାରୁ ତା.20.10.20 ରୁ 24.11.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ. 02865 ଲୋକମାନ୍ୟ ତିଲକ ଟର୍ମିନସ୍ ଠାରୁ ତା.22.10.20 ରୁ 26.11.20ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର

**ପୁରୀ - ପାଟନା - ପୁରୀ ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08449 ପୁରୀ ଠାରୁ ତା.26.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର
ଟ୍ରେନ୍ ନଂ. 08450 ପାଟନା ଠାରୁ ତା.28.10.20 ରୁ 02.12.20ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

**ପୁରୀ - ହାଓଡ଼ା - ପୁରୀ ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02896 ପୁରୀ ଠାରୁ ତା.22.10.20 ରୁ 26.11.20ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର
ଟ୍ରେନ୍ ନଂ. 02895 ହାଓଡ଼ା ଠାରୁ ତା.23.10.20 ରୁ 27.11.20ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର

**ପୁରୀ - ଚେନ୍ନାଇ ସେଣ୍ଟ୍ରାଲ - ପୁରୀ ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02859 ପୁରୀ ଠାରୁ ତା.25.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ରବିବାର
ଟ୍ରେନ୍ ନଂ. 02860 ଚେନ୍ନାଇ ସେଣ୍ଟ୍ରାଲ ଠାରୁ ତା.26.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର

**ପୁରୀ - ସୁରଟ - ପୁରୀ ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02827 ପୁରୀ ଠାରୁ ତା.25.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ରବିବାର
ଟ୍ରେନ୍ ନଂ. 02828 ସୁରଟ ଠାରୁ ତା.27.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର

**ପୁରୀ - ଜୟନଗର - ପୁରୀ ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08419 ପୁରୀ ଠାରୁ ତା.22.10.20 ରୁ 26.11.20ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର
ଟ୍ରେନ୍ ନଂ. 08420 ଜୟନଗର ଠାରୁ ତା.24.10.20 ରୁ 28.11.20ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର

**ହାତିଆ - ଯଶବନ୍ତପୁର - ହାତିଆ ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02835 ହାତିଆ ଠାରୁ ତା.20.10.20 ରୁ 24.11.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ. 02836 ଯଶବନ୍ତପୁର ଠାରୁ ତା.23.10.20 ରୁ 27.11.20ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର

**ପୁରୀ - ବଡ଼ବିଲ - ପୁରୀ ତ୍ରି-ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08416 ପୁରୀ ଠାରୁ ତା.21.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତି ସୋମ, ବୁଧ ଏବଂ ଶୁକ୍ରବାର
ଟ୍ରେନ୍ ନଂ. 08415 ବଡ଼ବିଲ ଠାରୁ ତା.22.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳ, ଗୁରୁ ଏବଂ ଶନିବାର

**ପୁରୀ - ପାରାଦୀପ - ପୁରୀ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 08414 ପୁରୀ ଠାରୁ ତା.20.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତିଦିନ
ଟ୍ରେନ୍ ନଂ. 08413 ପାରାଦୀପ ଠାରୁ ତା.20.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତିଦିନ

**ହାଓଡ଼ା - ପୁଡୁଚେରୀ - ହାଓଡ଼ା ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02867 ହାଓଡ଼ା ଠାରୁ ତା.18.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ରବିବାର
ଟ୍ରେନ୍ ନଂ. 02868 ପୁଡୁଚେରୀ ଠାରୁ ତା.21.10.20 ରୁ 02.12.20ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

**ବିଶାଖାପାଟଣା - ଲୋକମାନ୍ୟ ତିଲକ ଟର୍ମିନସ୍ - ବିଶାଖାପାଟଣା ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02857 ବିଶାଖାପାଟଣା ଠାରୁ ତା.25.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ରବିବାର
ଟ୍ରେନ୍ ନଂ. 02858 ଲୋକମାନ୍ୟ ତିଲକ ଟର୍ମିନସ୍ ଠାରୁ ତା.27.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର

**ବିଶାଖାପାଟଣା - ନିଜାମୁଦ୍ଦିନ - ବିଶାଖାପାଟଣା ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02887 ବିଶାଖାପାଟଣା ଠାରୁ ତା.20.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳ, ବୁଧ, ଗୁରୁ, ଶନି ଏବଂ ରବିବାର
ଟ୍ରେନ୍ ନଂ. 02888 ନିଜାମୁଦ୍ଦିନ ଠାରୁ ତା.22.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁ, ଶୁକ୍ର, ଶନି, ସୋମ ଏବଂ ମଙ୍ଗଳବାର

**ଯଶବନ୍ତପୁର - ଭାଗଲପୁର - ଯଶବନ୍ତପୁର ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02253 ଯଶବନ୍ତପୁର ଠାରୁ ତା.24.10.20 ରୁ 28.11.20ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର
ଟ୍ରେନ୍ ନଂ. 02254 ଭାଗଲପୁର ଠାରୁ ତା.28.10.20 ରୁ 02.12.20ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

**କନ୍ୟାକୁମାରୀ - ହାଓଡ଼ା - କନ୍ୟାକୁମାରୀ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02666 କନ୍ୟାକୁମାରୀ ଠାରୁ ତା.24.10.20 ରୁ 28.11.20ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର
ଟ୍ରେନ୍ ନଂ. 02665 ହାଓଡ଼ା ଠାରୁ ତା.26.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର

**ହାଓଡ଼ା - ଏର୍ଣ୍ଣାକୁଲମ୍ ଟାଉନ - ହାଓଡ଼ା ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02877 ହାଓଡ଼ା ଠାରୁ ତା.17.10.20 ରୁ 28.11.20ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର
ଟ୍ରେନ୍ ନଂ. 02878 ଏର୍ଣ୍ଣାକୁଲମ୍ ଟାଉନ ଠାରୁ ତା.20.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର

**ତିରୁବନ୍ତପୁରମ ସେଣ୍ଟ୍ରାଲ - ଶାଲିମାର - ତିରୁବନ୍ତପୁରମ ସେଣ୍ଟ୍ରାଲ ତ୍ରି-ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02641 ତିରୁବନ୍ତପୁରମ ଠାରୁ ତା.22.10.20 ରୁ 26.11.20ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁ ଏବଂ ଶନିବାର
ଟ୍ରେନ୍ ନଂ. 02642 ଶାଲିମାର ଠାରୁ ତା.27.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳ, ରବିବାର

**ଟାଟା ନଗର - ଯଶବନ୍ତପୁର - ଟାଟା ନଗର ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02889 ଟାଟାନଗର ଠାରୁ ତା.23.10.20 ରୁ 27.11.20ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ. 02890 ଯଶବନ୍ତପୁର ଠାରୁ ତା.26.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର

**ଗୌହାଟୀ - ସିକନ୍ଦରାବାଦ - ଗୌହାଟୀ ସାପ୍ତାହିକ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02514 ଗୌହାଟୀ ଠାରୁ ତା.22.10.20 ରୁ 26.11.20ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର
ଟ୍ରେନ୍ ନଂ. 02513 ସିକନ୍ଦରାବାଦ ଠାରୁ ତା.25.10.20 ରୁ 29.11.20ରିଖ ପର୍ଯ୍ୟନ୍ତ ପ୍ରତି ରବିବାର

**ଭୁବନେଶ୍ୱର - ନୂଆଦିଲ୍ଲୀ - ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍‌ର ସଂଶୋଧିତ ସମୟ ସାରଣୀ**
ଟ୍ରେନ୍ ନଂ. 02823 ଭୁବନେଶ୍ୱର ଠାରୁ ତା.19.10.20ରିଖ - ୦୯୩୦ ଘଟିକାରେ ଛାଡ଼ିବ
ଟ୍ରେନ୍ ନଂ. 02824 ନୂଆଦିଲ୍ଲୀ ଠାରୁ ତା.20.10.20ରିଖ - ୧୭୦୫ ଘଟିକାରେ ଛାଡ଼ିବ

**ହାଓଡ଼ା - ପୁରୀ - ହାଓଡ଼ା ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02837 ହାଓଡ଼ା ଠାରୁ ତା.16.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତିଦିନ
ଟ୍ରେନ୍ ନଂ. 02838 ପୁରୀ ଠାରୁ ତା.17.10.20 ରୁ 01.12.20ରିଖ ପର୍ଯ୍ୟନ୍ତ ପ୍ରତିଦିନ

**ହାଓଡ଼ା - ଯଶବନ୍ତପୁର - ହାଓଡ଼ା ସ୍ୱତନ୍ତ୍ର**
ଟ୍ରେନ୍ ନଂ. 02873 ହାଓଡ଼ା ଠାରୁ ତା.22.10.20 ରୁ 30.11.20ରିଖ ପର୍ଯ୍ୟନ୍ତ ପ୍ରତିଦିନ
ଟ୍ରେନ୍ ନଂ. 02874 ଯଶବନ୍ତପୁର ଠାରୁ ତା.24.10.20 ରୁ 02.12.20ରିଖ ପର୍ଯ୍ୟନ୍ତ ପ୍ରତଦିନ

ଆପଣଙ୍କ ଯାତ୍ରା ସମୟରେ ସହାୟତା, ଅନୁସନ୍ଧାନ ଓ ଅଭିଯୋଗର ପ୍ରତିକାର ନିମନ୍ତେ
ଏକୀଭୂତ ହେଲ୍ପଲାଇନ୍ ନମ୍ବର '139' ଡ଼ାଏଲ କରନ୍ତୁ

ସମସ୍ତ ଟ୍ରେନ୍ ସଂରକ୍ଷିତ ସ୍ଥାନ ସହିତ ଚଳାଚଳ କରୁଛି। ସଂରକ୍ଷିତ ଟିକେଟ ନଥିବା ଯାତ୍ରୀଙ୍କୁ ଷ୍ଟେସନ ଓ ଟ୍ରେନ୍ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ।

ପୂର୍ବ ତଟ ରେଳପଥ
www.facebook/@EASTCOASTRailway1
www.twitter/@EastCoastRail

ଦୟାକରି ଟ୍ରେନ୍ ଓ ଷ୍ଟେସନ ମାନଙ୍କରେ କୋଭିଡ୍ ନୀତି ଓ ନିୟମ ପାଳନ କରନ୍ତୁ
ଉପଯୁକ୍ତ ଭାବେ ମାସ୍କ ପିନ୍ଧନ୍ତୁ,
ହାତକୁ ବାରମ୍ବାର ଧୁଅନ୍ତୁ/ସାନିଟାଇଜ୍ କରନ୍ତୁ ଏବଂ
ଛଅ ଫୁଟ ଶାରୀରିକ ଦୂରତ୍ୱ ରକ୍ଷା କରନ୍ତୁ




ସବିଶେଷ ସୂଚନା ନିମନ୍ତେ ଦୟାକରି ଆମର ୱେବ୍‌ସାଇଟ୍ : www.eastcoastrail.indianrailways.gov.in ଅନୁସରଣ କରନ୍ତୁ
PR-316/L/20-21

## ଏନଟିପିସି, ଫୋର୍ବର୍ସ ୱାର୍ଲଡ଼ ସର୍ବୋତମ ନିଯୁକ୍ତିଦାତା-୨୦୨୦ ସୂଚୀରେ ଭାରତୀୟ ସାର୍ବଜନୀକ କ୍ଷେତ୍ରର ଉଦ୍ୟୋଗ ଗୁଡ଼ିକ ମଧରେ ପ୍ରଥମ ସ୍ଥାନ ଅଧିକାର କରିଛି

ଭୁବନେଶ୍ୱର,୨୩।୧୦ (ନି.ପ୍ର): ଦେଶର ସର୍ବ ବୃହତ ବିଦ୍ୟୁତ ଉତ୍ପାଦନପକାରୀ ଏନଟିପିସି ଲିମିଟେଡ଼, ଫୋର୍ବର୍ସ ଦ୍ୱାରା ପ୍ରକାଶିତ ସର୍ବୋତମ ନିଯୁକ୍ତିଦାତା ସୂଚୀରେ, ଭାରତୀୟ ସାର୍ବଜନୀକ କ୍ଷେତ୍ରର ଉଦ୍ୟୋଗ ଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଅଛି । ଏହି ସ୍ୱୀକୃତି ହେଉଅଛି, ଏନଟିପିସି ଦ୍ୱାରା ବିକଶିତ ସର୍ବୋତମ ପ୍ରଦର୍ଶନର ସାକ୍ଷ୍ୟ, ଯାହା ସୁଚିନ୍ତିତ ଭାବରେ ପରିକଳ୍ପିତ ଏବଂ ଦୃଢ଼ ଭାବରେ କାର୍ଯ୍ୟକାରୀ କରାଯାଇଅଛି। ଲକ୍‌ଡାଉନ୍ ପର୍ଯ୍ୟାୟ ଏବଂ ପରବର୍ତୀ ଅନଲକ୍ ଅବଧିରେ, ଏନଟିପିସର ଶିକ୍ଷା ଏବଂ ଉନ୍ନୟନ ରଣନୀତି ବର୍ତମାନ ପରିସ୍ଥିତିର ପ୍ରୟୋଜନୀୟତା ଅଧିକ ବିକଶିତ ଭାବରେ ଅଗ୍ରସର ହେବା ପାଇଁ ନିଜକୁ ଗଢ଼ିଥିଲା । ଏହାର ପ୍ରଶିକ୍ଷଣ ପଦ୍ଧତି ସୁତୀବ୍ର ଡିଜିଟାଇଜେସନ୍ ଏବଂ ଅନଲାଇନ୍ ପ୍ରଶିକ୍ଷଣ ମାଧ୍ୟମରେ ଏନଟିପିସର ହଜାର ହଜାର କର୍ମଚାରୀଙ୍କ ଜୀବନକୁ ସମୃଦ୍ଧ କରିଅଛି, ଯାହାଦ୍ୱାରା ସେମାନେ ଅଗମ୍ୟ ସ୍ଥାନରୁ ମଧ ସେବା ପାଇବାକୁ ସକ୍ଷମ ହୋଇଥିଲେ । ଏହି ମଡ୍ୟୁଲ ଗୁଡ଼ିକ ଏନଟିପିସି ହଜାର ହଜାର କର୍ମଜୀବିଙ୍କୁ ବୃତିଗତ କ୍ଷେତ୍ରର ବାହାରେ ଆଗକୁ ବଢ଼ିବା ଏବଂ ଚିନ୍ତା କରିବାରେ ସହାୟକ ହୋଇଅଛି । ନିଯୁକ୍ତି, ଯୋଗଦାନ, ବିବିଧତା ଓ ଅନ୍ତର୍ଭୁକ୍ତ, ପୁରସ୍କାର ଓ ସ୍ୱୀକୃତି ଏବଂ କାର୍ଯ୍ୟଦକ୍ଷତା ପରିଚାଳନା କ୍ଷେତ୍ରରେ ଏନଟିପିସି ସଫଳତାର ସହିତ ଅଭିନବ ଏବଂ କର୍ମଚାରୀ କେନ୍ଦ୍ରିକ ପ୍ରଥାର ଆରମ୍ଭ କରିଅଛି । ନିକଟ ଅତୀତରେ, ଏନଟିପିସି ଅଫିସ କାର୍ଯ୍ୟ ବ୍ୟତିରେକ ସାଫଲ୍ୟ ଗଳ୍ପ ଉଚ୍ଚାକାଂକ୍ଷା, ଅଭିବୃଦ୍ଧି, ସଫଳତା ବାହାରେ କାର୍ଯ୍ୟ ବ୍ୟତୀତ ସଫଳତାର କାହାଣୀ ଉପରେ ଏକ ଏନଟିପିସି ଶୃଙ୍ଖଳା ଆରମ୍ଭ କରିଅଛି, ଯାହାକି ସେମାନଙ୍କର ଦୈନନ୍ଦିନ ଅଫିସିଆଲ୍ କାର୍ଯ୍ୟ ବାହାରେ ସେମାନଙ୍କର ଉପଲବ୍ଧି ଉପରେ ପର୍ଯ୍ୟବେଶିତ ଏକ ଶୃଙ୍ଖଳା ଅଟେ ।

### ଭଦ୍ରକରେ ନୂଆ ୬୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୨୩।୧୦ (ନି.ପ୍ର): ଆଜି ଜିଲ୍ଲାରୁ ଆଉ ୬୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆଜି ସୁଦ୍ଧା ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୬୫୩୦ । ସେହିପରି ମୋଟ ସୁସ୍ଥ ହୋଇଛନ୍ତି ୬୦୩୨ଜଣ । ମୋଟ ୧ ଲକ୍ଷ ୧୩ହଜାର ୩୪ଜଣଙ୍କ ନମୁନା ପରୀକ୍ଷା ପରେ ଜିଲ୍ଲାରୁ ଏହି ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏବେ ଜିଲ୍ଲାରେ ସକ୍ରିୟ ଆକ୍ରାନ୍ତ ୪୮୨ଜଣ ରହିଛନ୍ତି । ଚିହ୍ନଟ ୬୮ଜଣଙ୍କ ମଧ୍ୟରେ ବାସୁଦେବପୁର ବ୍ଲକର ୩ଜଣ, ବାସୁଦେବପୁର ପୌରପାଳିକାର ଜଣେ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୩ଜଣ, ବନ୍ତ ବ୍ଲକର ୨୩ଜଣ, ଚାନ୍ଦବାଲି ବ୍ଲକର ୯ଜଣ, ଚାନ୍ଦବାଲି ଏନ୍‌ଏସିର ୫ଜଣ, ଧାମନଗର ବ୍ଲକର ୨ଜଣ, ତିହିଡି ବ୍ଲକର ୧୮ଜଣ ଚିହ୍ନଟ ହୋଇଛନ୍ତି ।

# ବିଜେପିର ମିଶ୍ରଣ ପର୍ବ



ବାଲେଶ୍ୱର,୨୩।୧୦ (ନି.ପ୍ର): ଆସନ୍ତା ନଭେମ୍ବର ୩ ତାରିଖରେ ହେବାକୁ ବାଲେଶ୍ୱର ସଦର ଉପ-ନିର୍ବାଚନ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଜୋରଦାର ଚାଲିଥିବା ବେଳେ ଅନୁରୂପ ଭାବେ ଛାମୁଆ କର୍ମୀ ଓ ନେତାଙ୍କ ଦଳ ଡିଆଁ ଏବେ ବି ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଅନ୍ୟଦଳରୁ ଆସୁଥିବା ନବାଗତ କର୍ମୀଙ୍କ ସ୍ୱାଗତ ସମ୍ବର୍ଦ୍ଧ ପାଇଁ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଆଜି ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନବାଗତ ନେତା ଓ ଛାମୁଆ କର୍ମୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ଦଳେରେ ଯୋଗଦାନ କରିଥିବା 'ବାପା' ସଂଗଠନର ପୃଷ୍ଠପୋଷକ ବରିଷ୍ଠ ଆଇନ୍‌ଜୀବୀ ବିଜୟ କୁମାର ପାଣିଗ୍ରାହୀ, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କର ନିର୍ବାଚିତ ନିର୍ଦ୍ଦେଶକ ବନ୍ଦନା ଘଡ଼େଇ, ପୂର୍ବତନ ସମିତି ସଭ୍ୟ ସରୋଜ କୁମାର ପଣ୍ଡା, ନାରୀ ନେତ୍ରୀ ମମତା ଦେ, ଭଜେନ୍ଦ୍ର ଆଚାର୍ଯ୍ୟ, ଇଂ ସୌମ୍ୟରଂଜନ ପାତ୍ରଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଅନ୍ୟାନ୍ୟ ଦଳରୁ କର୍ମୀ ଓ ନେତାଙ୍କ ଆଗମନରେ ବାଲେଶ୍ୱରରେ ବିଜେପିର ସଂଗଠନ କ୍ରମଶଃ ସୁଦୃଢ଼ ହେଉଥିବା ବେଳେ ଏହା ଚଳିତ ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟକୁ ନିଶ୍ଚିତ କରିପାରିଛି ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଥିଲେ । ଅନ୍ୟଦଳରେ କୋଣଠେସା ହୋଇ ରହିବା ଅପେକ୍ଷା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ପରିଚାଳିତ ବିଜେପିରେ ଶୃଙ୍ଖଳିତ କର୍ମୀ ହୋଇ କାର୍ଯ୍ୟ କରିବା ଶ୍ରେୟସ୍କର ଭାବି ସେମାନେ ଦଳରେ ଯୋଗଦାନ କରିଛନ୍ତି ବୋଲି ନବାଗତମାନେ ପ୍ରକାଶ କରିଥିଲେ । ଏଥି ସହିତ ବହୁ କର୍ମୀ ମଧ୍ୟ ଆଜି ବଜେପିରେ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା । ବିଜେପି ନେତା ଦୁକୁଲୁ ଚନ୍ଦ୍ର ଘଡ଼େଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ବାଲେଶ୍ୱର ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ନଗର ସଭାପତି ଚିତ୍ତରଂଜନ ପଣ୍ଡା, ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ଚୋରା ଶାଳକାଠ ଜବତ : ଦୁଇ ଗିରଫ



ବାରିପଦା ,୨୩।୧୦ (ନି.ପ୍ର): ଗତ୨୧ ତାରିଖ ଅପରାହ୍ନ ୪ ଟା ସମୟରେ ମୟୂରଭଂଜ ଜିଲ୍ଲା ଅନ୍ତର୍ଗତ କରିଆ ବନଖଣ୍ଡର ଠାକୁରମୁଣ୍ଡା ବନାଂଚଳ ଅଧୀନସ୍ଥ ଅନ୍ଧାରିଖମଣ ଗ୍ରାମର ଦୁଇଟି ଘରେ ବନ କର୍ମଚାରୀ ମାନେ ଚଢାଉ କରି ୭୦ ଗୋଟି କବାଟ ବନ୍ଧ ସାଇଜ୍ ଶାଳକାଠ ଜବତ କରି ଦୁଇଜଣଙ୍କୁ ଗିରଫ କରିଥିବାର ଜଣାପଡିଛି । ପ୍ରାପ୍ତ ବିବରଣିରୁ ପ୍ରକାଶ ଯେ, କୌଣସି ସୂତ୍ରରୁ ଖବରପାଇ ଠାକୁରମୁଣ୍ଡା ବନାଂଚଳ ଅଧିକାରୀ ଶ୍ରୀ କିଶୋର କୁମାର ପାଣିଗ୍ରାହୀ ବନପାଳ ତପନ ମହାନ୍ତ, ଯତୀନ ବେହେରା, ବନରକ୍ଷୀ ମନୋଜ ବେହେରା, ମୌସୁମୀ ଦାସ, ଗାୟତ୍ରୀ ମହାନ୍ତ, କବିତା ବେହେରା, ସୁନିଲ ସାହୁ ଓ ସବୁଜ ବାହିନୀ ସହାୟତାରେ ୨୧ ତାରିଖ ଅପରାହ୍ନରେ ଅନ୍ଧାରିଖମଣ ଗ୍ରାମର ସରୋଜ ନାଏକ ଓ ମିଶ୍ର ନାଏକଙ୍କ ଘର ଉପରେ ଅଚାନକ ଚଢାଉ କରି ଏହି ମୂଲ୍ୟବାନ କାଠ ମାନ ଜବତ କରିବା ସହିତ ଏହି ଦୁଇଜଣଙ୍କୁ ଗିରଫ କରାଯାଇ ଥିବାର ଜଣାଯାଇଛି । ତେବେ ଦିନକୁ ଦିନ ଜିଲ୍ଲାରେ ଚୋରାକାଠ ବେପାର ବଢି ଚାଲିଥିବାରୁ ବୁଦ୍ଧିଜିବୀ ଓ ପରିବେଶବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି ।

## ପୀତାମ୍ବରା ସିଦ୍ଧମହାଶକ୍ତି ପୀଠରେ ନବରାତ୍ର ପୂଜା

ବାଲେଶ୍ୱର,୨୩।୧୦ (ନି.ପ୍ର): ଦୁର୍ଗତି ନାଶିନୀ ମାଆ ଦୁର୍ଗାଙ୍କ ଆଗମନରେ ପ୍ରତିପଦ ତିଥିଠାରୁ ବିଭିନ୍ନ ଶକ୍ତିପୀଠାରେ ଆରମ୍ଭ ହୋଇଛି ନବରାତ୍ରୀ ପୂଜା । ଦୈନିକ ପ୍ରାତଃକାଳରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହିତ ଚାଲିଛି ମାଆଙ୍କ ପୂଜାର୍ଚ୍ଚନା । ମାନସିକଧାରୀଙ୍କଠାରୁ ଆରମ୍ଭ କରି ଶ୍ରଦ୍ଧାଳୁ ଓ ସେବକମାନେ ଭକ୍ତିର ସହ କରୁଛନ୍ତି ମଆଙ୍କର ଆରଧନା । ସେହିକ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୁଲିଆ ସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ସିଦ୍ଧ ମାଆ ବଗଳାମୁଖୀଙ୍କ ପୀଠରେ ରୀତିନୀତି ଅନୁସାରେ ନବରାତ୍ର ପୂଜା ଆରମ୍ଭ ହୋଇଥିବାର ଲକ୍ଷ୍ୟ କରାଯାଇଛି । ସରକାରଙ୍କ କୋଭିଡ କଟକଣା ପାଇଁ ବିନା ଭକ୍ତରେ କେବଳ ସ୍ୱଳ୍ପ ସଂଖ୍ୟକ ସେବକଙ୍କ ଦ୍ୱାରା ପ୍ରତ୍ୟେକ ଦିନ ପ୍ରାତଃକାଳରୁ ରାତ୍ରି ପର୍ଯ୍ୟନ୍ତ ଷୋଡ଼ଶ ଉପଚାର ପୂଜା ହେବା ସହିତ ସଂଧ୍ୟାରେ ସପ୍ତଗଣ ଚଣ୍ଡିପାଠ ୧୦୮ ଆହୁତି ଆଦି କର୍ମକାଣ୍ଡ ନିୟମିତ ଚାଲିଛି ଏହି ପିଠରେ । ପଣ୍ଡିତମାନଙ୍କ ବେଦମନ୍ତ୍ରରେ ସମଗ୍ର ପରିବେଶ ହୋଇ ଉଠୁଛି ମନ୍ତ୍ରମୟ । ଦେବୀଙ୍କ ନବଶକ୍ତିକୁ ଶ୍ରଦ୍ଧାର ସହ ଆହ୍ୱାନ କରାଯାଇ ପୂଜା କରାଯାଉଛି ଏଠାରେ । ପ୍ରଥମ ଦିନରେ ଶୈଳପୁତ୍ରୀ ଦ୍ୱୀତିୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚିତ୍ରଘଂଟା, ଚତୁର୍ଥ ଦିନରେ ମା କୁଷ୍ମାଣ୍ଡା, ୫ମ ଦିବସରେ ସ୍କନ୍ଦମାତା ଓ ଷଷ୍ଠ ଦିବସରେ ମାଆଙ୍କର କାତ୍ୟାୟନୀ ସ୍ୱରୂପକୁ ପୂଜା କରାଯାଇଥିବା ବେଳେ ଆଜି ମହାସପ୍ତମୀ ତିଥିରେ ମା'ଙ୍କର କାଳରାତ୍ରୀ ସ୍ୱରୂପଙ୍କୁ ପୂଜା କରାଯାଇଥିଲା । ଅଷ୍ଟମୀ ତିଥିରେ ମାଙ୍କର ମହାଗୌରୀ ସ୍ୱରୂପ ଓ ନବମୀ ଦିନ ମା' ସିଦ୍ଧିଦାତ୍ରୀଙ୍କୁ ପୂଜା କରାଯିବାର ବିଧି ରହିଛି । ଶ୍ରୀ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠରେ ସ୍ୱତନ୍ତ୍ର ଭାବେ ସଜ୍ଜିତ ମା ବଗଳାମୂଖୀଙ୍କର ବେଶ ସେଠରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ସକଳ ଶକ୍ତିର ଆଧାର ଭାବେ ଏହି ପୀଠରେ ପୂଜା ପାଉଥିବା ମାଆ ବଗଳାମୁଖୀ ତାଙ୍କର ଭକ୍ତଙ୍କୁ ସର୍ବଦା ଅଭୟ ପ୍ରଦାନ କରିଥା'ନ୍ତି ବୋଲି ବିଶ୍ୱାସ ରହିଛି ।

## ଜମିବାଡିକୁ କେନ୍ଦ୍ରକରି କାକୀ ପୁତୁରା ହଣାକଟା : ଥାନାରେ ମାମଲା

ଜଳେଶ୍ୱର,୨୩।୧୦ (ନି.ପ୍ର): ଜଳେଶ୍‌ବର ଥାନା ଅନ୍ତର୍ଗତ ଆମ୍ବଳିଅଠା ଗାଁର ଜମିଜମାକୁ କେନ୍ଦ୍ର କରି ବହୁ ପୂର୍ବରୁ ଏକ ପରିବାର ମଧ୍ୟରେ ଭାଇମାନଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ଆସୁଥିଲା । ଆଜି ଏକ କଦଳୀକାନ୍ଧି କଟା ଘଟଣାକୁ କେନ୍ଦ୍ର କରି ମନୋଜ ଜେନାଙ୍କ ପୁଅ ଶିବଶଂକର ଓ ଲକ୍ଷ୍ମୀଧର ଜେନା ସ୍ତ୍ରୀ ନିରୁପମାଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଶେଷରେ ହାତାହାତି ହୋଇଥିଲେ । ଏଥିରେ ଶିବଶଂକର ନିରୂପମାଙ୍କୁ ଏକ ହତିଆର୍‌ରେ ହଣାକଟା କରିଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ପ୍ରକାଶଯୋଗ୍ୟ ଗତ ୧୬-୬-୨୦ରେ ଶିବ ଶଂକର କାକା ଲକ୍ଷ୍ମୀଧରକୁ ଆକ୍ରମଣ କରି ଲହୁ ଲୁହାଣ କରିବା ସହିତ ମାମଲା ନଂ ୨୦୨/୨୦ରେ ୭ ଦିନ ଗିରଫ ହୋଇଥିଲେ । ଏବେ ପୁଣି ସେପରି ଏକ ଘଟଣାରୁ ପୁନରାବୃତ୍ତି ଘଟିଥିବା ଦେଖିବାକୁ ମିଳିଛି । ସୂଚନା ଯୋଗ୍ୟ ଶିବଶଂକରର କାକୀ ନିରୁପମା ଗୁରୁତର ହୋଇ ବାଲେଶ୍ୱର ସ୍ଥାନାନ୍ତର ହୋଇଥିବା ଜଣାଯାଇଛି ।

## ସରକାରଙ୍କ ବିରୋଧରେ ନିର୍ବାଚନ ପ୍ରଚାର କରିବେ ବେକାର ଟ୍ରେଣ୍ଡ୍ ପାରା ମେଡିକାଲ ଷ୍ଟାଫ



ବାଲେଶ୍ୱର,୨୩।୧୦ (ନି.ପ୍ର): ଓଡ଼ିଶାବାସୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ବିଫଳ ହୋଇଥିବା ରାଜ୍ୟସରକାରଙ୍କ ମିଥ୍ୟା ନିଯୁକ୍ତି ପ୍ରତିଶ୍ରୁତି ବିରୋଧରେ ଚଳିତ ଉପ-ନିର୍ବାଚନ ସମୟରେ ମୁହଁ ଖୋଲିଛନ୍ତି ତାଲିମପ୍ରାପ୍ତ ଅଣନିଯୁକ୍ତ ଯୁବମଙ୍ଗଳ ନ୍ୟାସ । ବାଲେଶ୍ୱର ଓ ତିର୍ତ୍ତୋଲ ଉପ-ନିର୍ବାଚନରେ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ସମ୍ପର୍କରେ ଘର ଘର ବୁଲି ତାଲିମପ୍ରାପ୍ତ ବେକାର ପାରାମେଡିକାଲ ଷ୍ଟାଫ ଭୋଟରଙ୍କୁ ଅବଗ କରିବେ ବୋଲି ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ନ୍ୟାସର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଉଚିତ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଜନ ସାଧାରଣଙ୍କୁ ସରକାର ସର୍ବଦା ଅଣଦେଖା କରିବା ଫଳରେ ଲୋକେ ସରକାରୀ ଡାକ୍ତରଖାନା ଯିବା ଛାଡ଼ିଦେଲେଣି । ଡାକ୍ତର ନର୍ସ ଓ ପାରା ମେଡିକାଲ କର୍ମଚାରୀ ଅଭାବରୁ ଉଚିତ ଚିକିତ୍ସା ସେବା ନ ମିଳିବାରୁ ଶେଷରେ ଜନସାଧାରଣ ବାଧ୍ୟ ହୋଇ ଘରୋଇ ଡାକ୍ତରଖାନାକୁ ଯାଇ ଶୋଷଣର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ୪୦ ହଜାର ତାଲିମପ୍ରାପ୍ତ ପାରା ମେଡିକାଲ ପ୍ରାର୍ଥୀ ବେକାର ହୋଇ ଘରେ ବସିଛନ୍ତି । ବାରମ୍ବାର ଦାବି ଫଳରେ କିଛି ପାରା ମେଡିକାଲ ଷ୍ଟାଫଙ୍କୁ ନିଯୁକ୍ତି ଦେଇ କିଛିଦିନ ପରେ ସରକାର ସେମାନଙ୍କୁ ଛଟେଇ କରିଦେଲେ । ଏବେ ବେକାର ପାରା ମେଡିକାଲଙ୍କ ସଂଖ୍ୟା ଆହୁରି ବଢି ଯାଇଛି । ସରକାରଙ୍କ ଏଭଳି ନୀତିକୁ ବିରୋଧରେ ତାଲିମପ୍ରାପ୍ତ ଅଣନିଯୁକ୍ତ ଯୁବମଙ୍ଗଳ ନ୍ୟାସ ଚଳିତ ଉପ-ନିର୍ବାଚନରେ ଜନ ସାଧାରଣଙ୍କ ପାକକୁ ଯିବା ପାଇଁ ନିଷ୍ପତି ନେଇଛି । ଏମିତିକି ଏହି ଭଣ୍ଡ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ପାଇଁ ସଂଗଠନ ପକ୍ଷରୁ ଉଦ୍ୟମ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ସଂଜିତା ମହାପାତ୍ର, ପୂର୍ଣେନ୍ଦୁ ବିକାଶ ମହାନ୍ତ, ସହଦେବ ଘୋଷ, ଦୀପକ କୁମାର ପାଲବାବୁ, ଗୁରୁପ୍ରସାଦ ମହାନ୍ତ ପ୍ରମୁଖ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo